Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

୩୩ ଭାଗ | ତା ୨୩ ରିଖ ମାହେ ଜୁଲାଇ ସନ ୧୮୯୮ ମସିହା । ମୁ। ୭ଇ ଶ୍ରାବଣ ସନ ୧୩୦୫ ସାଲ ଶନିବାର । | ଅଗ୍ରୀମ ଟ ୩
୩୦ ସଂଖ୍ୟା | | ପଶ୍ଚାଦେୟ ଟ ୬

ହାଜି ସାବୁହିଦ୍ଦିନ୍‌ଙ୍କର ଜନରପୁର ଗୋଦାମର କର୍ମଚାରୀମାନେ ବାବନ ପଧାନର ଏଣ୍ଡଗାଡ଼ ଗୁଡ଼ିକ ବଳପୂର୍ବକ ନେଇଥିବା ମୋକଦ୍ଦମାର ପ୍ରସଙ୍ଗ ଚଳତମାସ ତା ୫ ସଂଖ୍ୟାରେ ପ୍ରକାଶ କରିଥିଲୁଁ । ଅପିଲରେ ଜଇଣ୍ଟମାଜିଷ୍ଟ୍ରେଟ ଗତ ତା ୧୫ ରିଖରେ ନିମ୍ନ ଅଦାଲତର ନିଷ୍ପତ୍ତି ବାହାଲ ରଖିଲେ ସୁତରାଂ ଆସାମିମାନେ ଦଣ୍ଡରୁ ଅବ୍ୟାହତି ପାଇ ପାରିଲେ ନାହିଁ ମାଜିଷ୍ଟ୍ରେଟଙ୍କ ଲିଖିତ ଦୀର୍ଘ ରାୟରୁ ଜଣାଯାଏ ଯେ ସେ ଅପିଲାଣ୍ଟମାନଙ୍କର ସମସ୍ତ ଆପତ୍ତି ମନୋଯୋଗ ସହିତ ଶ୍ରବଣ କରି ଯଥାର୍ଥ ବିଚାର କରିଅଛନ୍ତି ।

---

ଓଡ଼ିଆ ଗବର୍ଣ୍ଣମେଣ୍ଟ ଗେଜେଟ ଛାପା କରିବାର ଯେଉଁ ଚୁକ୍ତି ଓଡ଼ିଶା ମିଶନ ପ୍ରେସ ସଙ୍ଗେ ହୋଇଥିଲା ତାହା ଗତ ଜୁନମାସ ତା ୩୦ ରିଖରେ ଶେଷ ହେବାରୁ ମାନ୍ୟବର ଓଡ଼ିଶାର କମିଶନର ସାହେବ ଆଉ ପାଞ୍ଚବର୍ଷ ନିମନ୍ତେ କଣ୍ଟ୍ରାକ୍ଟ ଦେବାର ଇଚ୍ଛା କରି ବିଜ୍ଞାପନ ଦେଇଅଛନ୍ତି । ସ୍ଥାନୀୟ ଯନ୍ତ୍ରାଳୟର ଅଧିକାରୀମାନଙ୍କ ମଧ୍ୟରୁ ଯେଉଁମାନେ କଣ୍ଟ୍ରାକ୍ଟ ନେବାକୁ ଇଚ୍ଛା କରିବେ ସେମାନେ ଗେଜେଟର ପ୍ରତିପୃଷ୍ଠା କେଉଁ ଦରରେ ଛାପା କରିବେ ତାହା ଲେଖି ଚଳତମାସ ତା ୨୫ ରିଖ ପୂର୍ବେ ଆବେଦନପତ୍ର ପଠାଇବେ । ବର୍ତ୍ତମାନ ଦର ପ୍ରତି ପୃଷ୍ଠା ଟ ୧/ ଅଛି ।

---

ବଙ୍ଗୋପସାଗରରୁ ମାଛ ଧରି ବ୍ୟବସାୟ କରିବାର ଗୋଟିଏ ପ୍ରସ୍ତାବ ଅନେକ ଦିନରୁ ହୋଇଥିଲା । ବର୍ତ୍ତମାନ୍ ତାହା କାର୍ଯ୍ୟରେ ପରିଣତ ହୋଇ ଭାରତୀୟ ମାଛ ଧରା କମ୍ପାନୀ ନାମରେ ଗୋଟିଏ ବ୍ୟବସାୟୀ ସମାଜ ଗଠିତ ଏବଂ ଆଇନାନୁସାରେ ରେଜିଷ୍ଟରୀ ହୋଇଅଛି । କମ୍ପାନୀର ମୂଳଧନ ଏକଲକ୍ଷ ପାଉଣ୍ଡ ( ପ୍ରାୟ ୧୫ ଲକ୍ଷ ଟଙ୍କା ) କାର୍ଯ୍ୟାରମ୍ଭ ନିମନ୍ତେ ଯେତେ ଟଙ୍କା ଆବଶ୍ୟକ ତାହା ଶୀଘ୍ର ହସ୍ତଗତ ହେବାର ସ୍ଥିର ହୋଇଅଛି । ଡାଇରେକ୍ଟରମାନଙ୍କ ମଧ୍ୟରେ ସର୍. ଜ, ବରଡଉଡ଼ ଭାରତୀୟ ତାଡ଼ିତ ବାର୍ତ୍ତା ବିଭାଗର ପୂର୍ବ ଡାଇରେକ୍ଟର ଓ, ଆର, ବୂକ, ବ୍ରିଟେନୀୟ ମାଛ ଧରା କମ୍ପାନୀର ଚେୟାରମେନ ପ୍ରଭୃତି ଅଛନ୍ତି । ଉଦ୍ୟମଶୀଳ ଅଧ୍ୟବସାୟୀ ବଙ୍ଗାଳୀ ଲୋକମାନେ ଭାରତର ଗୋଟିଏ ବ୍ୟବସାୟ କ୍ରମେ ମାଡ଼ି ବସୁଅଛନ୍ତି ମାତ୍ର ଆମ୍ଭେମାନେ ନିଶ୍ଚିନ୍ତ ଶୋଇଅଛୁଁ । ଯେତେବେଳେ ଉଠିବୁଁ ଦେଖିବୁ ଯେ ରୋଜଗାରର ସମସ୍ତ ବାଟ ବନ୍ଦ ହୋଇଅଛି ।

---

ପଞ୍ଜାବ ପ୍ରଦେଶରେ ଗୋରାସିପାହିମାନଙ୍କ ବିଲାତି ରୁଟି ଯୋଗାଇବା ଅଭିପ୍ରାୟରେ ଭାରତ-ଗବର୍ଣ୍ଣମେଣ୍ଟ ବିଲାତରୁ ଜଣେ ଭଲ ରୁଟିବାଲାକୁ ପଞ୍ଜାବକୁ ଆଣାଇ ସେଠାରେ ରୁଟି ପ୍ରସ୍ତୁତ କରିବାର ଶିକ୍ଷା ଦେବା ନିମନ୍ତେ ଗୋଟିଏ ବିଦ୍ୟାଳୟ ପରିସ୍ଥାପନ କଲେ ଏବଂ ପ୍ରତିବର୍ଷ କମିସରିଏଟ ଏଲ୍‌କାର ୧୨ଜଣ ସରଜଣ୍ଟ ରୁଟି ପ୍ରସ୍ତୁତ କରିବାକୁ ଶିଖିଲେ । ପ୍ରତି ଛମାସରେ ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହେଲେ ସେମାନଙ୍କୁ ଏକ ଏକ ସୈନ୍ୟାବାସକୁ ରୁଟି ପ୍ରସ୍ତୁତ କରିବା କାର୍ଯ୍ୟରେ ପଠାଗଲା । ଏହି ଉପାୟ ଏମନ୍ତ ସଫଳ ହୋଇଅଛି ଯେ ବର୍ତ୍ତମାନ ପଞ୍ଜାବର ସମସ୍ତ କାଣ୍ଟନମେଣ୍ଟରେ ବିଲାତି ସ୍ୱାଦରେ ରୁଟି ପ୍ରସ୍ତୁତ ହେଉଅଛି । ବମ୍ବେଇ ବିଭାଗର ସୈନ୍ୟାଧ୍ୟକ୍ଷ ସମ୍ପ୍ରତି ଏହି ଉପାୟ ଅବଲମ୍ବନ ପୂର୍ବକ ପୁନା-ଠାରେ ବିଲାତି ରୁଟି ପ୍ରସ୍ତୁତ କରିବାର ଗୋଟିଏ ବିଦ୍ୟାଳୟ ବସାଇ ପେସବାବରୁ ସରଜଣ୍ଟ ଇ, ଏଡଗରଙ୍କୁ ଶିକ୍ଷକ ନିଯୁକ୍ତ କରି ଆଣିଅଛନ୍ତି । ଉତ୍ତମ ବିଲାତି ରୁଟି ପ୍ରସ୍ତୁତ କରିବାର ଶିଖିବାକୁ ମା ୬ ସ ଲାଗେ ଏହା ଅଳ୍ପ ଅଭ୍ୟାସର କାର୍ଯ୍ୟ ନୁହେ ।

---

ବଙ୍ଗେଶ୍ୱର ମାନ୍ୟବର ସରଜାନ ଉଡବରନ ଦାରଜିଲିଂରୁ କଲିକତାକୁ ଆସି ପ୍ରତିଦିନ ନଗର ଭ୍ରମଣ କରି ନଗରର ସ୍ୱାସ୍ଥ୍ୟରକ୍ଷାର କାର୍ଯ୍ୟମାନ ପ୍ଲେଗ ଡାକ୍ତରର ସାଧାରଣ ହସପାତାଲମାନ ଏବଂ ସମ୍ପ୍ରଦାୟ ବା ବ୍ୟକ୍ତି ବିଶେଷର ହିତାର୍ଥେ ପ୍ରସ୍ତୁତ ହୋଇଥିବା ପ୍ଲେଗ ହାସପାତାଲମାନ

Digitized by srujanika@gmail.com

ପରିବର୍ତ୍ତନ କରି ଯେପରି ପ୍ଲେଗ ଦମନ ହୁଏ ଅଥଚ ଲୋକମାନଙ୍କର କଷ୍ଟ ବା ଅସୁବିଧା ନ ହୁଏ ତହିଁ ନିମନ୍ତେ ବିଶେଷ ମନୋଯୋଗୀ ଅଛନ୍ତି ଏବଂ ସେଥିପାଇଁ କଲିକତା ବାସୀମାନେ ତାହାଙ୍କୁ ଅସଂଖ୍ୟ ଧନ୍ୟବାଦ ଦେଉଅଛନ୍ତି। ସିମଲାଠାରେ ଗୋଟିଏ ପ୍ଲେଗ କମିଟି ବସିବାରୁ ମାନ୍ୟବର ମହୋଦୟ ସେଠାକୁ ଯାଇ କମିଟି ସଙ୍ଗେ ପରାମର୍ଶ କରିବାର ସ୍ଥିର କରିଅଛନ୍ତି। କଲିକତାରେ ମା ୩ ସରୁ ଅଧିକ ହେଲା ପ୍ଲେଗ ଲାଗିଥିବା ସ୍ଥଳେ ଅନ୍ୟାନ୍ୟ ପ୍ରଦେଶର ପ୍ଲେଗ ଆକ୍ରାନ୍ତ ନଗରବାସୀଙ୍କ ପରି ଏଠା ଲୋକମାନେ କଷ୍ଟ ଭୋଗ କରି ନାହାନ୍ତି ଏହା କେବଳ ମାନ୍ୟବର ମହୋଦୟଙ୍କର ସୁବିଚାର ଓ ପ୍ରଜାବତ୍ସଲତାର ଫଳ ଅଟେ।

---

ଗତମାସ ତା ୧୫ ରିଖରେ କେନ୍ଦ୍ରାପଡ଼ା ହାଇସ୍କୁଲର ଛାତ୍ରମାନଙ୍କର ପୁରସ୍କାର ବଣ୍ଟନ ହୋଇ ଯାଇଅଛି ସ୍କୁଲ ଗୃହଟି ପୁଷ୍ପ ଆଦି ଦ୍ୱାରା ଅତି ସୁନ୍ଦରରୂପେ ସଜ୍ଜିତ ହୋଇଥିଲା। ଅମ୍ଭମାନଙ୍କର ମାନନୀୟ ମାଜିଷ୍ଟ୍ରେଟ ଓ କଲେକ୍ଟର ସଯୁକ୍ତ ଗ୍ରାହମ୍ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ। ଟାଉନର ପ୍ରାୟ ସମସ୍ତ ଗଣ୍ୟ ମାନ୍ୟ ବ୍ୟକ୍ତିମାନେ ସଭାସ୍ଥଳେ ଉପସ୍ଥିତ ଥିଲେ। ପ୍ରଥମତଃ ହେଡ୍ ମାଷ୍ଟର ମୌଲବୀ ଜମିଲୁଦ୍ଦିନ ମହମ୍ମଦ ସ୍କୁଲର ବିବରଣ ପାଠ କଲାରୁ ଛାତ୍ରମାନେ କେତେକ ଅଭ୍ୟସ୍ତ ପଦ୍ୟ ପାଠ କରି ସମସ୍ତ ବ୍ୟକ୍ତିଙ୍କୁ ଆମୋଦିତ କରାଇଥିଲେ। ତତ୍ପରେ ସାହେବ ମହୋଦୟ ସ୍ୱହସ୍ତରେ ପୁରସ୍କାର ବଣ୍ଟନ କଲା ପର ଗୋଟିଏ କ୍ଷୁଦ୍ର ଉତ୍ସାହପୂର୍ଣ୍ଣ ବକ୍ତୃତା ପ୍ରଦାନ କରିଥିଲେ। ସେ ଅନ୍ୟାନ୍ୟ କଥା ମଧ୍ୟରେ ଗତ ପ୍ରବେଶିକା ପରୀକ୍ଷାରେ ସ୍କୁଲର ଉତ୍କୃଷ୍ଟ ଫଳ ଓ ପଦାସ୍ତ୍ର ନିର୍ମାଣାର୍ଥେ ଆଳ ରାଜାଙ୍କର ବଦାନ୍ୟତାର ପ୍ରଶଂସା କରି କନିକା ଓ କୁଜଙ୍ଗ ରାଜାମାନଙ୍କରୁ ତଦର୍ଥେ ସାହାଯ୍ୟ ପାଇବାର ଉଲ୍ଲେଖ କରିଥିଲେ।

---

କଲିକତା ମହାମାରୀ ପ୍ଲେଗ ସମ୍ବନ୍ଧରେ ଗୋଟିଏ ରହସ୍ୟ ଗଳ୍ପ ଅବଗତ ହୋଇ ପାଠକମାନଙ୍କ କୌତୁକାର୍ଥେ ନିମ୍ନେ ଲେଖୁଅଛୁଁ। ପ୍ଲେଗ ଅବା ତତ୍କାଳ ପ୍ରତୀକାର ଭୟରେ ଅନେକ ଲୋକ କଲିକତାରୁ ପଳାଇଥିବାର ପାଠକମାନେ ଜାଣନ୍ତି। ଏ ବିଷୟ ଜଣେ ଲୋକ ନିକଟରେ ପଳାଇଆସି କହିଲା କି କଲିକତାରେ ପ୍ଲେଗ ରୋଗ ହୋଇ ନାହିଁ ଏବେ ଗଣ୍ଡଗୋଳର କାରଣ ଏହି କି ବମ୍ବଇରେ ଅନେକ ଲୋକ ପ୍ଲେଗ ରୋଗରେ ମରିଯିବାରୁ ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କ ଗଭର୍ଣ୍ଣମେଣ୍ଟ ଘୋଷଣା ଦେଲେ ଯେ ଯେଉଁ ଡାକ୍ତର ଔଷଧ ଆବିଷ୍କାର କରି ଏ ରୋଗ ନିବାରଣ କରିଦେବେ ସେ ଲକ୍ଷ ଟଙ୍କା ପୁରସ୍କାର ପାଇବ। ଏ ପୁରସ୍କାର ଲୋଭରେ କଲିକତାର କେତେକ ଜଣ ଡାକ୍ତର ଏକମେଳ ହୋଇ ସେଠାରେ ରୋଗ ଘଟିବାର ମିଥ୍ୟାରେ ରଟନା କରି ଟୀକା ଇତ୍ୟାଦି ଉପାୟରେ ବିଷ ପ୍ରୟୋଗ କରି ମନୁଷ୍ୟ ମାରିପକାଉଅଛନ୍ତି। ଏହିପ୍ରକାରରେ ଘନ ପୃଥକ ଲୋକ ନାଶ କଲାରୁ ବିଷ-ପ୍ରୟୋଗ ବନ୍ଦ କରିବେ ତହୁଁ ଆଉ ମନୁଷ୍ୟ ମରିବେ ନାହିଁ। ତହୁଁ ସେମାନେ ରୋଗ ନିବାରଣ କରିବାର କହି ପୁରସ୍କାର ନେବେ ଡାକ୍ତର ମାରିପକାଇବା ଭୟରେ ସମସ୍ତେ ପଳାଉଅଛନ୍ତି ମୁଁ ବି ପଳାଇଅଛି। ଅମ୍ଭେମାନେ ଆଶା କରୁଁ ପାଠକମାନେ ଏହା ପାଠ କରି ହସିବେ ଏବଂ ରଚୟିତାର କଳ୍ପନା ଦୌଡ କେତେଦୂର ବିଚାର କରିବେ।

---

କଲିକତାର ଅନ୍ତଃପାତି ବାସ୍କପୁରର ପ୍ରସିଦ୍ଧ ଡାକ୍ତର ସୁରେନ୍ଦ୍ର ସରକାର ଗତ ଅପ୍ରେଲ ମାସ ତା ୩୦ ରିଖ ରାତ୍ରି ୯ ଘଣ୍ଟା ବେଳେ ଆପଣା ଘର ଭିତରେ ଥିଲେ। ତାହାଙ୍କ ଦ୍ୱାରରେ କେତେକଜଣ ଗୋରା ସିପାହୀ ଆସି ଗୋଳମାଳ କରିବାରୁ ସେ ଦାଣ୍ଡକୁ ବାହାରି ଆସି ନିଷେଧ କରିବାରେ ସିପାହୀମାନେ ତାହାଙ୍କୁ ମାରପିଟ କରି ମାରି ପକାଇଲେ। ଏହି ଅଭିଯୋଗରେ ଓଗ୍ରାଇନ, ଡଇକମ୍ ଏବଂ ଗ୍ରତ ଏହି ତିନିଜଣ ଗୋରା ସିପାହୀ ଗ୍ରେପ୍ତାର ହୋଇ ଦଉରା ସୁପରଦ ହେବାରୁ ହାଇକୋର୍ଟର ଦଉରା ମିସନରେ ପ୍ରଧାନ ବିଚାରପତି ସର ମାକ୍ଲିନ ସାହେବ ବିଶେଷ ଜୁରିଙ୍କ ସାହାଯ୍ୟରେ ମୋକଦ୍ଦମାର ବିଚାର କରୁଅଛନ୍ତି। ଏଥର ହାଇକୋର୍ଟର ଦଉରା ମୋକଦ୍ଦମାମାନ ବିଚାର କରିବାର ଭାର ବିଚାରପତି ଜେନକିନସ ସାହେବ ପାଇଥିଲେ। କେବଳ ଏହି ମୋକଦ୍ଦମାଟି ପ୍ରଧାନ ବିଚାରପତି ବିଚାର କରିବାର ବିଶେଷ କାରଣ କିଛି ଜଣାଯାଇ ନାହିଁ। ପ୍ରଧାନ ବିଚାରପତି ରକ୍ତବର୍ଣ୍ଣ ପୋଷାକ ପିନ୍ଧି ସାଜସଜ୍ଜ ମୁକୁଟ ଏବଂ ଦଣ୍ଡ ହାତରେ ଧରି ମିସନକୁ ବିଜେ କଲାବେଳେ ଅଗ୍ରେ୨ ଷ୍ଟେପହାରମାନେ ଆଶା ସୋଟା ଘେନି ଏବଂ ପଶ୍ଚାତରେ ଚପରାସିମାନେ ସୁସଜ୍ଜିତ ସଇନିକମାନ ଘେନି ଧୀର ଗମ୍ଭୀର ଭାବରେ ପଦକ୍ଷେପ କରୁଥିଲେ। ବର୍ତ୍ତକଙ୍କର ଭିଡ଼ ଭର୍ତ୍ତି ହୋଇଥିଲା ଏବଂ ଗୋରା ସିପାହୀମାନେ ପ୍ରତିଦ୍ୱାର ରକ୍ଷା କରିବା କାର୍ଯ୍ୟରେ ନିଯୁକ୍ତ ଥିଲେ। ସଙ୍କୋଚ ବିଶ୍ୱସ୍ତଲଙ୍କର ଏହିପରି ସମ୍ମାନ ହେବା ଉଚିତ। ଉଭୟ ପକ୍ଷକୁ ବଡ଼୨ ବାରିଷ୍ଟରମାନେ ନିଯୁକ୍ତ ହୋଇ ବଡ଼ ଧୂମଧାମରେ ମୋକଦ୍ଦମା ଚଳାଉଅଛନ୍ତି। ବିଚାରର ଫଳ ଜଣାଯାଇ ନାହିଁ।

---

ସ୍ପେନ ମାର୍କିନ ଯୁଦ୍ଧ।

ସାନ୍ତିଆଗୋର ସମ୍ମୁଖରେ ସ୍ପେନ ଯେ ପରିମାଣ ଯୁଦ୍ଧସଜ୍ଜ ହୋଇଥିଲେ ତାହା ଗତ ପତ୍ରିକାରେ ପ୍ରକାଶିତ ହୋଇଥିଲା। ବାରୁଦ ଗୋଳ ଇତ୍ୟାଦି ସମସ୍ତ ଶେଷ ହେଲା ଏବଂ ସେହି ଅବସ୍ଥାରେ ନୌସେନାପତି ସର୍ଭେରା ପଳାଇବାକୁ ଚେଷ୍ଟା କରନ୍ତେ ରଣ ଜାହାଜମାନ ସମୂଳେ ଧ୍ୱଂସ ହେଲା ଏବଂ ସେ ବନ୍ଦୀ ହେଲେ। ତହିଁର ଦୁଇଦିନ ଉତ୍ତାରୁ ମାର୍କିନ ଜାହାଜରୁ ଏକ ଗୋଳ ସାନ୍ତିଆଗୋ ନଗର ମଧ୍ୟରେ ପଡି ବାରୁଦଖାନାଟି ଉଡିଗଲା। ତଥାପି ସ୍ପେନୀୟ ଜେନେରଲ ଅଧିକ ଯୁଦ୍ଧ କରିବାକୁ ଆଶା ରଖିଥିଲେ। ମାତ୍ର ମାର୍କିନର ଜେନେରଲ ସାଫଟର ତହିଁର ଦଫଲତା ଦେଖାଇ ସାନ୍ତିଆଗୋ ସମର୍ପଣ କରିବାକୁ ପୁନଃ୨ କହିବାରୁ ସ୍ପେନୀୟ ଜେନେରଲ ସସୈନ୍ୟେ ଆତ୍ମସମର୍ପଣ କରି ସାନ୍ତିଆଗୋ ଛାଡିଦେଲେ। ସମର୍ପଣର ଚୁକ୍ତି ଏହିପରି ହୋଇଅଛି କି ସ୍ପେନୀୟ ସୈନ୍ୟମାନଙ୍କୁ ମାର୍କିନ ଆପଣା ଜାହାଜରେ ନେଇ ସ୍ପେନରେ ପହଞ୍ଚାଇ ଦେବେ ଏବଂ ସରଦାରମାନେ ତରବାରି ରଖି ପାରିବେ। ବର୍ତ୍ତମାନ ମାର୍କିନଙ୍କର ଛାଉଣିରେ ପ୍ରାୟ ୧୫ ହଜାର ସ୍ପେନୀୟ ସୈନ୍ୟ ବନ୍ଦୀ ହୋଇ ରହିଅଛନ୍ତି। ଏଥିଉତ୍ତାରୁ ଆଉ ଯୁଦ୍ଧର ସମ୍ଭବ ନାହିଁ। ଆଶା ହୁଏ ଶୀଘ୍ର ସ୍ପେନ ସନ୍ଧିର ପ୍ରସ୍ତାବ କରିବେ। ମାର୍କିନ ସନ୍ଧି କରିବାକୁ ପ୍ରସ୍ତୁତ ଏବଂ ସେଠାର ଏକ ସମ୍ବାଦପତ୍ରରେ ସନ୍ଧିର ନିୟମମାନ ବାହାରିଅଛି। ସେ ନିୟମମାନ ଏହିକି କ୍ୟୁବା ସ୍ୱାଧୀନ ହେବ ଏବଂ ପୁଏର୍ଟୋ ଦ୍ୱୀପ ଓ ଟପୋଭର୍ଷ୍ଟୋ ଫିଲିପୋ ମାର୍କିନ ଦଖଲ କରିବେ। ମାର୍କିନର ସଙ୍ଗତି ଯୁଦ୍ଧର ଖର୍ଚ୍ଚ ଖେସାରତ ରୂପେ ସ୍ପେନଠାରୁ ମାଗି କରିବେ ନାହିଁ ଏବଂ ସ୍ପେନୀୟ ସୈନ୍ୟ କ୍ୟୁବାରୁ ବିଦାୟ ନ ହେବା ପର୍ଯ୍ୟନ୍ତ କ୍ୟୁବାର ଲୋକମାନଙ୍କୁ ସାନ୍ତିଆଗୋ ଅର୍ପଣ କରିବେ ନାହିଁ।

Split by PDF Splitter

Digitized by srujanika@gmail.com

ଅଙ୍କର ଏହି ଜନ୍ମମାନଙ୍କ ସମ୍ବନ୍ଧରେ ଶେଳର ମତ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ । ମାତ୍ର ଶୀଘ୍ର ସନ୍ଧି ହେବା ବାଞ୍ଛନୀୟ ଏବଂ ମାଇକଲର ଦାସ ଅଭଲିନ୍ତ ବୋଧ ହେଉ ନାହିଁ । କଉବାର ସ୍ୱାଧୀନତା ନିମନ୍ତେ ମାଇକେଲ ଯୁଦ୍ଧରେ ପ୍ରବୃତ୍ତ ହୋଇଥିବା ପ୍ରତ୍ୟେକେ ସେହି ସ୍ୱାଧୀନତା ପ୍ରଦାନ କରିବା ସନ୍ଧିର ମୂଳ ବିଷୟ ହେଉଅଛି ।

---

କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷାର ଫଳ ।

ପ୍ରବେଶିକା

ପରୀକ୍ଷାର ଫଳ ଅନେକ ବିଲମ୍ବରେ ବାହାରିବାରେ ଛାତ୍ରମାନଙ୍କର ଯେତେ କଷ୍ଟ ଏବଂ ଅସୁବିଧା ଘଟିଅଛି ତାହା ସମ୍ବନ୍ଧରେ ଜଣା ପୁନରାବୃତ୍ତିର ପ୍ରୟୋଜନ ନାହିଁ । ଗତ ବର୍ଷରେ ମଇ ମାସରେ ଫଳ ବାହାରିଥିଲା ଏଥର ପ୍ରାୟ ଏକମାସରୁ ଉର୍ଦ୍ଧ୍ୱ ଢୁଳି ଯାଇଅଛି । ଛାତ୍ରମାନଙ୍କଠାରୁ ବେତନ ନେବା ସମୟରେ ବର୍ଷର ଆରମ୍ଭରୁ କଡ଼ା ଗଣ୍ଡା ଗଣି ନିଆଯାଏ କିନ୍ତୁ ପଢ଼ା ଆରମ୍ଭ କରିବାରେ ମାସେ ଦୁଇମାସ ବିଳମ୍ବ ହେବାରୁ କପରି କ୍ଷତିପୂରଣ ହେବ ?

ଗତବର୍ଷ ଅର୍ଥାତ ସନ ୧୮୯୭ ମସିହାରେ ୫୯୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୪୭୫ ପାସ କରିଥିଲେ ଅର୍ଥାତ ୧ମ ଶ୍ରେଣୀରେ ଜ ୭୨୯ ଣ ୨ୟରେ ଜ ୧୫୭୯ଣ ଓ ୩ୟରେ ଜ ୧୨୧୭ ଣ ଏଥିରୁ ଦେଖାଯାଏ ଗତବର୍ଷ ଶତକଡ଼ା ଜ ୫୮ ଣ ପାସ କରିଥିଲେ । ଚଳିତ ବର୍ଷରେ ଜ ୬୨୮୯ଣ ପରୀକ୍ଷାର୍ଥୀ ମଧ୍ୟରୁ ଜ ୩୧୯୩ ଣ ଅର୍ଥାତ୍ ୧ମ ଶ୍ରେଣୀରେ ଜ ୬୩୧ ଣ, ୨ୟରେ ଜ ୧୩୧୯ ଣ ଓ ୩ୟରେ ଜ ୧୨୪୩ ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଏ ବର୍ଷ ଶତକଡ଼ା ଜ ୫୩ ଣ ପାସ କରି ଅଛନ୍ତି । ଗତବର୍ଷ ତୁଳନାରେ ମୋଟଫଳ ମନ୍ଦ ହୋଇଅଛି ।

ଓଡ଼ିଶା ସ୍କୁଲ ମଧ୍ୟରୁ ଲକ୍ଷଣନାଥ ଛାଡ଼ି ଅନ୍ୟ ସବୁ ସ୍କୁଲର ଓ ବାହାରଛାତ୍ରମାନେ କଟକ କେନ୍ଦ୍ରରେ ପରୀକ୍ଷା ପ୍ରଦାନ କରିଥାଅନ୍ତି । ଏହି କେନ୍ଦ୍ରରେ ଜ ୯୫ ଣ ଛାତ୍ର ଉପସ୍ଥିତ ହୋଇଥିଲେ । ଲକ୍ଷଣନାଥ ସ୍କୁଲରୁ କେତେଜଣ ଛାତ୍ର ପରୀକ୍ଷା ଦେଇଥିଲେ ଜଣା ନାହିଁ ମାତ୍ର ତିନିଜଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ସୁତରାଂ ଅନ୍ତତଃ ଉକ୍ତ ସ୍କୁଲର ତିନିଜଣ ପରୀକ୍ଷାର୍ଥୀ ସଂଖ୍ୟା ଗ୍ରହଣ କଲେ ଓଡ଼ିଶାର ମୋଟ ପରୀକ୍ଷାର୍ଥୀ ସଂଖ୍ୟା ଜ ୯୮ ଣ ହେଉଅଛି ଓ ପାସ ସଂଖ୍ୟା ୫୭ ହେଉଅଛି ଏଥିରୁ ଦେଖା ଯାଉଅଛି ଯେ ଏ ବର୍ଷ ଶତକଡ଼ା ଜ ୫୮ ଣ ପାସ କରିଅଛନ୍ତି । ମୋଟଫଳ ତୁଳନାରେ ଓଡ଼ିଶାର ଫଳ ସରସ ବୋଲିବାକୁ ହେବ ସନ୍ଦେହ ନାହିଁ । ଓଡ଼ିଶାର ଭିନ୍ନ ସ୍କୁଲର ପରୀକ୍ଷାର୍ଥୀ ସଂଖ୍ୟା ଓ ଶ୍ରେଣୀ ଅନୁସାରେ ଉତ୍ତୀର୍ଣ୍ଣ ସଂଖ୍ୟାର ତାଲିକା ନିମ୍ନେ ପ୍ରଦତ୍ତ ହେଲା ।

| ବିଦ୍ୟାଳୟର ନାମ | ପ୍ରାର୍ଥୀ | ଉତ୍ତୀର୍ଣ୍ଣ ୧ମ | ୨ୟ | ୩ୟ | ମୋଟ |
|---|---|---|---|---|---|
| କଟକ ରେ: କ: ସ୍କୁଲ | ୧୬ | ୭ | ୪ | ୨ | ୧୩ |
| " ପି, ଏମ, ଏକାଡେମୀ | ୭ | ୦ | ୨ | ୨ | ୪ |
| " ମିସନ ହାଇସ୍କୁଲ | ୭ | ୦ | ୨ | ୩ | ୫ |
| କେନ୍ଦ୍ରାପଡ଼ା " | ୧୨ | ୨ | ୪ | ୩ | ୮ |
| ଯାଜପୁର " | ୨ | ୦ | ୨ | ୦ | ୨ |
| ପୁରି ଜିଲ୍ଲା " | ୩ | ୩ | ୦ | ୦ | ୩ |
| ଖୋର୍ଦ୍ଧା " | ୭ | ୧ | ୨ | ୦ | ୩ |
| ବାଲେଶ୍ୱର ଜିଲ୍ଲା ସ୍କୁଲ | ୧୧ | ୦ | ୨ | ୩ | ୫ |
| " ସି, ହାଇସ୍କୁଲ | ୯ | ୦ | ୦ | ୨ | ୨ |
| ଭଦ୍ରକ " | ୩ | ୦ | ୧ | ୧ | ୨ |
| ଲକ୍ଷଣନାଥ ଜଣାନାହିଁ | | ୦ | ୧ | ୨ | ୩ |
| ମୟୂରଭଞ୍ଜ " | ୩ | ୦ | ୦ | ୧ | ୧ |
| ଢେଙ୍କାନାଳ " | ୪ | ୦ | ୧ | ୨ | ୩ |
| ବାହାରଛାତ୍ର | ୧୩ | ୦ | ୦ | ୩ | ୩ |
| | ୯୫ | ୧୦ | ୨୩ | ୨୪ | ୫୭ |

ଉପରୋକ୍ତ ତାଲିକାରୁ ସ୍ପଷ୍ଟ ଦେଖା ଯାଉଅଛି ଯେ ପୁରୀ ସ୍କୁଲ ଓ ରେଭେନସା କଲେଜିଏଟ ସ୍କୁଲର ଫଳ ସନ୍ତୋଷ ଜନକ ହୋଇଅଛି । ଏକପକ୍ଷରେ କଲେଜିଏଟ ସ୍କୁଲର ସଂଖ୍ୟାରେ ଯେପରି ବେଶି ହୋଇଅଛି ଅନ୍ୟ ପକ୍ଷରେ ପୁରୀ ସ୍କୁଲର ଶତକଡ଼ା ଶହେଜଣ ଓ ପୁଣି ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଗତବର୍ଷ ରେଭେନସା କଲେଜିଏଟ ସ୍କୁଲର ଜ ୧୯ ଣ ମଧ୍ୟରୁ ୧ମ ଶ୍ରେଣୀରେ ଜ ୩ ଣ ୨ୟରେ ଜ ୬ ଣ ଓ ୩ୟରେ ଜ ୮ ଣ ମୋଟ ଜ ୧୭ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏ ବର୍ଷ ଜ ୧୬ ଣ ମଧ୍ୟରୁ ଜ ୧୩ ଣ ଉତ୍ତୀର୍ଣ୍ଣ ହେବା ସାମାନ୍ୟ ଊଣା ହେଲେହେଁ ପ୍ରଥମ ଓ ୨ୟ ଶ୍ରେଣୀରେ ଅଧିକ ଛାତ୍ର କୃତକାର୍ଯ୍ୟ ହେବାରୁ ତାହା ଲୁଚି ଯାଇ ସ୍କୁଲର ଗୌରବ ସୁରକ୍ଷିତ ହୋଇଅଛି ।

ବାଲେଶ୍ୱର ଜିଲ୍ଲା ସ୍କୁଲରେ ଗତବର୍ଷ ଜ ୬ ଣ ମଧ୍ୟରୁ ଜ ୪ ଣ ପାସ କରିଥିଲେ ଓ କେହି ୧ମ ଶ୍ରେଣୀରେ ନ ଥିଲେ । ଏ ବର୍ଷ ଶତକଡ଼ା ଜ ୪୫ ଣ ପାସ କରିବାରୁ ସର୍ବମତେ ମନ୍ଦଫଳ ହୋଇଅଛି । ସରକାରୀ ସ୍କୁଲ ମଧ୍ୟେ ଏହି ନିତାନ୍ତ ଊଣା ।

ସରକାରୀ ସାହାଯ୍ୟପ୍ରାପ୍ତ ସ୍କୁଲ ମଧ୍ୟରୁ କେନ୍ଦ୍ରାପଡ଼ା ସ୍କୁଲରୁ ଗତବର୍ଷ ଜ ୧୦ ଣ ମଧ୍ୟରୁ ଜ ୧ ଣ ଉତ୍ତୀର୍ଣ୍ଣ ହୋଇଥିଲା ଏବର୍ଷ ଜ ୧୨ ଣ ମଧ୍ୟରୁ ଜ ୮ ଣ ଅର୍ଥାତ ଶତକଡ଼ା ଜ ୬୭ ଣ ଉତ୍ତୀର୍ଣ୍ଣ ହେବା ବିଶ୍ୱବିଦ୍ୟାଳୟର ମୋଟଫଳ ଅପେକ୍ଷା ଶ୍ରେଷ୍ଠ ହୋଇଅଛି । ଅତ୍ୟନ୍ତ ସନ୍ତୋଷ ଜନକ ଅଟେ ।

ଯାଜପୁର ସ୍କୁଲରୁ ଗତ ଦୁଇବର୍ଷ ଜ ୩ ଣ ମଧ୍ୟରୁ ଜ ୩ ଣ ଓ ଏବର୍ଷ ଜ ୨ ଣ ମଧ୍ୟରୁ ଜ ୨ ଣ ସଫଳ ହେବା ସୁଖକର ବିଷୟ । କ୍ରମାଗତ ଉଚ୍ଚଫଳ ଦେଖାଇବାଦ୍ୱାରା ସ୍କୁଲର ଗୌରବ ବୃଦ୍ଧି ହେଉଅଛି ।

ଭଦ୍ରକ ସ୍କୁଲରେ ଗତବର୍ଷ ଜ ୨ ଣ ମଧ୍ୟରୁ ଜ ୧ ଣ ତୁଳନାରେ ଏବର୍ଷ ଜ ୩ ଣ ମଧ୍ୟରୁ ଜ ୨ ଣ ଅର୍ଥାତ୍ ଶତକଡ଼ା ୬୭ ଉତ୍ତୀର୍ଣ୍ଣ ହେବା ବଡ଼ ସନ୍ତୋଷଜନକ ଫଳ ଅଟେ ।

ଖୋର୍ଦ୍ଧା ସ୍କୁଲର ଗତବର୍ଷ ଜ ୭ ଣ ମଧ୍ୟରୁ ଜ ୩ ଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ଜ ୭ ଣ ମଧ୍ୟରୁ ଜ ୩ ଣ ୧ମ ଓ ୨ୟରେ ସ୍ଥାନ ପାଇବାରୁ ଉତ୍କୃଷ୍ଟ ଫଳ ହୋଇଅଛି । ନୂତନ ସ୍କୁଲ ପକ୍ଷରେ ଏହା ପ୍ରଶଂସନୀୟ ଅଟେ ।

ଢେଙ୍କାନାଳ ସ୍କୁଲରେ ଗତବର୍ଷ ଜ ୩ ଣ ମଧ୍ୟରୁ ଜ ୧ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ଜ ୪ ଣ ମଧ୍ୟରୁ ଜ ୩ ଣ ଅର୍ଥାତ୍ ଶତକଡ଼ା ଜ ୭୫ ଣ ଉତ୍ତୀର୍ଣ୍ଣ ହେବା ନବସ୍ଥାପିତ ସ୍କୁଲପ୍ରତି ଅତୀବ ପ୍ରଶଂସନୀୟ ।

କଟକ ଏକାଡେମୀ ସ୍କୁଲରେ ଗତବର୍ଷ ଜ ୧୧ ଣ ମଧ୍ୟରୁ ଜ ୩ ଣ ପାସ କରିଥିବା ତୁଳନାରେ ଏବର୍ଷର ଫଳ ସନ୍ତୋଷଜନକ ହୋଇଅଛି ।

କଟକ ମିଶନ ସ୍କୁଲରେ ଗତବର୍ଷ ଜ ୨ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ଜ ୭ ଣ ମଧ୍ୟରୁ ଜ ୫ ଣ ଅର୍ଥାତ୍ ଶତକଡ଼ା ୮୩ ପାସ ହେବା, ଅତି ସନ୍ତୋଷଜନକ ଫଳ କହିବାକୁ ହେବ ।

ବାଲେଶ୍ୱର ଖ୍ରୀଷ୍ଟିୟାନ ସ୍କୁଲରେ ଗତବର୍ଷ ଜ ୫ ଣ ମଧ୍ୟରୁ ଜ ୨ ଣ ଉତ୍ତୀର୍ଣ୍ଣ ହୋଇଥିବା ସ୍ଥଳେ ଏବର୍ଷର ଫଳ ମନ୍ଦ ଅଟେ ।

ମୟୂରଭଞ୍ଜ ସ୍କୁଲ ଗତବର୍ଷ ଜ ୭ ଣ ମଧ୍ୟରୁ ଜ ୩ ଣ ପାସ କରିବାକୁ ସମର୍ଥ ହୋଇଥିବା ସ୍ଥଳେ ଏବର୍ଷ ବଡ଼ ହାର ଯାଇଅଛି ।

Split by PDF Splitter



ଗଡ଼ଜାତ ମଧ୍ୟରେ ଦୁଇଗୋଟି ଉଚ୍ଚ ଇଂରାଜୀ ସ୍କୁଲ ସ୍ଥାପିତ ହୋଇଅଛି । ଢେଙ୍କାନାଳ ହାଲରେ ଉଚ୍ଚ ଇଂରାଜୀ ସ୍କୁଲରେ ପରିଣତ ହୋଇଥିଲେ ସୁଦ୍ଧା ଫଳ ଉତ୍ତମ ଦର୍ଶାଇଅଛି ।

ଲକ୍ଷ୍ମଣନାଥ ସ୍କୁଲର ଫଳ କ୍ରମଶଃ ଉତ୍ତମ ହେବା ବଡ଼ ଆନନ୍ଦର ବିଷୟ ଅଟେ । ଗତ ପୂର୍ବବର୍ଷ ଜ ୧ ଣ ଗତବର୍ଷ ଜ ୨ ଣ ଓ ଏବର୍ଷ ଜ ୩ ଣ ପାସ କରିଅଛନ୍ତି ।

### ଏଫ୍ ଏ ପରୀକ୍ଷା

ଗତବର୍ଷଠାରେ ଜ ୨୯୬୯ ଣ ପରୀକ୍ଷାର୍ଥୀ ଥିଲେ ତନ୍ମଧ୍ୟରୁ ଜ ୧୧୩୧ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ଜ ୩୦୮୧ ଣ ପ୍ରାର୍ଥୀ ମଧ୍ୟରୁ ଜ ୧୪୧୭ ଣ ଅର୍ଥାତ୍ ୧ମ ଶ୍ରେଣୀରେ ଜ ୫୧ ଣ ୨ୟରେ ଜ ୨୬୧ ଣ ଓ ୩ୟରେ ଜ ୧୦୯୫ ଣ ପାସ କରିଅଛନ୍ତି । ଏଥିରୁ ଦେଖାଯାଏ ଯେ ଗତବର୍ଷ ଶତକଡ଼ା ଜ ୩୮ ଣ ପାସ କରିଥିଲେ ଏବର୍ଷ ଜ ୪୬ ଣ ପାସ କରିଅଛନ୍ତି । ପୂର୍ବ ବର୍ଷାପେକ୍ଷା ମୋଟଫଳ ଭଲ ହୋଇଅଛି ।

ଗତବର୍ଷ ରେଭେନ୍ସା କଲେଜରୁ ଜ ୨୭ଣ ପରୀକ୍ଷା ଦେଇ ୨ୟ ଶ୍ରେଣୀରେ ଜ ୩ଣ ଓ ୩ୟ ଶ୍ରେଣୀରେ ଜ ୮ ଣ ମୋଟ ଜ ୧୧ ଣ ପାସ କରିଥିଲେ ଏବର୍ଷ ଜ ୩୭ ଣ ପ୍ରାର୍ଥୀ ମଧ୍ୟରୁ ୧ମ ଶ୍ରେଣୀରେ ଜ ୧ ଣ ୨ୟ ଶ୍ରେଣୀରେ ଜ ୨ ଣ ଓ ୩ୟ ଶ୍ରେଣୀରେ ଜ ୧୯ ଣ ମୋଟ ଜ ୨୨ ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଫଳ ଅତି ଉତ୍ତମ ହୋଇଅଛି ।

### ବି, ଏ, ପରୀକ୍ଷା ।

ସନ ୧୮୯୭ ସାଲରେ ୧୬୫୮ ଛାତ୍ର ପରୀକ୍ଷା ଦେଇ ଜ ୧୧୯ ଣ ଅନରରେ ଏବଂ ଜ ୩୦୬ ଣ ସାମାନ୍ୟରେ ସାଏ ଜ ୪୨୫ ଣ ପାସ କରିଥିଲେ । ଚଳିତ ବର୍ଷରେ ପରୀକ୍ଷାର୍ଥିଙ୍କ ସଂଖ୍ୟା ଜ ୧୭୩୨ ଣ ଥିଲା ଏବଂ ତହିଁ ମଧ୍ୟରୁ ଜ ୯୮ ଣ ଅନରରେ ଏବଂ ଜ ୩୪୭ ଣ ସାମାନ୍ୟରେ ସାଏ ଜ ୪୪୫ ଣ ପାସ କରିଅଛନ୍ତି । କେତେକ ଛାତ୍ର ଏକାଧିକ ବିଷୟରେ ଅନର ସହିତ ପାସ କରିବା ହେତୁ ସେମାନଙ୍କର ନାମ ଏକାଧିକ ଥର ତାଲିକାରେ ପ୍ରକାଶ ହୁଏ । ସେଥି ପାଇଁ ମୋଟ ପାସ କରିବା ଛାତ୍ରସଂଖ୍ୟାରୁ କିଛି କାଟି ଦେବା ଆବଶ୍ୟକ । ଯାହାହେଉ ଗତ ବର୍ଷ ଏବଂ ଏ ବର୍ଷର ଫଳ ପ୍ରାୟ ସମାନ ବୋଲିବାକୁ ହେବ ଏବଂ ଉଭୟ ବର୍ଷରେ ଏକ ଚତୁର୍ଥାଂଶରୁ କିଛି ଅଧିକ ପାସ କରି ଅଛନ୍ତି । କେବଳ ଅନରରେ ଗତ ବର୍ଷ ଅଧିକ ଛାତ୍ର ପାସ କରିଥିବାରୁ ସେହି ଅଂଶରେ ଏବର୍ଷର ଫଳ କିଛି ହ୍ରାସ ବୋଲି ଯାଇ ପାରେ । ଏଠା ରେଭେନ୍ସା କଲେଜରୁ ଗତ ବର୍ଷ ଜ ୧୬ଣ ଛାତ୍ର ପରୀକ୍ଷା ଦେଇ ଜ ୫ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏ ବର୍ଷ ଜ ୧୬ ଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜ ୮ ଣ ପାସ କରିଅଛନ୍ତି । ସୁତରାଂ ମୋଟ ଫଳ ଏବଂ ଗତବର୍ଷର ଫଳ ତୁଳନାରେ ଏ ବର୍ଷର ଫଳ ଉତ୍କୃଷ୍ଟ ହୋଇଅଛି ବଡ଼ ସୁଖର ବିଷୟ ଅଟେ । ମାତ୍ର ଯେମନ୍ତ ଗତ ବର୍ଷ ସେମନ୍ତ ଏ ବର୍ଷ ଅନର ତାଲିକାରେ ଓଡ଼ିଶାର ଛାତ୍ରର ନାମ ନ ଦେଖି ଦୁଃଖିତ ହେଲୁଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

କଟକସ୍ଥ ଅଃ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ମିଃ ସତ୍ୟେନ୍ଦ୍ରନାଥ ମଲ୍ଲିକ ଡେପୁଟୀ କଲେକ୍ଟରର କ୍ଷମତା ଓ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ବାଲେଶ୍ୱର ଭାରପ୍ରାପ୍ତ ସହକାରୀ ବନ୍ଦୋବସ୍ତ କର୍ମଚାରୀ ମିଃ ଜ୍, ଏଚ୍, କିଙ୍ଗସଫୋର୍ଡ଼ ଆଗାମୀ ଅକ୍ଟୋବର ତା ୨୦ ରିଖଠାରୁ ଏକ ମାସର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ସେର୍ଗଡ଼ର ଡେପୁଟି ମାଜିଷ୍ଟ୍ରେଟ ମିଃ ଜ୍ଞାନେନ୍ଦ୍ରନାଥ ଗୁପ୍ତ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧା ୨୬୦ ଅନୁସାରୀ ମୋକଦମାର ସରସରି ବିଚାର କ୍ଷମତା ପ୍ରାପ୍ତ ହେଲେ ।

ସନ ୧୮୯୮ ମସିହାରେ ଓଡ଼ିଶାର ପଣ୍ଡିତ ଶ୍ରେଣୀ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି

୧ମ ଶ୍ରେଣୀ

ମଧ୍ୟମ

| | |
|---|---|
| କାଳିକୃଷ୍ଣ ଷଡ଼ଙ୍ଗୀ | ଲକ୍ଷ୍ମୀନାରାୟଣ ଦାସ |
| ଗୋପୀନାଥ ମିଶ୍ର | କୃତ୍ତିବାସ ମହାପାତ୍ର |

ଆଦ୍ୟ ।

| | |
|---|---|
| ମୋହନ ପଣ୍ଡା | ବଳରାମ ନାୟକ |
| ଗୋପୀନାଥ ସାହିତ | ପଞ୍ଚାନନ ପଟ୍ଟନାୟକ |
| ବୈକୁଣ୍ଠନାଥ ଦାସ | |

୨ୟ ଶ୍ରେଣୀ

ମଧ୍ୟମ

| | |
|---|---|
| ଅର୍ଜୁନ ଷଡ଼ଙ୍ଗୀ | ଚିନ୍ତାମଣି ରଥ |
| ଭଜମନ ସାହୁ | |

ଆଦ୍ୟ

| | |
|---|---|
| ମହାଦେବ ମିଶ୍ର | ଶମ୍ଭୁ ରାମ ଷଡ଼ଙ୍ଗୀ |

୩ୟ ଶ୍ରେଣୀ

ମଧ୍ୟମ

| | |
|---|---|
| ମୃତ୍ୟୁଞ୍ଜୟ ରଥ | ହରିହର ମିଶ୍ର |
| ଚୈତନ୍ୟପ୍ରସାଦ ଦେ | ବୈଦ୍ୟନାଥ ବେହେରା |

ଆଦ୍ୟ

| | |
|---|---|
| ଗଙ୍ଗାଧର ମିଶ୍ର | ଦୁର୍ଗାଚରଣ ଷଡ଼ଙ୍ଗୀ |

---

ଏ ସପ୍ତାହରେ ଏ ନଗରରେ ପ୍ରବଳ ଏବଂ ସ୍ଥଳରେ ସାମାନ୍ୟ ବୃଷ୍ଟି ହୋଇଥିଲା । କଲେରା ଜ୍ୱର ପ୍ରଭୃତି ରୋଗ ଭୋଗ କେତେକ ଗ୍ରାମରୁ ନାହିଁ ଗ୍ରାମମାନଙ୍କରେ ବଢ଼ି ଚାଲିଅଛି ।

ନଦୀ ବଢ଼ି ଅତି ସାମାନ୍ୟ ହୋଇଥିଲା ।

ଏ ସପ୍ତାହରେ ଜ୍ୱର ରୋଗ କିଛି ବୃଦ୍ଧି ହୋଇଅଛି ।

ସାକ୍ଷୀ ମାହାରଣା ନାମକ ଜଣେ ଗରିବ ଲୋକ ହତ୍ୟା ଅପରାଧରେ ଏଠା ସେସନ କୋର୍ଟରେ ପ୍ରାଣଦଣ୍ଡର ଆଦେଶ ପାଇଥିଲା । ହାଇକୋର୍ଟ ତାହା ମଞ୍ଜୁର କରିବାରୁ ଆସନ୍ତା ତା ୩୦ ରିଖରେ ଫାଶି ପାଇବାର ସ୍ଥିର ଆଦେଶ ହୋଇଅଛି ।

ଗତ ପୂର୍ବ ଶୁକ୍ରବାର ଏ ନଗରର କେତେ ସମ୍ଭ୍ରାନ୍ତ ସଙ୍ଗ କରି ସାକ୍ଷୀ ମହାରଣାର ପ୍ରାଣଦଣ୍ଡ କ୍ଷମା କରିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ ପଠାଇ ଅଛନ୍ତି ।

ସାକ୍ଷୀ ଗୁରୁ ଅପରାଧ କିଛି କରି ନାହିଁ । ସେ ଦଳେ କହୁଅଛି କ ସେମାନେ ଲୋକମାନେ ଖୁନ କରିବାର ସେ ଅଳ୍ପ ଦୂରରୁ ଦେଖିବାରୁ ତାହାକୁ ସାମାନ୍ୟ ଲୁଗାରେ ଆଚ୍ଛାଦନ କେତେକ ଦେଇଥିଲେ । କେବଳ ତାହାଠାରୁ ବାହାରି ଅନ୍ୟ ଅପରାଧୀମାନେ ଯାଇ ତାହାକୁ ଖୁନ ଅପରାଧରେ ଦୋଷୀ କଲୁ ନାହାନ୍ତି । ଗବର୍ଣ୍ଣମେଣ୍ଟଙ୍କର ଦୟା ଭିକ୍ଷା ମାଗୁଅଛି ।

ପାଣ୍ଡୁଆରେ ଏକଜଣ କର୍ମଚାରୀ ସହ ଶିବଚରଣଙ୍କ ପୌତ୍ର ପିଲା ଏକ ଖଣ୍ଡ କଳେବଳ ଘୋଡ଼ା ଉପର ଚଢ଼ିଥିଲେ ଏକ ଦୂର ଗାଡ଼ରେ ପକାଇ ଦେବାରୁ ଘୋଡ଼ାଟି ପିଲା କୁଣ୍ଡ ମଧ୍ୟରେ ପଡ଼ିଗଲେ ତତ୍‌କ୍ଷଣାତ୍ ବାହାର କରି ଦେଖିଲୁ ଦେଖାଗଲା ଯେ ସେମାନଙ୍କର ପ୍ରାଣ ନାହିଁ । ଏଥିପାଇଁ ସେଠାରେ ସାଧାରଣ ଶୋକ ସନ୍ତାପ ହୋଇଅଛି ।

ଦୁଇ ସପ୍ତାହରେ କୋହିନୂର ଦୋଷୀ ଷ୍ଟୁଳ ହେବା ହୋଇଥିବାର ଜାଣିଲେ ସରେଡ଼ ଖବରରୁ ତାଙ୍କର ଅଦେଶ ମତେ ସେ ଘୋଡ଼ାକୁ ଦୂର ସ୍ଥଳେ ଓ ତାହା ସାମଗ୍ରୀ ସବୁ ଏବି ସହିତ ଗୋଡ଼ାଇବା । ଏଥିକୁ ଯେଉଁଠାରୁ ଦିଅନ୍ତି ବା ଅତି କଷ୍ଟରେ ଭୁଲିଲୁ ଏ ଦେଶ ହୋଇପାରେ ତାହା ହେଲେ ଆମ୍ଭମାନଙ୍କ ଅଭାବଗ୍ରସ୍ତ ମାନମାନଙ୍କ ପ୍ରତିରେ ଏ ଦେଶ ପ୍ରଭୃତି ଓ ପାଣିରେ ସେଥିରେ ଭଲ ହେବ ।

Digitized by srujanika@gmail.com

Split by PDF Splitter



ଗତମାସ ତା ୫ ଦିନରେ ବଙ୍ଗଳା ହଟା କାଲଠାରେ ଜଣେ ରେଲ ଠିକାଦାର କୂଳ ହାଟକୁ ଯାଇଥିବା ସମୟରେ ବାଟରେ ଗୋଟିଏ ମୂଷା ତାହା ନିକଟରେ ଦଉଡ଼ି ଯାଉଥିଲେ କୁଲିଟି ମୂଷା ପଛରେ ଗୋଡ଼ାଇଲେ, ଏବଂ ଯେଉଁ ଗର୍ତ୍ତରୁ ମୂଷା ବାହାରିଥିଲା ହଠାତ୍ ସେହି ଗର୍ତ୍ତ ଉପରେ ତାହାର ବାମ ଗୋଡ଼ ପଡ଼ିଯିବାରୁ ତହିଁ ମଧ୍ୟରେ ଥିବା ଏକ ସର୍ପ ଗୋଡ଼ ଉପରେ କାମୁଡ଼ି ଦେଲା । କୁଲିଟି ତତ୍କ୍ଷଣାତ୍ ଗୋଡ଼ରେ ଏକ ଦଉଡ଼ି ବାନ୍ଧି ଘରକୁ ଗଲା । ସେଠାରେ ଏକ ଗୁଣୀ ଆସି ଝଡ଼ାଫୁଙ୍କା କଲା ପରେ ଗୁଣୀ ତାହାକୁ କହିଲା ଯେ ସର୍ପ ବିଷ ଦୂର ହୋଇ ଯାଇଅଛି ଏବଂ ପଗଡ଼ି ବାନ୍ଧ ଫିଟାଇ ଦେଲା । ତହୁଁ ଗୁଣୀ ତାହାର ଦଉଡ଼ି ଫିଟାଇ ଦେଲା । ଫିଟାଇ ଦେବାମାତ୍ରେ ଅତି ଅଳ୍ପ କ୍ଷଣ ମଧ୍ୟରେ କୁଲିଟି ମରିଗଲା । ସେତେବେଳେ ସେ ଗର୍ତ୍ତ ମଧ୍ୟରେ ଗରମ ପାଣି ଢାଳି ଦିଆଗଲା ଅନେକ ଅନୁସନ୍ଧାନ କଲେ ମାତ୍ର ସର୍ପର କୌଣସି ଚିହ୍ନ ପାଇ ନାହିଁ ।—ମୂଷା ସର୍ପର କୌଣସି ଚିହ୍ନ ପାଇ ନାହିଁ । ମୂଷା କେତେ ପ୍ରକାର ଉପାୟ ଅଛି ତାହା ଜାଣି ଏହି ବିଷ କେତେ ପ୍ରକାର ଉପାୟରେ ଦୂର କରାଯାଇ ପାରେ ?

ସେତେବେଳେ ଦ୍ୱୀପ ନିକଟରେ ଗୋଟିଏ ଫରାସିସ ଜାହାଜ ଗତମାସ ତା ୪ ଦିନରେ ଅନ୍ୟ ଜାହାଜରେ ଧକ୍କା ଲାଗି ବୁଡ଼ିଯିବାରୁ ତହିଁରେ ଥିବା ଖଲାସି ଓ କର୍ମଚାରୀ ଏବଂ ୬୦୦ ଜଣ ଯାତ୍ରୀ ସମ୍ଭୁଦା ୫୬୨ ଜଣ ବୁଡ଼ି ମଲେ । ଏପରି ଭୟଙ୍କର ଯୋଗେ ଏ ଦୁର୍ଘଟନା ଘଟିବାର କଥିତ ହୁଏ ।

ଚୀନ ରାଜ୍ୟରେ ରୁଷିଆ ନାନାପ୍ରକାରରେ ଆପଣାର ଅଧିକାର ବିସ୍ତାର କରିବା ପକ୍ଷରେ ତ୍ରୁଟି କରୁ ନାହିଁ । ପିକିନଠାରେ ଥିବା ରୁଷିଆର ଦୂତ ବର୍ତ୍ତମାନ ଏହି ମର୍ମରେ ଚୀନକୁ ଧମକ ଦେଇ ଅଛନ୍ତି ଯେ ଚୀନ ସରକାର ରେଲକାର୍ଯ୍ୟ ଅଗ୍ରସର ହେଲେ ରୁଷିଆ ବାଧ୍ୟ ହୋଇ ଚୀନର ଅଧିକାର କରିବେ । ଚୀନ ଅବଶ୍ୟ ଏଥିର ଉତ୍ତର ଦେଇ ନାହିଁ ।

ଜାନଗଞ୍ଜ କୁଆଙ୍ଗସେ ଅଞ୍ଚଳରେ ବିଦ୍ରୋହାଗ୍ନି ପ୍ରଜ୍ୱଳିତ ହୋଇ ଥିବାର ସମ୍ବାଦ ମିଳିଲା । ଏଯୋଗୁ ହଙ୍କଙ୍ଗଠାରେ ଥିବା ଇଂରେଜ ଦୂତ ତୋପ ସଜ୍ଜିତ ଯୁଦ୍ଧ ଜାହାଜ ମଗାଇ ଅଛନ୍ତି ।—ଚୀନକୁ ଚତୁର୍ଦ୍ଦିଗରୁ ଦୁର୍ଦ୍ଦଶା ଘୋଟି ଆସୁଅଛି ।

କାଠିଆବାଡ଼ଠାରେ ଜଣେ ମଇମନ ଏକ ଜହ୍ନୁରୀକୁ ଅଳଙ୍କାର ଦେଖିବାକାରଣ ଆପଣା ଘରଠାକୁ ଡାକିବାରେ ଜହ୍ନୁରୀ ଟ ୧୦୦୦୦ ଙ୍କା ମୂଲ୍ୟର ଅଳଙ୍କାର ନେଇ ଯାଇଥିଲା । ଅଳଙ୍କାରମାନ ଦେଖାଦେଖି ହେଉଥିବା ସମୟରେ ମଇମନ ଜହ୍ନୁରୀର ମୁଣ୍ଡ କାଟି ପକାଇ ଏପରି ଗୁପ୍ତ ସ୍ଥାନରେ ରଖିଥିଲା ଯେ ଅନ୍ଧକାର ହେଲେ ଅନ୍ୟ ସ୍ଥାନକୁ ନେଇଯିବ । ମୃତ ଦେହର ରକ୍ତ ନଳାବାଟେ ସଡ଼କ ଆଡ଼କୁ ଯିବାରୁ ଆସାମୀ ଧରାପଡ଼ି ଅପରାଧ ସ୍ୱୀକାର ଅଛି ଜ ୩ ଣ ତାହାର ସଙ୍ଗେ ଏହି କାର୍ଯ୍ୟରେ ଲିପ୍ତ ଥିବାର ପ୍ରକାଶ କରିଅଛି ।

ହାବଡ଼ା ରେଲ ସରକାର ଯେଉଁ ମିଥ୍ୟା ମିଥ୍ୟାରେ କୁଲିକଟାରେ ମହାମାରୀ କର୍ମଚାରୀମାନେ ଜଣକୁ ଉପଦ୍ରବ କରୁ ଥାନି ନେଇ ସାର୍ଟିଫିକେଟ କହି ଦେବଙ୍କୁ ଗତ ବଗର-

ଥିବା ଅପରାଧରେ ଦଣ୍ଡବିଧି ଆଇନର ଧ ୩୦୪ ଧାରାରେ ଅଭିଯୁକ୍ତ ହୋଇଥିଲା ତାହାର ମା ୨ ସ କଠିନ ପରିଶ୍ରମ ସହିତ କାରାଦଣ୍ଡ ହୋଇଥିବାର ସମ୍ବାଦ ମିଳିଲା ।

ରଙ୍ଗୁନ ଜେଲଖାନାର ଜ ୨୦୦ ଶହୁ ଅଧିକ କଏଦୀ ଜେଲଖାନା ବାହାରେ ପଥଭଙ୍ଗା କାର୍ଯ୍ୟ କରୁଥିବା ସମୟରେ ଜଣେ କଏଦୀ ପଳାଇ ଗଲା । ଜ ୨୦ ଣ ଉଅର୍ଡରଙ୍କ ସେମାନଙ୍କୁ ପହରା ଦେଉଥିଲେ । ଜ ୪ ଣ ଉଅର୍ଡରଙ୍କ ନାମରେ ସେଥିପାଇଁ ବର୍ତ୍ତମାନ ମୋକଦ୍ଦମା ଚଳୁଅଛି ।

ପ୍ରଶାନ୍ତ ମହାସାଗରସ୍ଥ ଦ୍ୱୀପପୁଞ୍ଜ ମଧ୍ୟରୁ ହବାଇ ଦ୍ୱୀପକୁ ଇଉନାଇଟେଡଷ୍ଟେଟ୍ସ ଆପଣା ରାଜ୍ୟଭୁକ୍ତ କରିବାର ଘୋଷଣା ଦେଇ ସେଠାକୁ ମାର୍କିନ ପତାକା ଉଡ଼ାଇବା ନିମନ୍ତେ ଏକ ଯୁଦ୍ଧ ଜାହାଜ ପ୍ରେରଣ କରିଥିବାର ସମ୍ବାଦ ମିଳିଲା ।

ମହୀସୂରଦେଶ ମହାରାଜାଙ୍କର ଜଣେ ପ୍ରଧାନ ଅମଲା, ନିଜ ୫୦ରେ ଗୋଟିଏ ବାଳିକାକୁ ବିବାହ ହେଲେ । ସେଦେଶରେ ଶିଶୁ ବିବାହ ନିବାରଣୀ ଆଇନ ପ୍ରଚଳିତ ଅଛି ସେ ଆଇନାନୁସାରେ ତାଙ୍କ ନାମରେ ମକଦ୍ଦମା ହେବାରୁ ସେ ଜବାବ ଦେଲେ କି ତାଙ୍କର ବୟସ କେବଳ ୫୮ ବର୍ଷ ଉଚିତ କରୁଥିଲେ କି ତାଙ୍କର ବୟସ କେବଳ ୫୮ ବର୍ଷ ଉଚିତ କରୁ ଛଡ଼ନ୍ତରେ ପ୍ରକାଶ ହେଲା କି ତାଙ୍କ ଚାକରିର ସମୟ ହୋଇ ଗଲାଣି ବା ୪୯ ବର୍ଷ ସୁତରାଂ ତାଙ୍କର ବୟସ ବା ୭୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ଏ ଜଣେ “ବଡ଼୍ ପାଗଲବୁଢ଼ୋ” ।

ବଙ୍ଗଳାଗଜେଟପତ୍ରର ମାସୁଲ ଶୀଘ୍ର ଊଣା ହେବାର ପ୍ରସ୍ତାବ ହେଉଅଛି । ଚିଠି ଓ ପୋଷ୍ଟକାର୍ଡର ମାସୁଲ ଯଥାକ୍ରମେ ଟ ୦ ୬୨ ଓ ଟ ୦ / ସ୍ଥଳେ ଟ ୦ / ଓ ଟ ୦ ୧୨ ହେବ ।

କଲିକତା କାଳୀଘାଟଠାରୁ ଏକଜଣ ଏକ ପିତଳର ଠାକୁରଙ୍କୁ ଚୂନା ମନେ କରି ଚୋରାଇ ନେଇଥିଲା । ବଜାରରେ ବିକ୍ରି କରିବାକୁ ଯାଇ ଦେଖାଇବାରେ ପିତଳ ମୂର୍ତ୍ତି ଥିବାର ଜାଣିପାରିଲା ଏବଂ ଧରାପଡ଼ି ମା ୬ ସ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ପାଇଅଛି ।

ସମ୍ପ୍ରତି ଜ ୨୪ ଣ ଭାରତବାସୀ ବାରିଷ୍ଟର ହୋଇଅଛନ୍ତି । ସେମାନଙ୍କମଧ୍ୟରେ ଜ ୧୭ ଣ ହିନ୍ଦୁ ଜ ୪ ଣ ମୁସଲମାନ ଏବଂ ଜ ୩ ଣ ପାରସି ।

---

## ପତ୍ରପ୍ରେରକଙ୍କ ପ୍ରତି

ଶ୍ରୀ ବୃନ୍ଦାବନ ଦାସ— କଟକ ନଗର ବର୍ଣ୍ଣନା ପଦ୍ୟରେ କରିଅଛନ୍ତି । ପ୍ରକାଶର ଆବଶ୍ୟକତା ଦେଖୁ ନାହୁଁ ।

ଶ୍ରୀ ରଘୁନାଥ ମହାନ୍ତି —ଝାଙ୍କଡ଼ ଏଲାକାର ବନ୍ଦୋବସ୍ତ କର୍ମଚାରୀମାନେ ଭେଟି ଦେଇ ଦୁଃଖେଇ ରଥବାଧନ ଜଣେ ଗରିବ ବ୍ରାହ୍ମଣର ନୃତ ଯଥାକ୍ରମରେ ବସାଇବାର ଲେଖିଅଛନ୍ତି ଅନନ୍ତର ବସାଇ ଅଛି ।

ଶ୍ରୀ ଦଣ୍ଡପାଣି ମିଶ୍ର— ସମ୍ବଲପୁର ହିତୈଷିଣୀର ପ୍ରତିବାଦ ସେହି ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ଆଗେ ପଠାଇଦେବା ଉଚିତ ।

—୦✻୦—

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ଆପଣଙ୍କ ୭ । ୫ । ୯୮ ଦୀପିକାରେ ଶ୍ରୀ ସର୍ବେଶ୍ୱର କର କାନ୍ତଳଗୋଇ ଯେଉଁ ଦୁଇ ଗୋଟି ପ୍ରଶ୍ନ କରିଅଛନ୍ତି ତହିଁର ଉତ୍ତର ଏ ସମାଜରେ ସ୍ଥିରୀକୃତ ହୋଇ ପ୍ରେରିତ ହେଲା । ଅନୁଗ୍ରହ ପୂର୍ବକ ପ୍ରକାଶ କଲେ ବାଧିତ ହେବୁଁ ।

୧ ମ ଓ ୩ ୟ —ପ୍ରତିମା ଭଗ୍ନ ହେଲେ ଅଙ୍ଗହୀନ ହେଲେ ପୂଜାର ଯୋଗ୍ୟ ନୁହନ୍ତି ଏବଂ ବ୍ରାହ୍ମଣ ପୂଜିତ ପ୍ରତିମାଙ୍କୁ ଶୂଦ୍ର ସ୍ପର୍ଶ କଲେ କିମ୍ବା ପୂଜା କଲେ ଉକ୍ତ ପ୍ରତିମା ଆଉ ବ୍ରାହ୍ମଣ ପୂଜ୍ୟ ହେବେ ନାହିଁ । ପ୍ରମାଣଂ ଯଥା, ବ୍ରହ୍ମପୁରାଣେ — ଖଣ୍ଡିତେ ସ୍ଫୁଟିତେ ଦଗ୍ଧେ ଭ୍ରଷ୍ଟେ ମାନବିବର୍ଜିତେ । ଯାଗହୀନେ ପଶୁସ୍ପୃଷ୍ଟେ ପତିତେ ଦୁଷ୍ଟଭୂମିଷୁ । ଅନ୍ୟମନ୍ତ୍ରାର୍ଚ୍ଚିତେ ଚୈବ ପତିତସ୍ପର୍ଶଦୂଷିତେ । ଦଶସ୍ୱେତେଷୁ ନୋ ଚକ୍ରୁଃ ସନ୍ନିଧାନଂ ଦିବୌକସଃ ଅସ୍ୟାର୍ଥଃ ଶ୍ରୀମୁ ହୟଶୀର୍ଷୋକ୍ତ ପ୍ରତିଷ୍ଠାପ୍ରକରଣେ ଯଥା,—ଖଣ୍ଡିତେ-ଭଗ୍ନଶିଖେ ଗାତ୍ରାବୟବେ ସ୍ଫୁଟିତେ- ଭଗ୍ନଗାତ୍ରେ । ଦଗ୍ଧେ- କାଷ୍ଠାନ୍ତରାଳ ପାବକଦାହ ଦୂଷିତେ । ଭ୍ରଷ୍ଟେ ସ୍ଥାନାତ୍ । ମାନବିବର୍ଜିତେ-ଶାସ୍ତ୍ରୀୟ ପ୍ରମାଣରହିତେ । ଯାଗହୀନେ- ଅପ୍ରତିଷ୍ଠିତେ । ପଶୁସ୍ପୃଷ୍ଟେ ଅସ୍ପୃଶ୍ୟ ପଶୁ ଦୂଷିତେ ପତିତେ ଦୁଷ୍ଟଭୂମିଷୁ- ଅଶୁଚି ସ୍ଥାନଗତେ-ଇତ୍ୟାଦି କ୍ରମେଣ ଲିଖିତମସ୍ତି ।

ଉପରୋକ୍ତ ବାକ୍ୟରୁ ଜଣାଗଲା ଯେ ପ୍ରତିମା ଭଗ୍ନ ହେଲେ କିମ୍ବା ନୀଚଜାତି କର୍ତ୍ତୃକ ସ୍ପୃଷ୍ଟ ହେଲେ ଦେବତ୍ୱ ରହେ ନାହିଁ ।

୨ ୟ ।—ପୁରାତନ ସ୍ୱର୍ଣ୍ଣମୂର୍ତ୍ତି ନୂତନ ପ୍ରତିଷ୍ଠିତ କୃଷ୍ଣମୂର୍ତ୍ତିଙ୍କର ସ୍ତ୍ରୀ ରୂପରେ ଗୃହୀତ ହୋଇ ପାରନ୍ତି, ଏଥିରେ କୌଣସି ଆପତ୍ତି ନାହିଁ । ଏହାର ଦୃଷ୍ଟାନ୍ତ ଅନେକ ସ୍ଥାନରେ ଦେଖା ଯାଉଅଛି ।

Digitized by srujanika@gmail.com

Split by PDF Splitter



୪ର୍ଥ ।—ବ୍ରାହ୍ମଣ ବ୍ୟତୀତ ଅନ୍ୟ ଜାତିର ଦେବ ପୂଜାରେ ଅଧିକାର ନାହିଁ । ଏହା ମନୁ ହିନ୍ଦୁ ଲୋକ (ମାଳୀ) ମାନଙ୍କର କେବଳ ଦେବ ଲିଙ୍ଗଙ୍କୁ ଜଳ ତୁଳସୀ ଦେବାର ଅଧିକାର ଅଛି । ଭୋଗ ଦେଇ ନ ପାରନ୍ତି । ଏ ବିଷୟ ଏଥି ପୂର୍ବ ଏକ ବ୍ୟବସ୍ଥାରେ ସ୍ପଷ୍ଟରୂପେ ଲେଖାଯାଇଥିଲା । ନାପିତମାନଙ୍କର ଗ୍ରାମଦେବତା (କେବଳ ଠାକୁରାଣୀଙ୍କ) ପୂଜା କରିବାର କଥି ଦେଶ ପ୍ରଚଳିତ ଅଛି । ଶାସ୍ତ୍ରୀୟ ପ୍ରମାଣ ନାହିଁ ।

ସାଇନ୍ଦ ଉଇଦ୍ପୁର ୨୦ । ୭ । ୯୮ } ବଶମ୍ବଦ ଶ୍ରୀ ରଘୁନାଥ ମିଶ୍ର ସ୍ମୃତିକାର୍ଯ୍ୟ ସମ୍ପାଦକ ଅର୍ଦ୍ଧମାଗଧିପ୍ରାଦେଶିକ

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସନ୍ନିଧେଷୁ

ମହାଶୟ !

ଆପଣଙ୍କର ସଞ୍ଚାଳିତ ସ୍ତମ୍ଭରେ ପୁସ୍ତକପ୍ରକାଶକ କମ୍ପାନି ଶ୍ରୀଯୁକ୍ତ ଶାରଦା ଦାସଙ୍କ ଦ୍ୱାରା ମହାଭାରତ ମୁଦ୍ରାଙ୍କନ କରିବାରେ ସଙ୍କଳ୍ପ କରି ଯେଉଁ ବିଜ୍ଞାପନ ଦେଇଥିଲେ ତାହା ପାଠ କରି ସାତିଶୟ ଆହ୍ଲାଦିତ ହେଲୁ । ଆପଣଙ୍କର ସହଯୋଗୀ ସମ୍ବଲପୁର ହିତୈଷିଣୀ ମଧ୍ୟ ଆନନ୍ଦ ପ୍ରକାଶ କରିଅଛନ୍ତି । ପ୍ରାଚୀନ ପୋଥି ଅନେକ ଅଛି କିନ୍ତୁ ଏପର୍ଯ୍ୟନ୍ତ ଅତି ଅଳ୍ପ ପୋଥି ଛାପା ହୋଇ ଅଛି ଅନେକ ପ୍ରୟୋଜନୀୟ ପୋଥି ଲୋପ ହେବାକୁ ଅଛି ଏମନ୍ତ କି ହିନ୍ଦୁର ପ୍ରତ୍ୟେକ ଅବଶ୍ୟକୀୟ ପୋଥି ସ୍ୱମାଦ୍ରଣ ମହାଭାରତ ସମ୍ପୂର୍ଣ୍ଣ ହୋଇ ପ୍ରକାଶ ହୋଇ ପାରି ନାହିଁ । ହିତୈଷିଣୀ ସମ୍ପାଦକ ଠିକ କହୁଅଛନ୍ତି ଯେ ଜଗନ୍ନାଥ ଦାସଙ୍କ ଭାଗବତ ଛାପା କରିବା ନିମନ୍ତେ କଟକ ପ୍ରିଣ୍ଟିଂ ଓ କୃଷ୍ଣସିଂହଙ୍କ ମହାଭାରତ ଛାପା କରିବା ନିମନ୍ତେ ଶାରଦୋଦୟର ମହାସଭା ଭାର ନେଇ ଥିଲେ ମଧ୍ୟ ଉକ୍ତ ପୁସ୍ତକ ବାହାରିବାର କୌଣସି ଆଶା ଦେଖା ଯାଉ ନାହିଁ । ପୁସ୍ତକପ୍ରକାଶକ କମ୍ପାନି ଏକଖଣ୍ଡ ପ୍ରାଚୀନ ମହାଭାରତ ଛାପା କରିବା ନିମନ୍ତେ ଅଗ୍ରସର ହୋଇଅଛନ୍ତି ଓ ଇତି ମଧ୍ୟରେ ବର୍ଣ୍ଣପର୍ବ, ଶଲ୍ୟପର୍ବ, ଗଦାପର୍ବ, କାର୍ତ୍ତିକାପର୍ବ ଓ ନାରୀ ଓ ଶାନ୍ତିପର୍ବ ଛାପ କରିବା ନିମନ୍ତେ କରିବାକୁ ସକ୍ଷମ ହୋଇ ଅଛନ୍ତି । ପ୍ରତ୍ୟେକ ପର୍ବର ମୂଲ୍ୟ ମଧ୍ୟ ୫ ୦/୯ ଠାରୁ ୫ ୦।୯ ପର୍ଯ୍ୟନ୍ତ ଅଟେ । ସୁତରାଂ ସାଧାରଣ ସହଜରେ ପାଇ ପାରିବେ, ପୁସ୍ତକପ୍ରକାଶକ କମ୍ପାନି ଯଦ୍ୟପି ସବୁ ପୁସ୍ତକ ପ୍ରକାଶ କରିବାରେ ସକ୍ଷମ ହୁଅନ୍ତି ତେବେ ସେମାନଙ୍କଦ୍ୱାରା ଓଡ଼ିଶାର ଗୋଟିଏ ପରମ ଉପକାର ସାଧିତ ହେବ । ସାଧାରଣତଃ ଯେଉଁ ସବୁ ପୋଥି ମିଳେ, ସେ ଅଧିକାଂଶ ଅଶୁଦ୍ଧ ସୁତରାଂ ପୋଥିକୁ ନକଲ କରି ଛାପା କରାଇଲେ ଅବଶ୍ୟ ଭ୍ରମ ରହିବ କିନ୍ତୁ ପୋଥିକୁ ସଂଶୋଧନ କରିବାକୁ ଗଲେ ଛାପା ପୁସ୍ତକ ପୋଥିରୁ ଅନେକ ବଦଳ ପଡ଼ିବ । ଏସ୍ଥଳରେ ପୋଥି ଅନୁସାରେ ପୁସ୍ତକାକାରରେ ମୁଦ୍ରାଙ୍କନ କରାଇବା ଉଚିତ ହେଲେହେଁ, ଭ୍ରମସଂଶୋଧନ ଯେତେଦୂର ସମ୍ଭବ ତାହା କରିବା କର୍ତ୍ତବ୍ୟ । ମୁଁ ଆଶା କରେଁ ପୁସ୍ତକପ୍ରକାଶକ କମ୍ପାନି ଉକ୍ତ ଦୃଷ୍ଟି ରଖି କାର୍ଯ୍ୟ କରୁଅଛନ୍ତି । ଆଉ ଗୋଟିଏ କଥା । କୌଣସି ନୂତନ କାର୍ଯ୍ୟ ଅବା ସତ୍କାର୍ଯ୍ୟ କରିବାକୁ ଗଲେ, ଅନେକ ଶତ୍ରୁ ହୋଇ ଥାଆନ୍ତି । ସେପରି ଆପେ ବଳ କାର୍ଯ୍ୟ କରିବେ ନାହିଁ ମାତ୍ର ଅନ୍ୟର ଉଦ୍ୟୋଗରେ ବାଧା ଦେବେ । ଏପରି ଲୋକମାନଙ୍କର ବାକ୍ୟରେ କର୍ଣ୍ଣପାତ କରିବା ଉଚିତ ନୁହେ । ସତ୍କାର୍ଯ୍ୟର ବିପଦ ବହୁତ । ପ୍ରାଚୀନ ପୋଥି ସବୁ ଥରେ ମୁଦ୍ରାଙ୍କିତ ହେଲେ, ଆଉ ବାର ମୁଦ୍ରାଙ୍କନରେ ସଂଶୋଧନ କାର୍ଯ୍ୟ ଉତ୍ତମରୂପେ ହୋଇ ପାରେ । କୌଣସି ପୁସ୍ତକ ପ୍ରକାଶ ନ ହେଲେ ତାହାର ସମାଲୋଚନା ହୋଇ ନ ପାରେ ଏଣୁକରି ପୁସ୍ତକପ୍ରକାଶକ କମ୍ପାନି ଯେଉଁ କାର୍ଯ୍ୟରେ ବ୍ରତୀ ହୋଇଅଛନ୍ତି ତାହା ଓଡ଼ିଶାର ମଙ୍ଗଳଦାୟକ କାର୍ଯ୍ୟ ଅଟେ ଓ ସେମାନେ ସେହି କାର୍ଯ୍ୟର ଉଦ୍ୟୋଗୀ ହୋଇଥିବାରୁ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

କଟକ ୧୫।୭।୯୮ } ଆପଣଙ୍କର ଜନୈକ ଓଡ଼ିଆବାସୀ

## ବିଜ୍ଞାପନ ।

କଟକ ଯୌଥ ଭଣ୍ଡାରରେ ଅଂଶୀ ହେବା କାରଣ ଯେଉଁମାନେ ଆବେଦନ କରିଅଛନ୍ତି ସେମାନଙ୍କର ଚଳିତ ଜୁଲାଇ ମାସ ତା ୩୦ ରିଖ ଶନିବାର ଅପରାହ୍ନ ୫ ଘ ୬ ଘଣ୍ଟା ସମୟରେ କଟକ ପ୍ରିଣ୍ଟିଂ କମ୍ପାନିଙ୍କ କୋଠାରେ ଗୋଟିଏ ସଭା ହେବ । ଯେଉଁ ମୂଳ ନୀତି ଅନୁସାରେ ଭଣ୍ଡାରର କାର୍ଯ୍ୟ ନିର୍ବାହ ହେବ ସେ ସମସ୍ତର ଆଲୋଚନା ଏବଂ ନିଷ୍ପତ୍ତି ଏହି ସଭାରେ ହେବ ।

ଆପଣଙ୍କୁ ଏସଭାରେ ଉପସ୍ଥିତ ହେବା ନିମନ୍ତେ ଅନୁରୋଧ କରୁଅଛୁ । ଇତି ।

କଟକ ତା ୨୧।୭।୯୮ } ବଶମ୍ବଦ ଶ୍ରୀ ମଧୁସୂଦନ ଦାସ । ଅବୈତନିକ ସମ୍ପାଦକ

## NOTICE.

Wanted a competent and Experienced Accountant and Head Clerk for the District Board's Office, Puri on a salary of Rs. 60 rising to Rs 80 by annual increment of Rs. 2 (two)

Only those need apply who have passed the Examination prescribed in the Public Works Department Code, Vol I Appendix C, and who have sufficient experience in dealing with English correspondence. The applicants should state their age.

Applications with copies of testimonials will be received up to the 15th August 189-.

Distt. Board's Office Puri. The 19th July 1898. } JAGABANDHU PATNAIK *for Vice chairman D.B.Puri.*

Notice is hereby given that the undermentioned scholarships under the Cuttack District Board have fallen vacant for the current year. Candidates are invited to apply to the undersigned before the 25th Instant in the following form.

NAME OF VACANT SCHOLARSHIPS.

2 Mayo scholarships at Rs. 10 each a month tenable for 2 years

2 Dhenkanal scholarships @ Rs. 8 each a month for 2 years.

2 Do. do @ Rs. 4 each a month for 2 years.

1 Maurbhanj scholarship @ Rs. 7 each a month for 2 years.

1 Talcher Do. @ Rs. 2 each a month for 2 years.

FORM OF APPLICATION.

1 Name of the candidate

2 Name of his father and his father's occupation

3 Residence temporary or permanent. If the candidate be domiciled in Orissa, for how many generations he has been so domiciled.

Digitized by srujanika@gmail.com

4 What examination the canditate has passed, and the division in which he has passed, and whether in the 1st chance or otherwise.

5 The name of the school and the class of the school in which he is reading.

6 Certificate from respectable persons about the character and circumstances of the candidate.

7 Remarks giving other particulars which the candidate may wish to give.

Cuttack District Board Office, The 9th July 1898. } J. C. CHUNDER, Vice Chairman.

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦରଥାନା ନଂ ୧ । ତମପଡ଼ା ଅନ୍ତର୍ଗତ । ମୌ । କଟପୁରରେ ଏକଗୋଟା ନୂତନ କାଞ୍ଜିହାଉସ ହେବାର ମଞ୍ଜୁର ହୋଇଅଛି ଉକ୍ତ କାଞ୍ଜିହାଉସ ସନ ୧୮୯୮ ମସିହା ଅଗଷ୍ଟ ମାସର ତା ୧ ଇଖ ଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା ୩୧ ଇଖ ପର୍ଯ୍ୟନ୍ତ ୨୬।୮ ମାସ ନିମନ୍ତେ ସନ ୧୮୯୮ ମସିହା ଜୁଲାଇ ମାସ ତା ୨୯ ଇଖରୋଜ ଶୁକ୍ରବାର ଦିବା ୩ ଟା ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଏ ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଡାକନିଲାମରେ ଇଜାରା ନେବାକୁ ଇଚ୍ଛାକରନ୍ତି ସେମାନେ ଯେ ଉପରଲିଖିତ ନିରୂପିତ ତାରିଖରେ ନିଲାମସ୍ଥାନରେ ଉପସ୍ଥିତ ହୋଇ ଡାକନିଲାମରେ ଇଜାରା ନେଇ ପାରିବେ ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ହେବ ଓ ଯାହାପ୍ରତି କୌଣସି ଆପତ୍ତି ନ ଥିଲେ ତାଙ୍କର ଡାକରେ ନିଲାମ ସ୍ଥିର କରାଯିବ ନିଲାମ ଗ୍ରହୀତା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ସ୍ଥିର ହେଲାକ୍ଷଣି ନିଲାମୀ ଜରସମାର ଚତୁର୍ଥାଂଶ ଜାମିନସ୍ୱରୂପ ଅବିଳମ୍ବେ ଦାଖଲ କରିବେ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବାମାତ୍ରେ ଦାଖଲ ନ ହେଲେ ପୁନଃ ନିଲାମ କରାଯିବ ଓ ପ୍ରତ୍ୟେକ କିସ୍ତିର ଖଜଣା ସେହି କିସ୍ତିର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ହେଲେ ତହିଁର ଯେ କ୍ଷତି ହେବ ତାହା ତ୍ରୁଟିକାରିଙ୍କୁ ଦେବାକୁ ହେବ ନିଲାମ ସ୍ଥିର ହେଲାରୁ ଗ୍ରହୀତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସାଧାରଣ କବୁଲିୟତ୍ ଲେଖିଦେଇ ରେଜେଷ୍ଟାରୀ କରି ଦେବେ ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଅବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝିପାରିବେ ।

M. DAS
*Vice Chairman.*
*Sudder Local Baard*

---

## ଦୀର୍ଘକାଳର ପରୀକ୍ଷିତ ।

# ଯାଦୁର ଅବ୍ୟର୍ଥ ମହୌଷଧ ।

ସର୍ବପ୍ରକାର ଦଦ୍ରୁ ରୋଗର ଏହାପରି ଆଶୁ ଫଳପ୍ରଦ ଔଷଧ ଆଉ ଦ୍ୱିତୀୟ ଦେଖାଯାଇ ନାହିଁ ।

ମୂଲ୍ୟ ପ୍ରତିଡିବା ଟ ୦।୬ ଛଅଣା । ମାଶୁଲ ଓ ଭିଃ ପିଃ ଖର୍ଚ୍ଚା ସ୍ୱତନ୍ତ୍ର । ଏକତ୍ରରେ ଅଧିକ ନେଲେ ବିଶେଷ ସୁବିଧା ଅଛି ।

ଏହି ଔଷଧର ବିଶେଷ ଗୁଣ ଏହିକି ଏହା ଲଗାଇବା ମାତ୍ରେ କେବଳ ଦୁଇ ତିନି ଦିନ ମଧ୍ୟରେ ଯେତେ କଠିନ ଅସାଧ୍ୟ ଦଦ୍ରୁରୋଗ ହେଉ ନା କାହିଁକି; ଫଳ ନ ଦେଖାଇ ସମ୍ଭବ ନାହିଁ । ଏହେତୁ ଯାଦୁରୋଗଗ୍ରସ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ସାହସ କରି କୋହି ଯାଇଅଛି; ଅନ୍ତତଃ ଥରେ ହେଲେ ଏହାକୁ ପରୀକ୍ଷା କରି ଦେଖିବାକୁ କଦାପି ଉପେକ୍ଷା ନ କରନ୍ତୁ । ଏହା କେବଳ [illegible] ନାହିଁ [illegible] ଅଛି । ଶତ ଶତ ବ୍ୟକ୍ତି ଏଥିରେ ରୋଗ ମୁକ୍ତ ହୋଇ ମୁକ୍ତକଣ୍ଠରେ ଏହାର ଉପକାରିତା ସ୍ୱୀକାର କରି ପ୍ରଶଂସାପତ୍ର ମାନ ଦେଇଅଛନ୍ତି ।

### ବିଶେଷ ଦ୍ରଷ୍ଟବ୍ୟ ।

ଯେ କେହି ଔଷଧ ପାଇଁ ପ୍ରାର୍ଥୀ ହେବେ ସେ ଯେମନ୍ତ ଆପଣାର ନାମ, ଧାମ ଡାକଘର ଜିଲ୍ଲା ଏବଂ ଔଷଧ କେତେ ଡବା ନେବେ ଏମାନ ସ୍ପଷ୍ଟରୂପେ ଲେଖିବାକୁ କଦାପି ଭୁଲିବେ ନାହିଁ ।

ପ୍ରାପ୍ତିସ୍ଥାନ
ଶ୍ରୀ ରାମତାରକ ସେନ
ଦେଶୀ ଉତ୍କଳପ୍ରେସ, ବାଲେଶ୍ୱର ।

---

# ବିଜ୍ଞାପନ ।

ଶ୍ରୀଯୁକ୍ତ ସାରଳାଦାସଙ୍କର ଅଷ୍ଟାଦଶପର୍ବ
ସଚିତ୍ର
## ମହାଭାରତ ।

ଏହା ଓଡ଼ିଶାବାସିଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଳଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେମନ୍ତ ଅଧିକ ଗ୍ରନ୍ଥ ପ୍ରାପ୍ତିର ଅଭାବ ତତୋଽଧିକ ଅତଏବ ପୁରାଣପ୍ରକାଶକ କମ୍ପାନୀ ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼ସଙ୍କଳ୍ପ ହୋଇଅଛନ୍ତି ଅଚିରେ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତିଶୟ ବୃହତ୍ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁନ୍ଦର ସୁନ୍ଦର ଚିତ୍ର ମଧ୍ୟ ଦିଆ ଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ଥାନବିଶେଷରେ ଦିଆ ଯିବ । ସାଧାରଣଙ୍କ ସୁବିଧା ନିମନ୍ତେ ଏକ ଏକ ପର୍ବ ବିକ୍ରୟ ହେବ । କ୍ରମେ କ୍ରୟ କଲେ ମୂଲ୍ୟ ବିଷୟ କାହାରିକି ବାଧିବ ନାହିଁ । ବର୍ତ୍ତମାନ ସଚିତ୍ର କର୍ଣ୍ଣ, ଶଲ୍ୟ, ଗଦା, କାଇଁଶିକା ଓ ଶାନ୍ତି ଓ ନାଶ ପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟ ବିକ୍ରୟ ହେଉଅଛି ।

| | | | |
|---|---|---|---|
| କର୍ଣ୍ଣପର୍ବ | ଟ ୦।୵ | ଡାକମାସୁଲ | ଟ ୦୯୬ |
| ଶଲ୍ୟପର୍ବ | ଟ ୦।୵ | „ | ଟ ୦୯୬ |
| ଗଦାପର୍ବ | ଟ ୦। | ଡାକମାସୁଲ | ଟ ୦୯୬ |
| କାଇଁଶିକାପର୍ବ | ଟ ୦।୵ | „ | ଟ ୦୯୬ |
| ନାଶ ଓ ଶାନ୍ତିପର୍ବ | ଟ ୦।୵ | „ | ଟ ୦୯୬ |

---

ଆମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କ ଭୋଜନସାମଗ୍ରୀ ଏବଂ ଶାସ୍ତ୍ରାଲୋଚନା ବିବେଚନା ମତେ ଦିଆଯାଏ । ବର୍ତ୍ତମାନ କେତେକଦିନ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଅସ୍ତ ନ ଥିବାରୁ ଆମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ୱାରା ତୀର୍ଥବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଁଅଛୁ କି ସେମାନେ ତୀର୍ଥକୁ ଯିବା ସମୟରେ ଆମ୍ଭର ଏହି ସଦାବର୍ତ୍ତକୁ ଅଗମନ କଲେ ଆମ୍ଭର ସାଧ ଅନୁସାରେ ସେମାନଙ୍କର ଚର୍ଚ୍ଚା କରି ଆପଣାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୭।୯୮

ଶ୍ରୀ ମହାଜନ ଲାଲ ସାହୁ
। ସା । ଜଲସର ବ୍ରହ୍ମପୁର । ପ୍ର । ବରୁଆ
ଯାଜପୁର ସଃ ଡିବିଜନ
ଜିଲ୍ଲା କଟକ

---

ଦ୍ୱିତୀୟ ସଂସ୍କରଣ ।

## ସରଳ-ଶରୀର ରକ୍ଷା ।

ପରିବର୍ତ୍ତିତ ଓ ନୂତନ ଚିତ୍ରପ୍ରଦତ୍ତ ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭ କୃତ ଉପରୋକ୍ତ ପୁସ୍ତକ, ବେଙ୍ଗଲବଭର୍ଣ୍ଣ

Split by PDF Splitter



ମେଣ୍ଟ ଦ୍ରମୁଣ ହିଷ୍ଟୋକଗୀୟ ଡାଇରେକ୍ଟର ସା-ହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ହିଷ୍ଟୋକଗୀୟ ଇନ୍ସପେକ୍ଟର ମହୋଦୟଙ୍କ-କର୍ତ୍ତୃକ ସମସ୍ତ ଉତ୍କଳର ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ କଟକ-ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ୧୫୦୦୦ ଖଣ୍ଡ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି। ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ଶରୀରରକ୍ଷାର ପ୍ରଶ୍ନୋତ୍ତର ପ୍ରତିଖଣ୍ଡକୁ ପାଞ୍ଚପଇସା

| | |
|---|---|
| ଓଡିଶ୍ୟାସ୍କୁଲ ମେଡିକେଲ ହଲ ଚାନ୍ଦିଚୌକ କଟକ | ଡାକ୍ତର ଶ୍ରୀ ରାମକୃଷ୍ଣସାହ |

## ଧ୍ରୁବଲୀଳା ।

ଆଜପର୍ଯ୍ୟନ୍ତ ଯେତେ ପୁସ୍ତକବହି ବାହାରି ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ ଏହା ସର୍ବୋତ୍କୃଷ୍ଟ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ୧୦୬ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ସୁନ୍ଦର ସୁଲଳିତଗୀତରେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏଥି-ର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ ।

କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ଟ ୦ ।୵

ମୋଫସଲ ଗ୍ରାହକଙ୍କୁ ମୂଲ୍ୟଛଡ଼ା ୵ ୦ ୧୬ ଡାକମାଶୁଲ ପଡିବ ।

ବାମନଦ୍ୱିବେଦ ।



ସିଲଭରକେଶ ମୂଲ୍ୟ ଟ ୧୬ ୧

ଗ୍ରାହକେ କଲିକତା ସ୍ଥଳରେ ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଘଡ଼ି ଆମ୍ଭ ଦୋକାନରେ ବିକ୍ରୀପାଇଁ ମହଜୁଦ ଅଛି ।

ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଆମ୍ଭ ଦୋକାନରେ ତଲ୍ଲାସ କଲେ ସମସ୍ତ ବସ୍ତୁ ପାଇବେ ମୋଫସଲ ଗ୍ରାହକ ଇଚ୍ଛାକଲେ କେଟ-ଲଗ ପାଇ ପାରିବେ ।

| | |
|---|---|
| ଚୌଧୁରୀବଜାର କଟକ | ଶେଖ ଅବଦୁଲଅଜିଜ ଓ୍ୱାଚ ମେକର ଓ ଜ୍ୟୁଏଲର |

## ବିଜ୍ଞାପନ ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ଦ୍ୱାରାରେ କଟକଷ୍ଟାଇପ ଫାଉଣ୍ଡରୀ କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି । ଇଂଲିଶ ଓ ସ୍କୁଲପାଇକା ସାଇଜର ଓଡ଼ିଆଅକ୍ଷର ଓ ଇଂରାଜୀ ସ୍ମଲପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଇଟେଲନକ୍ସା କୌଣସି ଛାପାଖାନା ପାଇଁ ଯାହାର ପ୍ରୟୋଜନ ହେଲେ ସେ ଆମ୍ଭଙ୍କୁ ବରାଦ ଦେଲେ ଆମ୍ଭେ ଯୋଗାଇ ପାରିବୁଁ । ଅବେଦନ କଲେ ଅକ୍ଷରଗୁଡ଼ିକର ନମୁନା ଦେଖି ଦର ଜାଣି ପାରିବେ ।

| | |
|---|---|
| ଦରଘାବଜାର କଟକ | ଶ୍ରୀ ଗୌରୀଶଙ୍କର ରାୟ ମାନେଜର |

### ବନାରସ ମାଲ ।

ବନାରସରେ ଆମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି । ଉଚିତ ମୂଲ୍ୟରେ ସର୍ବସାଧାର-ଣଙ୍କୁ ବନାରସୀ ମାଲ ଯୋଗାଇବା ଆମ୍ଭର କାର୍ଯ୍ୟ ଅଟେ । ଭାରତର ନାନାସ୍ଥାନବାସୀ ରାଜା, ଜମି-ଦାରମାନଙ୍କୁ ବହୁଦିନରୁ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ଆମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ଲେଶମାତ୍ର ଆଶଙ୍କା ନାହିଁ । ବାମଣ୍ଡା, କେନ୍ଦୁଝର, ପାଟନା, ଅଠମଲ୍ଲିକ, ରାୟଗଡ଼, ସରାଇକେଲା ପ୍ରଭୃତି ରାଜ୍ୟର ମହାରାଜ ବାହାଦୁରମାନଙ୍କ ନିକଟରେ ତଲ୍ଲାସ କଲେ ଆମ୍ଭର ଥିବା ପ୍ରଶଂସାପତ୍ର ଥିବାର ଜଣା ପଡ଼ିବ ଯାହାଙ୍କର ଯେ ବସ୍ତୁ ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠା-ଇଲେ ଅବିଳମ୍ବେ ଭେଲ୍ୟୁପେବଲ ପାର୍ଶଲରେ ପଠାଇ ଦିଆଯିବ । ମାଲ ମନୋନୀତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆଯିବ ବା ଟଙ୍କା ଫେରି ଦିଆଯିବ କେବଳ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ ଆମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ପଦାର୍ଥମାନ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥାଏ । ଯଥା ବନାରସୀ କିଙ୍ଖାବ ଶାଢ଼ୀ, ଧୋତି ଚଦର, ଟୋପି, କୋଟ, ଫେଟା, ବଂଗାଳ ବାଗ୍ରା, ଜରୀ ଦୋପଟ୍ଟା ମଖମଲ, ହୀରରେ ବାନ୍ଧ ନାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଇତ୍ୟାଦି ଉତ୍ତମ ଅଙ୍ଗବସ୍ତ୍ର ପ୍ରଭୃତି ।

ଏହା ଛଡ଼ା ସୁନା ରୂପାର ବାସନ, ସୁନା, ରୂପାର ଗିଲଟି କରା ହାତୀର ହାଉଦା ପ୍ରଭୃତି ପଦାର୍ଥ ବରାଦ ଅନୁସାରେ ତିଆର କରିଦେଉ । ବରାଦ ଦେବାବେଳେ ଜିନିଷମାନଙ୍କ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇ-ଲେ ମାଲ କେଉଁ ଠିକଣାରେ କ ପ୍ରକାରରେ (ଅର୍ଥାତ ଡାକରେ କି ରେଲରେ ) ପଠାଇ-ବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାପା ( ବହିରାବରଣ ) ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଆମର ହସ୍ତଗତ ହେବ ।

ଶ୍ରୀ ପାନ୍ନାଲାଲ ଭୋଲାନାଥ

ଗୁଜରାଲ ଫାଟକ ବନାରସ ସିଟି

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ୮ ୦ ୬ |
| ଏଥରୁ ନ୍ୟୁନ | ୬ ୬ |
| ପ୍ରତି ଏକ ଅନୁସ୍ତ | ୦ ୩ |

ମାତ୍ର କୌଣସି ବିଜ୍ଞାପନ ଦେଖିବାନ ହେବ କିରେ କମ୍ତି ଗଲା ଟ ୦ ୪ ରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଉର୍ଦ୍ଧ୍ୱସୀମା ଅଧିକ ହେବା ଓ ଦୁଇଭାଗ ଯାଆଉଛନ୍ତି ହେବ ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ସ୍ଥି ଜଳ ଗ | ଭା ୩୦ ସ୍ୱଷ ଅଡ଼େ କୁସ୍ତର ସଙ୍ଖ ୧୮୯୮ ନହିତା । ମ୍ନା ୧୯୭୬ ଶ୍ରାବଣ ସନ୍ନ ୧୩୦୫ ସାଲ ଶନିବାର । | ଅଗ୍ରୀମ ୫ ୩
ସ୍ଥ ୩୧ ସଂଖ୍ୟା | | ପଶ୍ଚାଦ୍ଦେୟ ୫ ୬

ଗଞ୍ଜାମଜିଲ୍ଲା ଅନ୍ତର୍ଗତ ଗୋଟିଏ ଜଙ୍ଗଲର ଦାବାରେ ପାରଲାଖେମଣ୍ଡିର ରାଜା କେତେକ ବର୍ଷହେଲା ସରକାରଙ୍କ ନାମରେ ନାଲିସ କରିଥିଲେ । ମାନ୍ଦ୍ରାଜ ଗବର୍ଣ୍ଣରଙ୍କ ଏଜଣ୍ଟ ଶ୍ରୀଯୁକ୍ତ ଟେଲର ସାହେବଙ୍କ ବିଚାରରେ ରାଜାଙ୍କର ଦାବୀ ଡିକ୍ରୀ ହୋଇଥିବାର ଶୁଣି ଆନନ୍ଦିତ ହେଲୁଁ ।

—※—

କଟକ ଓ ଭଦ୍ରକ ମଧ୍ୟରେ ଯାତାୟାତ କରୁଥିବା ବାଷ୍ପ ଷ୍ଟିମର ସକାଳ ୯ ଘଣ୍ଟା ବେଳେ ଯୋବରା ଓ ଭଦରକ ଘାଟମାନଙ୍କରୁ ଯାତ୍ରା କରୁଥିଲା । ଗତ ମଙ୍ଗଳବାରଠାରୁ ସକାଳ ଘ ୯ ଘା ପରିବର୍ତ୍ତରେ ସକାଳ ଘ ୮ ଘା ବେଳେ ଯାତ୍ରା ଛାଡ଼ିବାର ନିୟମ କରି ଆଖୁଆପଦା ଯାଜପୁର ଡକ୍‌ଜନର ବାରିକ ମାଷ୍ଟର ସାହେବ ଛିଣ୍ଡିର ଘୋଷଣା ଦେଇଅଛନ୍ତି ।

———

ପଶ୍ଚିମା ବ୍ରାହ୍ମଣର ବେଶରେ ମାନ୍ଦ୍ରାଜରେ ଏକ ବ୍ୟକ୍ତି ଭିକ୍ଷା କରି ବୁଲୁଥିଲା । ପୁନାର ହତ୍ୟା କାଣ୍ଡରେ ପ୍ରାଣଦଣ୍ଡ ପାଇଥିବା ଦାମୋଦର ଚେପ କାରର ଭାଇ ବାଲକୃଷ୍ଣ ଚେପକାର ବୋଲି ପୁଲିସ ତାହାକୁ ଧରି ବମ୍ବେଇକୁ ପଠାଇ ଦେବାରେ ପୁନାରେ ତାହାର ବିଚାର ହେଉଅଛି । ପୁଣି ତିନି ଦିନ ମାମଲା ଚଳିବ ଏବଂ ଅନୁମାନ ହୁଅଇ ପୁରସ୍କାର ବାବତ ବାକି ଥିବା ୧୦ ହଜାର ଟଙ୍କା ଗୋଏନ୍ଦାମାନେ ପାଇବେ ।

—○※○—

ଚଳିତ ମାସ ତା ୧୪ ରିଖର ବାଲେଶ୍ୱର ସମ୍ବାଦ ବାହିକାରେ ଲେଖାଅଛି ଶ୍ରାବଣ ପୂର୍ଣ୍ଣିମା ଦିନଠାରୁ ଚତୁର୍ମାସ୍ୟା ଆରମ୍ଭ ହେଲା ଏବଂ ଆଷାଢ଼ ମାସ ପ୍ରାୟ ଶେଷ ହେଲା । ତଥାଚ ବିବାହର ବନ୍ଦ ହେଲା ନାହିଁ । ଏ ବର୍ଷ ଅଧିକ ମାସରେ ମଳମାସ ପଡ଼ିବା ହେତୁ ହରିଶୟନ ଓ ଚତୁର୍ମାସ୍ୟା ଗତ କାଲିଠାରୁ ଆରମ୍ଭ ହେଲା ଏବଂ ସେହି କାରଣରୁ ବିବାହ ଲଗ୍ନ ଶ୍ରାବଣ ମାସରେ ସୁଦ୍ଧା ଘଟିଗଲା ଏହା ସହଯୋଗୀଙ୍କର ଦୃଷ୍ଟି ଆକର୍ଷଣ କରି ନାହିଁ କି ?

—○※○—

କଲିକତାର ସୁପରିଚିତ ଅଯୋଧ୍ୟାନାଥ ତର୍କସିଦ୍ଧ ଏବଂ ସଂସ୍କୃତ ମେଡ଼ିକଲ କଲେଜର ହିନ୍ଦୁ ସାର୍ଟିଫିକେଟ୍‌ଧାରୀ କବିରାଜ ନଗେନ୍ଦ୍ରନାଥ ସେନ ଗତବର୍ଷ ପାରିସନଗରର ସ୍ୱାସ୍ଥ୍ୟରକ୍ଷା ସମାଜର ଜଣେ ମେମ୍ବର ମନୋନୀତ ହୋଇ ଥିଲେ । ସମ୍ପ୍ରତି ସେ ଲଣ୍ଡନନଗରର ଅଷ୍ଟାଙ୍ଗ ଏବଂ ସ୍ୱାସ୍ଥ୍ୟରକ୍ଷା ସମ୍ବାଦପତ୍ରର ସଭ୍ୟ ମନୋନୀତ ହୋଇଅଛନ୍ତି । ବଙ୍ଗଳାର କବିରାଜମାନଙ୍କ ମଧ୍ୟରେ ବିଦେଶରେ ଏତେ ସମ୍ମାନ ଏହାଙ୍କ ଭାଗ୍ୟରେ ଘଟିବାର ଦେଖି ଅମ୍ଭେମାନେ ଆନନ୍ଦିତ ହେଲୁଁ ।

—※—

କଟକ ରେଭେନସା କଲେଜର ନିମ୍ନଲିଖିତ ଛାତ୍ରମାନେ ଗତ ବି, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯଥା—

ରାମକୃଷ୍ଣ ବସୁ, କାମପାଳ ମିଶ୍ର
ରାଧାଚରଣ ଦାସ, ଗୋପାଳଚନ୍ଦ୍ର ପ୍ରହରାଜ
ହେମଚନ୍ଦ୍ର ଘୋଷ, ପ୍ରବୋଧଚନ୍ଦ୍ର ମୁଖୋପାଧ୍ୟାୟ
ଯୋଗେଶଚନ୍ଦ୍ର ଘୋଷ, ଜମ୍ବୁଦ୍ୱୀପରେ ହିନ୍ଦୁ

ଜମ୍ବୁଦ୍ୱୀପରେ ହିନ୍ଦୁ ଉର୍ଦ୍ଦୁ ରଚନାରେ ମଧ୍ୟ ପାସ କରିଅଛନ୍ତି ।

ଉପରଲିଖିତ ଛାତ୍ରମାନେ ସାଧାରଣ ବିଭାଗରେ ପାସ କରିଅଛନ୍ତି । ଅନର ଓ ଥିବା ଉଚ୍ଚତର ବିଭାଗରେ ଏହି କଲେଜର କୌଣସି ଛାତ୍ରର ନାମ ନାହିଁ ।

———

ମଶାମାନେ ମହାମାରୀ ପ୍ଲେଗର ବାହକ ହୋଇ ପାରନ୍ତି ବୋଲି ଡାକ୍ତରମାନେ ସ୍ଥିର କରିବାରୁ ମଶା ମାରିବାର ଧୂମ ଲାଗି ଯାଇଅଛି । ଆଉ ଜଣେ ଡାକ୍ତର କହନ୍ତି କି ମଶାମାନେ ମେଲେରିଆ ଜ୍ୱରର ବାହକ ହୋଇ ବୁଲନ୍ତି ଏବଂ ମଶାମାନଙ୍କ କାମୁଡ଼ାରେ ମନୁଷ୍ୟ ଦେହରେ ତାହା ପ୍ରବେଶ କରେ । ମଶା ମୂଳ ନିର୍ମୂଳ କରିବା ଅସମ୍ଭବ ମାତ୍ର ଗୃହରେ ଗନ୍ଧ ଧୂନା ପ୍ରଭୃତି ଧୂପଦାନ ଦେହରେ ହରିଦ୍ରା ଲେପନ ଏବଂ ଘର ଦ୍ୱାର ପରିଷ୍କାର ରଖିବାଦ୍ୱାରା ମଶାଙ୍କ ସମ୍ବନ୍ଧରେ ଅନେକ

Digitized by srujanika@gmail.com

Split by PDF Splitter



ଜଳଯୋଗପାରେ ଏବଂ ଏହି କାର୍ଯ୍ୟମାନ ପ୍ରାଚୀନ କାଳରୁ ବ୍ୟବସ୍ଥିତ ହୋଇଅଛି । ମଶା ଜ୍ୱର ବାଧି ହୁଲୁ ବା ନ ହୁଲୁ ପଛ, ଦୁର୍ଗନ୍ଧ ଭୂମି ଜଳାପ୍ରସୂତ ମଶା ଓ ମେଲେରିଆ ଜ୍ୱର ଉତ୍ପତ୍ତିର ଜନ୍ମଦାତା ଏଥିରେ ସନ୍ଦେହ ନାହିଁ ।

———

ଗହମ ଅଟାକୁ ମାଡ ପଥରଖଣ୍ଡ ପରି ଟାଣ କରିପାରିଲେ ଅଳ୍ପ ସ୍ଥାନରେ ଅନେକ ଅଟା ବନ୍ଦ ହେବ ଏବଂ ବିଦେଶକୁ ପଠାଇବାର ସୁବିଧା ହେବ ଭାରତ ବାସିମାନେ ଏ ବିଷୟରେ ମନୋଯୋଗୀ ହୋଇଅଛନ୍ତି ଏବଂ ଜଣାଯାଇ ଅଛି ଯେ ଏପରି କଲେ ଅଟାର ଗୁଣ କୌଣସି ମତେ ନଷ୍ଟ ହେବ ନାହିଁ । ଭାରତରୁ ଅନେକ ଗହମ ବିଲାତକୁ ରପ୍ତାନି ହୁଅଇ ଯେ ବେଲ୍ଜି-ୟରେ ବ୍ୟବସାୟୀମାନେ ଗହମ ପରିବର୍ତ୍ତରେ କଳଦ୍ୱାରା ଅଟା ପ୍ରସ୍ତୁତ କରି ଏବଂ ତାହାକୁ ମାଡ ଟାଣ କରି ପଠାଇବାର ଚେଷ୍ଟା କରିବେ ତେବେ ଏ ଦେଶର ଅନେକ ଉପକାର ହେବ । ଗହମର ଚୋକଡ ସବୁ ଏଠାରେ ରହି ଯାଇ ନାନା ବ୍ୟବହାରରେ ଆସିବ ଏବଂ ଅଟା କଳ ଏବଂ ତାହା ମାଡ ଟାଣ କରିବା କଳରେ ଅନେକ ଲୋକ ଖଟି ପ୍ରତିପାଳିତ ହେବେ ।

———

ଗତ ପୂର୍ବ ମଙ୍ଗଳବାର କଲିକତା ବିଶ୍ୱ ବିଦ୍ୟାଳୟ ସମିତିର ବାର୍ଷିକ ଅଧିବେଶନ ହୋଇ-ଥିଲା ଏବଂ ମାନ୍ୟବର ଗଭର୍ଣ୍ଣର ସଭାପତିର ଆସନ ଗ୍ରହଣ କରିଥିଲେ । ସଭାର ବାର୍ଷିକ ରିପୋର୍ଟ ପାଠ ଏବଂ କେତେକ ସଭ୍ୟଙ୍କର ବକ୍ତୃତା ହେଲା ଉତ୍ତାରୁ ମାନ୍ୟବର ମହୋଦୟ ସଭାର କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରି ଅନ୍ୟାନ୍ୟ ବି-ଷୟ ମଧ୍ୟରେ କହିଲେ କି କଲିକତାରେ ପ୍ଲେଗ ରୋଗ ଯେପରି କ୍ରମଶଃ ଊଣା ପଡିଆସୁଅଛି ତହିଁରେ ଗବର୍ଣ୍ଣମେଣ୍ଟ ସମ୍ପୂର୍ଣ୍ଣ ଆଶା କରନ୍ତି କି ପ୍ଲେଗକୁ ବିଦାୟ ଦେବାର ଅତି ଶୀଘ୍ର ଉପସ୍ଥିତ ହେବ । ସଭାସ୍ଥ ବ୍ୟକ୍ତିମାନେ ମାନ୍ୟବର ମହୋ-ଦୟଙ୍କ ମୁଁହିଁରୁ ଏ କଥା ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ । ପ୍ରକୃତରେ କଲିକତାରେ ପ୍ଲେଗ ଭୀତ ବର୍ତ୍ତମାନ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । କେବଳ ଗବର୍ଣ୍ଣମେଣ୍ଟଙ୍କର ଆଦେଶକୁ ସମସ୍ତେ ଚାହିଁ ରହିଅଛନ୍ତି ।

—୦*୦—

ମୋହରମ ପର୍ବର ତହଲମହଲ ପାଣ୍ଡୁଲାର ଜଜ ସାହେବଙ୍କ ହାତାରେ ଅନ୍ୟାନ୍ୟ ବର୍ଷ ପ୍ରାୟ ଏ ବର୍ଷ ହାଟ ବସିଥିଲା । ଏଥର ଲୋକ ସମା-ଗମ ଅତ୍ୟନ୍ତ ଊଣା ଥିଲା ଏବଂ ହାଟକୁ ଯେ ସବୁ ଦ୍ରବ୍ୟ ଆସିଥିଲା ତହିଁମଧ୍ୟରେ ଦାନାପୁରରେ ପ୍ରସ୍ତୁତ ହେଉଥିବା ନଡିଆ ତେଲର ସାବୁନ ସର୍ବାପେକ୍ଷା ଅଧିକ ପରିମାଣରେ ସାଧାରଣ ମନୋଯୋଗ ଆକର୍ଷଣ କରିଥିଲା । ଏହି ସାବୁନ ଦେଖିବାକୁ ଠିକ ଉତ୍ତମ ବିଲାତି ସାବୁନ ପରି ଏବଂ ମୂଲ୍ୟ ଅତ୍ୟନ୍ତ ସୁଲଭ । ଭାରତର ନାନା-ସ୍ଥାନରେ ବର୍ତ୍ତମାନ କାଳର ପ୍ରୟୋଜନୀୟ ଗୋଟିଏ୨ ଦ୍ରବ୍ୟ ପ୍ରସ୍ତୁତ କରିବାର ବ୍ୟବସାୟ ଚଳୁଥିବାର ଦେଖି ଓଡିଶା ବାସୀମାନେ ଆପ-ଣାର ଉନ୍ନତି ନିମନ୍ତେ ଜାଗ୍ରତ ହେଉ ନାହାନ୍ତି ବଡ଼ ଦୁଃଖର ବିଷୟ ଅଟେ ଏବଂ ତଦପେକ୍ଷା ଅଧିକ ଦୁଃଖର ବିଷୟ ଏହି କି ଉତ୍ତର ପଶ୍ଚିମ ଏବଂ ଦାନା ପୁରରେ ବିଶୁଦ୍ଧ ଉପକରଣରେ ସାବୁନ ପ୍ରସ୍ତୁତ ହୋଇ ଗୁଣ ଏବଂ ମୂଲ୍ୟ ହେତୁ ବଜାରରେ ପ୍ରଶଂସା ଲାଭ କରିଥିବା ସ୍ଥଳେ ହିନ୍ଦୁ ଓ ମୁସଲମାନଙ୍କର ଧର୍ମ ବିରୁଦ୍ଧ ଉପାୟରେ ପ୍ରସ୍ତୁତ ହେବା ବିଲାତି ସାବୁନର ମମତା ଲୋକେ ଛାଡି ପାରୁ ନାହାନ୍ତି ।

—*—

କେନ୍ଦ୍ରାପଡ଼ାର ନବସ୍ଥାପିତ ପୁସ୍ତକାଳୟର ୩ୟ ଶ୍ରେଣୀର ଗ୍ରାହକଙ୍କ ଅଧିକାର ସମ୍ବନ୍ଧରେ ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ କି ସେମା-ନଙ୍କୁ ପୁସ୍ତକାଳୟରେ ବସି ଇଂରାଜୀ ପୁସ୍ତକାଦି ପଢିବାର ଅଧିକାର ଦିଆଯିବା ଉଚିତ । ଆମ୍ଭେ-ମାନେ କେତେବେଳେ ଜାଣି ନ ଥିଲୁଁ ଯେ ପୁସ୍ତକାଳୟର କମିଟି ଉଦାରତା ବିବେଚନାରେ ପ୍ରଥମରୁ ସେ ଅଧିକାର ସର୍ବ ସାଧାରଣଙ୍କୁ ଦେଇଅଛନ୍ତି ଅର୍ଥାତ୍ କି ଗ୍ରାହକ ବା ଅପର-ଲୋକ ଯେକେହି ପୁସ୍ତକାଳୟକୁ ଆସିବେ ସେ କୌଣସି ପୁସ୍ତକ ସେଠାରେ ବସି ପଢିପାରିବେ । ସୁତରାଂ ସେ ବିଷୟରେ ୩ୟଶ୍ରେଣୀର ଗ୍ରାହକ-ଙ୍କର ଆଉ ଦୁଃଖ ନାହିଁ । ସେମାନଙ୍କର ଦୁଃଖ ଏହି ଯେ ୧ମଶ୍ରେଣୀର ଗ୍ରାହକ ଏକାବେଳେ ୩ ୩ ଖଣ୍ଡ ପୁସ୍ତକ ଓ ୧୫ ଦିନମନ୍ତେ ଓ ୨ୟ-ଶ୍ରେଣୀର ଗ୍ରାହକ ୩ ୨ ଖଣ୍ଡ ପୁସ୍ତକ ଏକସପ୍ତାହ-ନିମନ୍ତେ ନେଇ ପାରିବାର ନିୟମ ହୋଇଥିବା-ସ୍ଥଳେ ୩ୟଶ୍ରେଣୀର ଗ୍ରାହକଙ୍କୁ ଅର୍ଦ୍ଧେ ଇଂରାଜୀ ପୁସ୍ତକ ଘରକୁ ନେଇ ପଢିବାପାଇଁ ନ ଦେବା ବଡ଼ କଠିନ ନିୟମ ଏବଂ ସାଧାରଣ ପୁସ୍ତକାଳ-ୟର ଅଭିପ୍ରାୟର ବାଧାଜନକ ଅଟେ । ଅବଶ୍ୟ ଯେ ଯେଉଁଶ୍ରେଣୀର ଗ୍ରାହକ ତାହାର ସେପରି ସମ୍ମାନ ହେବା ନ୍ୟାୟସଙ୍ଗତ ମାତ୍ର କୌଣସି ଗ୍ରାହକକୁ ଏକାବେଳେ ନିରାଶ କରିବା ଉଚିତ ହେଉ ନାହିଁ । ଅତଏବ ଆମ୍ଭମାନଙ୍କ ବିବେ-ଚନାରେ ଯେବେ ପୁସ୍ତକାଳୟର କର୍ତ୍ତୃପକ୍ଷମାନେ ଏମନ୍ତ ନିୟମ କରନ୍ତି ତ ୩ୟ ଶ୍ରେଣୀର ଗ୍ରାହକମାନେ ଏକଥରରେ କେବଳ ଏକଖଣ୍ଡ ଇଂରାଜୀ ଓ ଅନ୍ୟଭାଷାର ପୁସ୍ତକ ବା ୪ ଦିନ-ପାଇଁ ନେଇପାରିବେ ତେବେ ତାହାର ଆଉ ଦୁଃଖ ରହିବ ନାହିଁ ।

———

ବମ୍ବେଇର ବିଖ୍ୟାତ ନାତୁ ଭ୍ରାତା ଦ୍ୱୟଙ୍କର ଆଉ ଗୋଟିଏ ଭ୍ରାତା ଅଛନ୍ତି । ତାହାଙ୍କର ନାମ ଶ୍ରୀ ସଦାଶିବ ରାମଚନ୍ଦ୍ର ନାତୁ ଓ ସେ ମଧ୍ୟମ ଅଟନ୍ତି । ଭ୍ରାତାଦ୍ୱୟ ଏକାନ୍ତବାସରେ ଥିବା ଅବ-ସ୍ଥାରେ ଦୁଇଭାଇ କଏଦ ଓ ସମସ୍ତ ସ୍ଥାବର ସମ୍ପତ୍ତି ଜବଦ ହେବାରେ ସେ ଆପଣାର ଅଂଶ ନିମନ୍ତେ ସରକାରକୁ ଆବେଦନ ପତ୍ର ପଠାଇ ଅଛନ୍ତି ଏବଂ ତହିଁରେ ନାତୁ ଭ୍ରାତା ଦ୍ୱୟଙ୍କୁ ଅନିଶ୍ଚିତ କାଳ ନିମନ୍ତେ ଅଟକ ରଖିବାର ଏବଂ ସେମାନଙ୍କ ସମ୍ପତ୍ତି ଜବଦ କରିବା ଆଇନ ସଙ୍ଗତ ନୁହେଁ ବୋଲି ଦର୍ଶାଇ ଅଛନ୍ତି । ସେ ଆଇନର ଏହି ବ୍ୟାଖ୍ୟା କରିଅଛନ୍ତି କି ଯେଉଁ ସ୍ଥଳରେ ଗବର୍ଣ୍ଣମେଣ୍ଟ କାହାରିକୁ ବନ୍ଦୀ କରିବାର ଆବଶ୍ୟକ ବିବେଚନା କରନ୍ତି ଏବଂ ତାହା ବିରୁଦ୍ଧରେ ବିଧିଶାସ୍ତ୍ର ମୋକଦ୍ଦମା ଉପସ୍ଥିତ କରିବାର ଇଚ୍ଛା ନ ଥାଏ ସେହି ସ୍ଥଳରେ ଗବ-ର୍ଣ୍ଣମେଣ୍ଟ ତାହାକୁ ବନ୍ଦୀ କରି ପାରନ୍ତି । ବିଧିଶାସ୍ତ୍ର ସଦ୍‌ବ୍ୟବହାରଦ୍ୱାରା ସ୍ପଷ୍ଟ ଜଣା ଯାଉଅଛି ଯେ ଅଧିକ ଦିନ ତାହାଙ୍କୁ ଅଟକ ରଖିବା ଯୁକ୍ତି ସଙ୍ଗତ ନୁହେଁ । ସମ୍ପତ୍ତି ସମ୍ବନ୍ଧରେ ତାହାଙ୍କର ଆପତ୍ତି ଏହି କି ସ୍ଥାବର ସମ୍ପତ୍ତି ବାଜେୟାପ୍ତ କରିବାର କ୍ଷମତା ଗବର୍ଣ୍ଣମେଣ୍ଟଙ୍କର ନାହିଁ । କେବଳ ଯେଉଁ ସ୍ଥଳେ ସମ୍ପତ୍ତିର ରାଜ୍ୟ ତତ୍ତ୍ୱା-ବଧର ଭାରପ୍ରାପ୍ତ ବ୍ୟକ୍ତି ଦୋଷରୁ ଶାନ୍ତିଭଙ୍ଗ ଘଟିବ ବା ସମ୍ଭାବନା ହେବ ସେ ସ୍ଥଳେ ଗବର୍ଣ୍ଣ-ମେଣ୍ଟ ତହିଁର କାର୍ଯ୍ୟ ନିର୍ବାହର ଭାର ଗ୍ରହଣ କରିବେ । ଏ ସମସ୍ତ ଆଇନଘଟିତ ଗୁରୁତର ଆପତ୍ତି ଅଟେ ଏବଂ ଆମ୍ଭମାନଙ୍କର କ୍ଷୁଦ୍ର ବିବେ-ଚନାରେ ଅଯୌକ୍ତିକ ବୋଧ ହେଉ ନାହିଁ । ଗବର୍ଣ୍ଣମେଣ୍ଟ ଏ ସମସ୍ତର କି ମୀମାଂସା କରନ୍ତି ଅଳ୍ପଦିନରେ ଜଣା ପଡିବ । ଆଶା କରୁ ଶୀଘ୍ର ପର୍ଯ୍ୟନ୍ତ ଏ ବିଷୟ ଆନ୍ଦୋଳିତ ହେବ

———

Digitized by srujanika@gmail.com

Split by PDF Splitter



### ସ୍ପେନ ମାର୍କିନ ଯୁଦ୍ଧ ।

ଗତମାସ ତା ୧୮ ରିଖରେ ସ୍ପେନୀୟ ଜେନରଲ ଟୋରାଲ ସାହେବ ମାର୍କିନ ସେନାପତି ସାଫଟର ସାହେବଙ୍କୁ ଆତ୍ମ ସମର୍ପଣ କରି ସକଳ କେନ୍ଦ୍ରରେ ଆପଣାର ତରବାରି ତାହାଙ୍କ ହାତରେ ବଢ଼ାଇଦେଲେ । ଏ ସମୟର ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ ହୋଇଥିଲା । ଜେନରଲ ସାଫଟର ମଧ୍ୟ ଅବିଚଳିତ ରହି ପାରିଲେ ନାହିଁ । ସେ ଯୁଦ୍ଧ ବେଳେ ସ୍ପେନୀୟ ସୈନ୍ୟଙ୍କ ବୀରତ୍ୱ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ ବୁଝିଥିଲେ ଯେ ସ୍ପେନୀୟସେନା ପ୍ରକୃତରେ ବୀର କାପୁରୁଷ ନୁହନ୍ତି । ଗୋଳ ବାରୁଦ ସମସ୍ତ ଶେଷ ହୋଇଗଲା ଏବଂ ଗଡ଼ରେ ଖାଦ୍ୟସାମଗ୍ରୀ ଯାହା ଥିଲା ଶେଷ ହୋଇଗଲା । ତେଣୁ ସ୍ପେନୀୟ ସେନାପତି ଆଉ ଯୁଦ୍ଧ କରିବା ଅସମ୍ଭବ ଜାଣି କ୍ଷାନ୍ତ ହେଲେ । ମାର୍କିନର ବୀରତ୍ୱର ପ୍ରଶଂସା ମାର୍କିନମାନେ ଶତମୁଖେ ଗାୟନ କରୁଅଛନ୍ତି । ଏମନ୍ତ ବୀର ସେନାର ରଣପଣ୍ଡିତ ଅଧିନାୟକଙ୍କର ତରବାରି କାଢ଼ିନେବା ସେ ଅତ୍ୟନ୍ତ ଅମର୍ଯ୍ୟାଦାର କାର୍ଯ୍ୟ ବିବେଚନା କରି ତତ୍କ୍ଷଣାତ୍ ଜେନରଲ ଟୋରାଲଙ୍କୁ ତାହା ପ୍ରତ୍ୟର୍ପଣ କରି ତାହାଙ୍କୁ ସସମ୍ମାନରେ ସଙ୍ଗରେ ନେଇ ସାଣ୍ଟିୟାଗୋ ନଗର ଭ୍ରମଣ ପୂର୍ବକ ଦଖଲ କଲେ ଏବଂ ତହିଁଉତ୍ତାରୁ ଯଥାବିଧି ଆଡ଼ମ୍ବର ସହିତ ମାର୍କିନ ପତାକା ସେ ନଗରରେ ଉଡ଼ାଇ ସ୍ପେନୀୟ ପତାକା ସ୍ଥାନାନ୍ତର କଲେ । ପ୍ରାୟ ୨୨ ହଜାର ସ୍ପେନୀୟ ସେନା ବନ୍ଦୀ ହୋଇଅଛନ୍ତି ଏବଂ ସେମାନଙ୍କୁ ଶସ୍ତ୍ରାଦି ସହିତ ସ୍ପେନକୁ ପଠାଇ ଦେବାନିମନ୍ତେ ମାର୍କିନ ଜାହାଜମାନ ନିଯୁକ୍ତ ହୋଇଅଛି ଏଥିମଧ୍ୟରେ ଜାହାଜମାନ ସାଣ୍ଟିୟାଗୋରୁ ପ୍ରସ୍ଥାନ କରିଥିବ । ଏହିରୂପେ ସ୍ପେନ ମାର୍କିନ ଯୁଦ୍ଧ ଶେଷ ହେବାର ବୋଲି ଯାଇପାରେ । ମାତ୍ର ସନ୍ଧିର କଥା ଶୁଣା ଯାଉଥିଲେହେଁ ସେ ବିଷୟରେ ସ୍ପେନ ଗବର୍ଣ୍ଣମେଣ୍ଟ ଅଦ୍ୟାପି କିଛି ସରକାରୀ କାଗଜଦ୍ୱାରା ପ୍ରକାଶ କରି ନାହାନ୍ତି । ସ୍ପେନର ଗର୍ବ ଚୂର୍ଣ୍ଣ ହୋଇଗଲା ଆଉ ଦ୍ୱନ୍ଦ୍ୱ କରିବାର କାରଣ ଦିଶା ଯାଉ ନାହିଁ । ପଶ୍ଚାନ୍ତରେ ତାରସମ୍ବାଦରୁ ଜଣାଯାଏ ଯେ କିଉବାର ବିଦ୍ରୋହୀମାନେ ସାଣ୍ଟିୟାଗୋ ସେମାନଙ୍କୁ ତତ୍କ୍ଷଣାତ୍ ଦିଆ ନ ଯିବାରେ ମାର୍କିନପ୍ରତି ବିରକ୍ତ ହୋଇ ସାଣ୍ଟିୟାଗୋ ଦଖଲ ସମୟରେ ସେମାନଙ୍କର ସର୍ଦ୍ଦାର କେହି ଯୋଗ ଦେଲେ ନାହିଁ ଏବଂ ତହିଁପାଇଁ ମାର୍କିନ ମଧ୍ୟ ସେମାନଙ୍କ ଉପରେ ବିରକ୍ତ ହୋଇଅଛନ୍ତି । ଭୟ ହେଉଅଛି ଏଥି ସକାଶେ ଗଣ୍ଡଗୋଳ ଉପସ୍ଥିତ ହୋଇ ପାରେ । କିଉବା ଲୋକଙ୍କର ଏପରି ଆଚରଣ ବାସ୍ତବରେ ବିରକ୍ତିଜନକ ଅଟେ । ମାର୍କିନ ସେମାନଙ୍କ ସକାଶେ ଯୁଦ୍ଧରେ ପ୍ରବୃତ୍ତ ଏବଂ ଏତେ କ୍ଷତିଗ୍ରସ୍ତ ହୋଇ ଯଥାକାଳରେ ସାଣ୍ଟିଆଗୋ ସେମାନଙ୍କୁ ପ୍ରଦାନ କରିବାର ଇଚ୍ଛା ପ୍ରକାଶ କରିଥିବା ପ୍ରତ୍ୟକ୍ଷେ ସେମାନଙ୍କର ଏତେ ଉଚ୍ଛୃଙ୍ଖଳ ହେବା ଅନ୍ୟାୟ ଅଟେ । ସେମାନେ ଶାନ୍ତ ନ ହେଲେ ବିପଦରେ ପଡ଼ିବାର ସମ୍ଭାବନା ।

ତା ୨୦ ରିଖର ବିଲାତି ତାରସମ୍ବାଦରୁ ପ୍ରକାଶ ଯେ ସ୍ପେନ ଗବର୍ଣ୍ଣମେଣ୍ଟଙ୍କର ବିନା ପରାମର୍ଶ ଏବଂ ଆଦେଶରେ ଜେନରଲ ଟୋରାଲ ସାଣ୍ଟିୟାଗୋ ପ୍ରଦେଶକୁ ମାର୍କିନମାନଙ୍କୁ ସମର୍ପଣ କରିଥିବାରୁ ସ୍ପେନ ବିରକ୍ତ ହୋଇ ସବିଶେଷ ସମାଚାର ଜାଣିବା କାରଣ କିଉବାର ଶାସନାର୍ଥେ ମାର୍ଶଲବ୍ଲାଙ୍କୋଙ୍କ ନିକଟକୁ ତାରସମ୍ବାଦ ପଠାଇଅଛନ୍ତି ଏବଂ ଜେନରଲ ଟୋରାଲ ବିନା ଆଦେଶରେ କାର୍ଯ୍ୟ କରିଥିବାରୁ କୋର୍ଟ ମାର୍ଶଲ ଅର୍ଥାତ୍ ସୈନିକ ଦଣ୍ଡବିଧି ଅନୁସାରେ ତାହାଙ୍କୁ ବିଚାରାଧୀନରେ ଆଣିବାର ଅବଧାରିତ ହୋଇଅଛି ।

ତା ୨୧ ରିଖର ସମ୍ବାଦ—ସ୍ପେନର ମନ୍ତ୍ରୀବର୍ଗ ଏକମତ ହୋଇ ସନ୍ଧି ସପକ୍ଷରେ ସିଦ୍ଧାନ୍ତ କଲେ ମାତ୍ର ମାର୍ଶଲବ୍ଲାଙ୍କୋ ଏବଂ ଜେନରଲ ଟୋରାଲ ବିନା ଅନୁମତିରେ ଦେଶ ସମର୍ପଣ କରିବାର ଦାୟିତ୍ୱ ସେମାନଙ୍କ ଉପରେ ରହିଲା ।

---

### ଭାଗଲପୁରର ଖୁନ ମୋକଦ୍ଦମା ।

ଏ ମୋକଦ୍ଦମାର ଦରଖାସ୍ତ ବିଚାର ଯେମନ୍ତ ଆଡ଼ମ୍ବର ସହିତ କଲିକତା ହାଇକୋର୍ଟର ଦଉରା ସେଶନରେ ଚାଲିଥିଲା ତାହା ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଅଛୁଁ । ଗତ ପୂର୍ବ ମଙ୍ଗଳବାର ମୋକଦ୍ଦମାର ଶେଷ ନିଷ୍ପତ୍ତି ହେଲା ଏବଂ ଯେଉଁମାନେ ମନେ କରୁଥିଲେ ଯେ ବହ୍ୱାରମ୍ଭେ ଲଘୁକ୍ରିୟା ହେବ ସେମାନଙ୍କର ଅନୁମାନ ବ୍ୟର୍ଥ ହେଲା । ବିଚାର ଯେମନ୍ତ ସମାରୋହ ସହିତ ଆରମ୍ଭ ହୋଇଥିଲା ଫଳ ତେମନ୍ତ ସନ୍ତୋଷଜନକ ହୋଇଅଛି । ଆସାମି ତିନିଜଣ ଗୋରା ସିପାହି । ସେମାନେ ଡାକ୍ତର ସୁରେଶ୍ଚନ୍ଦ୍ରଙ୍କୁ ଆକ୍ରମଣ କରିବାରୁ ସେ ତଳେ ପଡ଼ିଗଲେ ଏବଂ ଏକଜଣ ଗୋରା ସିପାହିର ଗୋଡ଼ରେ ଥିବା ବୁଟଜୋତାର ଆଘାତରେ ତାହାଙ୍କର ମୁଣ୍ଡ ଫାଟି ଯାଇ ମୃତ୍ୟୁ ହେଲା । ଆସାମିମାନଙ୍କ ଉପରେ ଜ୍ଞାନକୃତ ହତ୍ୟା, ତହିଁର ସମତୁଲ୍ୟ ହତ୍ୟା ଗୁରୁତର ପୀଡ଼ା ଦେବା ଏବଂ ସେହି ସମ୍ପର୍କୀୟ ଅନ୍ୟାନ୍ୟ ଅନେକ ଗୁଡ଼ିଏ ଅଭିଯୋଗ ହୋଇଥିଲା । ପ୍ରମାଣ ଗ୍ରହଣ ଏବଂ ଉଭୟ ପକ୍ଷର ସୁଯୋଗ୍ୟ ବାରିଷ୍ଟରମାନଙ୍କର ବକ୍ତୃତା ଶେଷ ହେଲା ଉତ୍ତାରୁ ମାନ୍ୟବର ବିଚାରପତି ଅତ୍ୟନ୍ତ ବିଶଦରୂପେ ଆଇନର ମର୍ମ ଏବଂ ପ୍ରମାଣର ପ୍ରଧାନ ବିଷୟମାନ ଦୀର୍ଘକାଳ ପର୍ଯ୍ୟନ୍ତ ଜୁରିମାନଙ୍କୁ ବୁଝାଇ ଦେଇ ଏବଂ ଏ ମୋକଦ୍ଦମା ସମ୍ବନ୍ଧରେ ଅନ୍ୟତ୍ର ଯେ ସବୁ କଥା ଶୁଣିଥିବେ ବା ପଢ଼ିଥିବେ ସେସବୁ ମନରୁ ଅନ୍ତର କରି କେବଳ ଅଦାଲତରେ ସେମାନଙ୍କ ସମ୍ମୁଖରେ ଯେଉଁ ପ୍ରମାଣ ଉପସ୍ଥିତ ହେଲା ତହିଁ ଉପରେ ବିଚାର କରିବାକୁ ଜୁରିମାନଙ୍କୁ ଅନୁରୋଧ କରି ପରିଶେଷରେ କହିଲେ କି କେହି ଇଂରାଜ କେହି ଦେଶୀୟ ଲୋକକୁ ଅଥବା କେହି ଦେଶୀୟ ଲୋକ କେହି ଇଂରାଜକୁ ବଧ କରିବାର ମୋକଦ୍ଦମା ଉପସ୍ଥିତ ହେଲେ ତାହା ସର୍ବସାଧାରଣଙ୍କର ମନୋଯୋଗ ଆକର୍ଷଣ କରିଲ ନାହିଁ ଏମନ୍ତ ବୋଲିବା ଛଳ କଥା ହେବ ଏବଂ ଏପ୍ରକାର ମୋକଦ୍ଦମାର ବିଚାର ନ୍ୟାୟ ଅପେକ୍ଷା ଜାତୀୟ ସହାନୁଭୂତିଦ୍ୱାରା ଚାଳିତ ହେବାର ଏ ଦେଶୀୟ ଶ୍ରେଣୀ ବିଶେଷର ଲୋକଙ୍କ ମଧ୍ୟରେ କେହି ମନେ କରନ୍ତି ନାହିଁ ଏହା କହିବା ମଧ୍ୟ ଛଳକଥା ହେବ । ଯେବେ ତୁମ୍ଭମାନଙ୍କୁ ଆମ୍ଭେ କହିବୁ ଯେ ନ୍ୟାୟ ବିବେଚନା ଛାଡ଼ି କେବଳ ପ୍ରମାଣ ଦୃଷ୍ଟିରେ ତୁମ୍ଭେମାନେ ଏ ମୋକଦ୍ଦମାର ବିଚାର କରିବ ତେବେ ତୁମ୍ଭମାନଙ୍କୁ ଅପମାନ କରିବା ପ୍ରାୟ ହେବ । ଆମ୍ଭେ ଜାଣୁ ଯେ ତୁମ୍ଭମାନଙ୍କ ମଧ୍ୟରେ ଏମନ୍ତ କେହି ନାହିଁ ଯେକି ସମ୍ପୂର୍ଣ୍ଣରୂପେ ସୁପରିଚିତ ନୁହନ୍ତି ଏବଂ ଆମ୍ଭର ଦୃଢ଼ ବିଶ୍ୱାସ ଯେ ତୁମ୍ଭେମାନେ ଏକଥା ମନରେ ଧାରଣା କରିବ ଯେ ଏ ଦେଶର ଉଚ୍ଚପଦସ୍ଥ ଇଉରୋପୀୟ ପରି ଅତି ସାମାନ୍ୟ ଦେଶୀୟ ଲୋକ ଆଇନଦ୍ୱାରା ରକ୍ଷା ପାଇବାକୁ ସମାନରୂପେ ଅଧିକାରୀ ।” ମାନ୍ୟବର ପ୍ରଧାନ ବିଚାରପତିଙ୍କର ଏହି ନିରପେକ୍ଷ ଏବଂ ନ୍ୟାୟସଙ୍ଗତ ବାକ୍ୟଗୁଡ଼ିକ ଅମୂଲ୍ୟ ଅଟେ ସନ୍ଦେହ ନାହିଁ ଏବଂ ଏହା ଶ୍ରବଣ କରି ଦେଶୀୟ ଲୋକଙ୍କର ବିଶେଷ ପ୍ରୀତି ଓ ଭକ୍ତିଭାଜନ ହୋଇଅଛନ୍ତି ବୋଲିବା ବାହୁଲ୍ୟ ଅଟେ ।

Digitized by srujanika@gmail.com

Split by PDF Splitter

250



ଜୁରିମାନେ ପ୍ରାୟ ଏକଘଣ୍ଟା କାଳ ଆପଣା ମଧ୍ୟରେ ପରାମର୍ଶ କରି ସମସ୍ତ ଆସାମିମାନେ ଷଡ଼ଯନ୍ତ୍ର କରି ଗୁରୁତର ଅପରାଧରେ ଦୋଷୀ ନ ଥିବା ଏବଂ ଗୁରୁତର ପୀଡ଼ା ଦେବା ଅପରାଧରେ ଦୋଷୀ ଥିବାର ଏକମତରେ ପ୍ରକାଶ କଲେ ।

ଜୁରିମାନଙ୍କ ଅଭିପ୍ରାୟ ଶୁଣି ମାନ୍ୟବର ପ୍ରଧାନ ବିଚାରପତି ଆସାମିମାନଙ୍କୁ କହିଲେ ଯେ ତୁମ୍ଭେମାନେ ସ୍ୱଦେଶୀୟ ଜଣକଦ୍ୱାରା ଗୁରୁତର ପୀଡ଼ା ଜନ୍ମାଇବା ଅଭିଯୋଗରେ ଦୋଷୀ ହୋଇଅଛ । ଅମ୍ଭ ବିବେଚନାରେ ଜୁରିମାନେ ତୁମ୍ଭମାନଙ୍କ ମୋକଦ୍ଦମାର ସହାନୁଭୂତିଜନକ ଭାବ ଗ୍ରହଣ କରିଅଛନ୍ତି । ଅମ୍ଭର ସମ୍ପୂର୍ଣ୍ଣ ହୃଦ୍‌ବୋଧ ହୋଇ ଅଛି ଯେ ତୁମ୍ଭେମାନେ ଜଣେ ଦେଶୀୟ ଲୋକକୁ ଏମନ୍ତ ଗୁରୁତରରୂପେ ପ୍ରହାର କଲ ଯେ କହିଁରେ ତାହାର ମୃତ୍ୟୁ ହେଲା । ତୁମ୍ଭମାନଙ୍କ ମଧ୍ୟରୁ ଉଇନ୍ ମଉ ଥିଲା ଥିଲ ଏବଂ ତୁମ୍ଭେ ଛଡ଼ ଓ ତ୍ରଇଡ ମଧ୍ୟ ବିଶେଷ ମଦ୍ୟପାନ କରିଥିଲ ତଥାପି ତୁମ୍ଭମାନଙ୍କର ଅପରାଧ ଅତ୍ୟନ୍ତ ଗରିଷ୍ଠ ଏବଂ ଅମ୍ଭେ ତୁମ୍ଭ ପ୍ରତ୍ୟେକଙ୍କୁ ପରିଶ୍ରମ ସହିତ ୭ ବର୍ଷ କାରାବାସ ଦଣ୍ଡ ଦେଲୁଁ ।

———

ଗତ ଫେବୃଆରୀ ମାସର ପ୍ରଥମ ସ୍କୁଲ ପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି, ଯଥା ।—

ବାଲେଶ୍ୱର ସର୍କଲ

ବ୍ୟାକରଣ

୧ମ ବିଭାଗ

ନୀଳକଣ୍ଠ ଚକ୍ରବର୍ତ୍ତୀ ବାଲିସାହି ସ୍କୁଲ ମେଦିନୀପୁର

ପରମାନନ୍ଦ ଶତପଥି କାନ୍ଥି ସ୍କୁଲ "

ରମାନାଥ ତ୍ରିପାଠୀ " "

ହରିହର ଦ୍ୱିବେଦୀ ଶ୍ରୀ ରାମଚନ୍ଦ୍ର ସ୍କୁଲ ବାଲେଶ୍ୱର

ଈଶ୍ୱରଚନ୍ଦ୍ର ତ୍ରିପାଠୀ ସଂସ୍କୃତବିଦ୍ୟାଳୟ ମୟୂରଭଞ୍ଜ

୨ୟ ବିଭାଗ

ତୈଲୋକ୍ୟନାଥ ଭଟ୍ଟାଚାର୍ଯ୍ୟ

ଶ୍ରୀ ରାମଚନ୍ଦ୍ର ସ୍କୁଲ ବାଲେଶ୍ୱର

ଗିରିଧର ମିଶ୍ର " "

ଭୁବନେଶ୍ୱର ଷଡ଼ଙ୍ଗୀ " "

ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀ ଜମ୍ବୁପୁର "

ଗଣେଶ୍ୱର ଦାସ ମୟୂରଭଞ୍ଜ ବିଦ୍ୟାଳୟ

ଲକ୍ଷ୍ମଣ ମିଶ୍ର " "

ପୀତବାସ ମହାପାତ୍ର ମଥୁରାମୋହନ ସ୍କୁଲ ଉତ୍ତମ

କାବ୍ୟ

୨ୟ ବିଭାଗ

ପୁରୁଷୋତ୍ତମ ଦାସ କାନ୍ଥି ସ୍କୁଲ ମେଦିନୀପୁର

ପୃଥ୍ୱୀନାଥ ହୋତା " "

ଶଙ୍କର ନନ୍ଦ " "

ବ୍ରଜବନ୍ଧୁ ମିଶ୍ର ଶ୍ରୀ ରାମଚନ୍ଦ୍ର ସ୍କୁଲ

ରାମହରି ପଣ୍ଡା "

ପୁରାଣ—୨ୟ ବିଭାଗ

ପଦ୍ମନାଭ ମିଶ୍ର ଶ୍ରୀ ରାମଚନ୍ଦ୍ର ସ୍କୁଲ

ବିଶ୍ୱନାଥ ରଥ "

କଟକ ଓଡ଼ିଶା ସର୍କଲ

ବ୍ୟାକରଣ—୧ମ ବିଭାଗ

କୁଳମଣି ଦାସ ସୁନ୍ଦରଗଡ଼

ବୃନ୍ଦାବନ ମହାପାତ୍ର ପଦ୍ମନାଭ ସ୍କୁଲ

୨ୟ ବିଭାଗ

ଚକ୍ରଧର ଦାସ ପଦ୍ମନାଭ ସ୍କୁଲ

ଲକ୍ଷ୍ମୀଧର ମିଶ୍ର "

ଭଗୀରଥ ଶତପଥି "

ହରପ୍ରସନ୍ନ ଦାସ ଗୁପ୍ତ ଢେଙ୍କାନାଳ

ଘନଶ୍ୟାମ ପଣ୍ଡା ନୃସିଂହପୁର

ଗୋବିନ୍ଦଚନ୍ଦ୍ର ଷଡ଼ଙ୍ଗୀ ଭେଡ଼ା

ଗୋପାଳ ମାନ୍ଦିଘୋଷ ବଜାର

ଅନନ୍ତ ତ୍ରିପାଠୀ ଯୁବରାଜ

କାବ୍ୟ—୨ୟ ବିଭାଗ

ଯଦୁନାଥ କର ଅନୁଗୁଳ

ଗଙ୍ଗାଧର ପାଣି ଢେଙ୍କାନାଳ

ଜଗନ୍ନାଥ ସର୍କଲ ପୁରୀ

ବ୍ୟାକରଣ—୧ମ ବିଭାଗ

ମଧୁସୂଦନ ମିଶ୍ର ରଘୁନନ୍ଦନ ସ୍କୁଲ

୨ୟ ବିଭାଗ

ବଳରାମ ଆଚାର୍ଯ୍ୟ ରଘୁନନ୍ଦନ ସ୍କୁଲ

ମୃତ୍ୟୁଞ୍ଜୟ ମିଶ୍ର "

ସଦାଶିବ ରଥ "

ଗଦାଧର ରାମାନୁଜ ଦାସ "

ଫକୀର ମିଶ୍ର ସଂସ୍କୃତ ସ୍କୁଲ

ନୃସିଂହ କର "

ରାମଚନ୍ଦ୍ର ମହାପାତ୍ର ଦର୍ପଣ ଦପ୍ତର

ଗୋପୀନାଥ ମିଶ୍ର "

ବିଶ୍ୱେଶ୍ୱର ମହାପାତ୍ର ସାକ୍ଷିଗୋପାଳ ସ୍କୁଲ

ବିଶ୍ୱନାଥ ମିଶ୍ର "

ଯୋଗେଶ୍ୱର ନନ୍ଦ ବେଦ ବିଦ୍ୟାଳୟ

ଅନନ୍ତ ରଥ ବେଦ ବିଦ୍ୟାଳୟ

ସଦାଶିବ ରଥ ରାମଚଣ୍ଡୀସାହି ସ୍କୁଲ

କାବ୍ୟ—୨ୟ ବିଭାଗ

ବିଶ୍ୱନାଥ ମିଶ୍ର ରାମଚଣ୍ଡୀସାହି ସ୍କୁଲ

କାବ୍ୟ—୨ୟ ବିଭାଗ

ଯଜ୍ଞେଶ୍ୱର ମିଶ୍ର ସଂସ୍କୃତ ସ୍କୁଲ

ଓଡ଼ିଶାର ନିମ୍ନଲିଖିତ ଛାତ୍ରମାନେ ୨ୟ ସଂସ୍କୃତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ବାଲେଶ୍ୱର ସଂସ୍କୃତ ସର୍କଲ

କାବ୍ୟ—୨ୟ ବିଭାଗ

ଅମରନାଥ ଉଦଗାତା ଗଣେଶ୍ୱର ପୁର

ଓଡ଼ିଶା ସଂସ୍କୃତ ସର୍କଲ କଟକ

ବ୍ୟାକରଣ—୨ୟ ବିଭାଗ

ରାମଚନ୍ଦ୍ର ମହାପାତ୍ର ପଦ୍ମନାଭ ସ୍କୁଲ

ଦୟାନିଧି ରଥ "

ଜଗନ୍ନାଥ ସଂସ୍କୃତ ସର୍କଲ ପୁରୀ

ବ୍ୟାକରଣ—୨ୟ ବିଭାଗ

ଭଗବାନ ପତି ବିଶ୍ୱନାଥ ସ୍କୁଲ

କାବ୍ୟ—୨ୟ ବିଭାଗ

କାଶୀନାଥ ମିଶ୍ର ରଘୁନନ୍ଦନ ସ୍କୁଲ

ଗୋପୀନାଥ ଷଡ଼ଙ୍ଗୀ "

ଲୋକନାଥ ମିଶ୍ର ସଂସ୍କୃତ ସ୍କୁଲ

ବିଶ୍ୱନାଥ ରଥ "

ସାଂଖ୍ୟ—୨ୟ ବିଭାଗ

ଜଗନ୍ନାଥ ମିଶ୍ର ରାମକୃଷ୍ଣ ସ୍କୁଲ

—*—

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଓଡ଼ିଶାର ଅତିରିକ୍ତ ବନୋବସ୍ତ କର୍ମଚାରୀ ବାବୁ ଶିତିକଣ୍ଠ ସରକାର ମେଡିକାଲ ସର୍ଟିଫିକେଟ ଦେଇ ମାର୍ଚ୍ଚ ୧ ଓ ଜୋ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱରର ପୁଲିସର ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଚ୍, ବି, ସେଣ୍ଟଲେଜର ମା ୨।୬ ଦିନର ଛୁଟୀ ପ୍ରାପ୍ତ ହେଲେ ।

ମେଦିନୀପୁରର ଆଃ ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଚ, ଏ, ଏଚ୍, କର୍ଟ, ବାଲେଶ୍ୱର ପୋଲିସର ଚାର୍ଜ ନେବେ ।

କଟକର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଜି, ଏଫ୍, ସି, ଲାଇ ଚାକାକୁ ଓ ଚାକାର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ମିଃ ଡି, ଭି, ଅର୍ କଟକକୁ ବଦଳି ହେଲେ ।

କଟକର ପଶ୍ଚାତ୍‌ଗମ୍ୟ ଅତିରିକ୍ତ ସୁପ୍ରିଣ୍ଟେଣ୍ଡେଣ୍ଟ ମିଃ ଡ, ପି, ତୁଏଲେ ଛଅ ସପ୍ତାହ ଯାଏ କଟକ ଜିଲ୍ଲା ପୋଲିସର ଚାର୍ଜରେ ରହିବେ ।

ସ୍କବ ଭାବୁର ଯେ, ଏଲ, ହେଣ୍ଡ୍ରସ କଲିକତା ବନ୍ଦରର ହେଲ୍ଥ ଅଫିସର ପଦରେ ନିଯୁକ୍ତ ହେଲେ ।

Digitized by srujanika@gmail.com

Split by PDF Splitter



ସେଣ୍ଟଜେବିଅର୍ସ ଅଃ ସର୍ଜନ ଏଫ୍ ଏଫ୍, ଭେଲ ଓ ଏଃ ଇ, ଭୁବନେଶ୍ୱର ଶୋର୍ଡ଼ା ହସ୍ପିଟାଲ ଇନଚାର୍ଜ୍ଂ ଡାକ୍ତର କାର୍ଯ୍ୟରେ ନିଯୁକ୍ତ ହେଲେ ।

ଅଃ ସର୍ଜନ ଭଗବାନ, ଏ, ଲକ୍ଷ୍ମୀମ ବାଲେଶ୍ୱର ଡାକ୍ତର କାର୍ଯ୍ୟରେ ନିଯୁକ୍ତ ହେଲେ ।

କଟକ ନର୍ମାଲ ସ୍କୁଲର ହେଡ଼ ମାଷ୍ଟର ମିଃ ଯେ, ଇ, ଫ୍ରେଞ୍ଚଫେରସ ଫୌଜଦାରୀ କାର୍ଯ୍ୟରେ ଧାରା ୨୨୦ ର କ୍ଷମତା ସହିତ ତୃତୀୟ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପ୍ରାପ୍ତ ହେଲେ ।

ଫୌଜଦାରୀ କାର୍ଯ୍ୟବିଧି ଅନେକ ଆଗାମୀ ଅଗଷ୍ଟମାସ ତା ୧ ରଖଠାରୁ ଅନୁକୂଳ ତଥ୍ୟ ହୁଣ୍ଡରେ ପ୍ରଚଳିତ ହେବ ।

ଜୁଲାଇମାସ ତା ୨୦ ରଖ କଲିକତା ଗେଜେଟରେ ନୋଟିସ ଦିଆ ହୋଇଅଛି ଯେ ହାଇକୋର୍ଟ ଅପିଲ ବିଭାଗରେ ଯେଉଁ ଓଡ଼ିଆ ଓ ବଙ୍ଗଳା ଭାଷାରେ ଅନୁବାଦକ ପଦ ଶୂନ୍ୟ ସେଥିପାଇଁ ଯେଉଁମାନେ ପ୍ରାର୍ଥୀ ହେବେ ସେମାନେ ହାଇକୋର୍ଟରେ ଆଗାମୀ ସେପ୍ଟେମ୍ବରମାସ ତା ୧୨ ରଖରେ ପରୀକ୍ଷା ପ୍ରଦାନ କରିବେ । ପ୍ରାର୍ଥୀମାନେ ପରୀକ୍ଷା ବିଷୟର ନିୟମାବଳୀ ଉକ୍ତ ଅଫିସରୁ ଦରଖାସ୍ତ କଲେ ପ୍ରାପ୍ତହେବେ

---

ଏ ସପ୍ତାହରେ ପ୍ରାୟ ପ୍ରତିଦିନ ବୃଷ୍ଟି ହୋଇଅଛି ମାତ୍ର ପରିମାଣ ନିତାନ୍ତ ଊଣା ହେବାରୁ ଗନ୍ତନିକ ସ୍ଥଳରେ କେତେଗୁଣ ହୋଇପାରି ନାହିଁ ।

ଜ୍ୱରରୋଗ ଏ ସପ୍ତାହରେ କିଛି ବଢ଼ିଅଛି ମାତ୍ର କୌଣସି ଘାତକ ନୁହେଁ ।

ଏଠା କଲେକ୍ଟର ଶ୍ରୀଯୁକ୍ତ ଗ୍ରାଉସ୍ ସାହେବ ଗତ ସୋମବାର ଶ୍ରୀଯୁକ୍ତ ମାକଫର୍ସନ ସାହେବଙ୍କ ଗୃହ ଦେଇ ଡିଷ୍ଟ୍ରିକ୍ଟ ବୋର୍ଡ ଦେଖିବାକୁ ମା ୩ ମ ନିମନ୍ତେ ବଙ୍ଗ ଯାତ୍ରା କଲେ

ଏଠା ଦେବାନୀ ଅଦାଲତରେ ଗୋଟିଏ ନୋଟିଫିସ ଅପହରଣ ମୋକଦ୍ଦମା ଚଳିବାରୁ ପୁଲିସଦ୍ୱାରା ତାହାର ତଦନ୍ତ ହେବାର ଆଦେଶ ହୋଇଅଛି ।

ଓଡ଼ିଶାରୁ ଏଫ୍ ଏ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର ମଧ୍ୟରୁ ନିମ୍ନଲିଖିତ ଛାତ୍ରମାନେ ବୃତ୍ତି ଲାଭ କରିଅଛନ୍ତି ।

୧ ଅନନ୍ତଚନ୍ଦ୍ର ପତି        ୨ ଶଶୀଭୂଷଣ ଦାସ ଗୁପ୍ତ

କଟକର ହାଟ ଇନସ୍ପେକ୍ଟର ଥାନାଠାରେ ଏକ ବ୍ୟକ୍ତି ଅପରାଧ ପ୍ରବେଶିକା ରାତି ଚୋରୀ ନିମନ୍ତେ ନିମ୍ନଲିଖିତ କର ଆଣି ସଙ୍ଗରେ ପୁଲିସ କନଷ୍ଟେବଲ ଅନ୍ୟ ହେଡକନଷ୍ଟେବଲଙ୍କ ସାହାଯ୍ୟରେ ଖଣ୍ଡ ଜଣ ହାତି ନଦୀରେ ପକାଇ ଦେଇ ଥିବାର ସମ୍ବାଦ ମିଳଇ ।—ପୁଲିସ ଏଥିର ବିହିତ ତଦନ୍ତ କରୁଥିବାର କଥିତ ହୁଏ ।

କଲିକତାଠାରେ ଜଣେ ଲୋକ ଆପଣା ସ୍ତ୍ରୀର ଚରିତ୍ରପ୍ରତି ସନ୍ଦେହ କରି ତାହାର ନାକ ଏବଂ କାନ କାଟି ପକାଇବାରୁ ହାଇ ଚଣ୍ଡାଳ ମଜିଷ୍ଟ୍ରେଟ । ବିଚାରରେ ଆସାମୀ ପ୍ରତି ଯାବଜ୍ଜୀବନ ଦ୍ୱୀପାନ୍ତର ବାସର ଆଦେଶ ହୋଇଅଛି ।

ପାରସିମାନଙ୍କର ନେତା ସର ଜାମସେଟଜି ଜିଜିଭାଇ ଗତମାସ ତା ୧୮ ରିଖରେ ପରଲୋକ ଗମନ କଲେ । ଏ ମହାଶୟ ଯେମନ୍ତ ଗୁଣବାନ ସେମନ୍ତ ଧନୀ ଓ ଦାନଶୀଳ ଥିଲେ । କେତେକ ଦିନହେଲା ସେ ଇନଫ୍ଲୁଏଞ୍ଜା ଏବଂ ଜ୍ୱର ରୋଗରେ ପୀଡ଼ିତ ଥାଇ ସେହି ରୋଗରୁ ମୃତ୍ୟୁମୁଖରେ ପତିତ ହେଲେ । ଏହାଙ୍କ ଜ୍ୟେଷ୍ଠପୁତ୍ର ୧୮୫୦ ମସିହା ଜୁଲାଇମାସ ତା ୨୮ ରିଖରେ ଊନଷାଠିବର୍ଷ ବୟସ କ୍ରମରେ ପୁନାଠାରେ ମୃତ୍ୟୁମୁଖରେ ପତିତ ହୋଇଥିବାରୁ ତାଙ୍କର ଦ୍ୱିତୀୟ ପୁତ୍ର କରସେଟଜି ଜାମସେଟଜି ନୂତନ ବାରୋନେଟ ହେଲେ ।

ଉତ୍ତର ପଶ୍ଚିମାଞ୍ଚଳ ଗଢ଼୍ୱାଲ ରାଜ୍ୟରେ ନଦୀମାନ ବିଶେଷ ରୂପେ ବୃଦ୍ଧି ହୋଇ ଫସଲଆଦି ଅନେକ ନଷ୍ଟ କରିଥିବାର ସମ୍ବାଦ ମିଳଇ ।

କଲିକତାର କେବୁତଲାଠାରେ ଏକ ଲୁହାଗୋଦାମରେ କୁଲିମାନେ ଲୁହା ଗଦା କରୁଥିବା ସମୟରେ ଗଦା ଖସିପଡ଼ିବାରୁ ତହିଁତଳେ ଦୁଇଜଣ କୁଲି ରହିଗଲେ । ସେମାନଙ୍କ ତହୁଁ ତଳୁ ବାହାର କରିବା ବେଳକୁ ତାଙ୍କର ପ୍ରାଣବାୟୁ ବାହାରି ଯାଇଥିଲା ।—ମୃତ୍ୟୁ ନାନାପ୍ରକାରରେ ସଂଘଟିତ ହୁଅଇ ।

କଲିକତାରେ ଗୋଟିଏ ଜାହାଜରେ ଜଣେ କୁଲି ଉପରେ କବାଟ ପଡ଼ିଯିବାରେ ତାହାର ତତ୍କ୍ଷଣାତ ମୃତ୍ୟୁ ହୋଇଥିବାର ସମ୍ବାଦ ମିଳଇ । ଅନ୍ୟ ଏକ ଜାହାଜର କୁଲି ଦୁଇ ଗୋଟି ବସ୍ତା ମଧ୍ୟରେ ଚପି ହୋଇ ମରି ପଡ଼ିଥିବାର ମଧ୍ୟ ସମ୍ବାଦ ମିଳେ । ଆଉ ଗୋଟିଏ ଜାହାଜର ଏକଜଣ କୁଲି ଜାହାଜ ଉପରୁ ଜଳରେ ପଡ଼ିଯାଇ ବୁଡ଼ି ମରିଅଛି ।

ଅଟଲାଣ୍ଟିକ ମହାସାଗରରେ ଆମେରିକାର ଲେ ବୁର୍ଗ ଜାହାଜ ଗତମାସ ତା ୫ ରଖରେ ଅଗ୍ନିଦ୍ୱାରା ଭସ୍ମୀଭୂତ ହୋଇ ଥିବାର ସମ୍ବାଦ ମିଳଇ । ଆରୋହୀଙ୍କ ମଧ୍ୟରୁ କେବଳ ୩୪ ଜଣ ଏବଂ କେବଳ ୩୦ ଜଣ ଯାତ୍ରୀଙ୍କର ପ୍ରାଣ ରକ୍ଷା ହୋଇ ଥିବାର କଥିତ ହୁଏ ।

ଚୀନ ରାଜ୍ୟରେ କ୍ରମଶଃ ବିଦ୍ରୋହାଗ୍ନି ପ୍ରଜ୍ୱଳିତ ହେଉ ଥିବାର ସମ୍ବାଦ ମିଳଇ । କ୍ୱାଙ୍ଗ ବିଦ୍ରୋହୀମାନେ ଗୋ ୫ ଟି ନଗର ଅଧିକାର କରିଅଛନ୍ତି ଏବଂ ଲିଚୁ ନିକଟରେ ଚୀନର ସେନାକୁ ପରାସ୍ତ କରି କର୍ମଚାରୀମାନଙ୍କ ବିରୁଦ୍ଧରେ ଯୁଦ୍ଧ ହେଉ ଥିବା ଘୋଷଣା କରିଅଛନ୍ତି । ସେନାପତି ଦଳଗ କର୍ତ୍ତୃକ ୮୦୦୦ ବନ୍ଧୁକ ଧରା ହୋଇ ବହୁ ବନ୍ଧୁକ ଦଣ୍ଡ ଦେବାର ଉଦ୍ୟୋଗ ହେଉଅଛି ।

ବଙ୍ଗାଳ ଗବର୍ଣ୍ଣମେଣ୍ଟର ପ୍ରଧାନ ସେକ୍ରେଟେରି ବୋଲଟନ ସାହେବ ମହୋଦୟ କଲିକତାରେ ମୂକ ଓ ବଧିରମାନଙ୍କର ସ୍କୁଲ କମିଟିର ସଭାପତି ପଦରେ ନିଯୁକ୍ତ ହୋଇଅଛନ୍ତି ।

ବମ୍ବଇ ଠାରେ ମହାମାରି ପ୍ଲେଗ ଶାନ୍ତିଭାବ ଧାରଣ କଲେ ହେଁ ଜଣେ ୨ ଲୋକ ମରି ପଡ଼ିବାର ବନ୍ଦ ହୋଇ ନାହିଁ ଗତ ମାସ ତା ୧୪ ରଖ ପର୍ଯ୍ୟନ୍ତ ସେଠାରେ କେବଳ ୩୦୧୫ ଜଣ ଲୋକ ଉକ୍ତ ରୋଗରେ ଆକ୍ରାନ୍ତ ହୋଇ କେବଳ ୨୩୭୫ ଜଣ ମରି ପଡ଼ି ଥିବାର ସମ୍ବାଦ ମିଳଇ ।

କ୍ୟାଣ୍ଟନ ଠାରେ ଚୀନ ଓ ଫରାସିମାନଙ୍କ ମଧ୍ୟରେ ଗୋଳମାଳ ଘଟିଥିବାର ସମ୍ବାଦ ମିଳଇ । ଫରାସିସ ନାବିକମାନେ ଜଣ ୧୫ ଜଣ ଚୀନବାସୀଙ୍କୁ ଗୁଳି ମାରିଥିବା କଥିତ ହୁଏ । ବର୍ତ୍ତମାନ ଏକ ମାସ ସକାଶେ ଉଭୟ ପକ୍ଷରୁ ଗୋଳମାଳ ସ୍ଥଗିତ ହେବାର ବିଜ୍ଞାପନ ବାହାରି ଅଛି । ଚୀନର ଅବସ୍ଥା ଭଲ ଦେଖା ଯାଉ ନାହିଁ ।

## ସୁଞ୍ଜୁ-ସମ୍ବାଦ ।

ଗତ ମାସ ତା ୧୭ ରଖ ରବିବାର ସନ୍ଧ୍ୟା ୮ ଘଣ୍ଟା ସମୟରେ ଏଠା କ୍ରିଶ୍ଚିୟାନ୍ ସାହୁଙ୍କ ଘରେ ଅଗ୍ନି ଲାଗି ୩ ।୪ ଖଣ୍ଡ ଘର ଜଳି ଯାଇଅଛି । ଏଦିନ ବୃଷ୍ଟି ଯୋଗୁଁ ସ୍ଥଳସବୁ ଓଦା ଥିଲା ଏବଂ ଅଗ୍ନି ଲାଗିବା ସମୟରେ ବୃଷ୍ଟି ମଧ୍ୟ ଅଳ୍ପ ପରିମାଣରେ ପତିତ ହେଉଥିଲା । ଅଗ୍ନି ନିର୍ବାପଣ ନିମନ୍ତେ ନଗରବାସୀ ବହୁ ପରିଶ୍ରମ ପ୍ରଦର୍ଶନ କରିଥିଲେ ।

ଅଙ୍ଗକୁ ପ୍ରାୟ ୧୨ ଦିନ ହେଲା ଏ ନଗରରେ ବୃଷ୍ଟି ହେଉଅଛି ।

ବୃଷ୍ଟି ନ ହେବାରୁ କୃଷକମାନେ ଗଙ୍ଗା ମଣ୍ଡଳ ଆଶାରେ ହାହାକାର କରୁଥିଲେ; କିନ୍ତୁ ବର୍ତ୍ତମାନ ଭଲ ପାଣି ଦେଖି ବୁଣା ବେଉଷଣାଦି କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି ।

ଗତବର୍ଷ ଗୁଣ୍ଡିଚା ଯାତ୍ରାରେ ଏଠାରେ ଓଲଉଠା ହୋଇଥାଏ କିନ୍ତୁ ଏବର୍ଷ ଅଦ୍ୟାବଧି ତାହା ସଙ୍ଗେ ଦେଖା ନାହିଁ । କେଡ଼େ ସୁନ୍ଦର ବିଷୟ ! ଅତି କାଳ ଏଠାରେ ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

ଖଲିକୋଟର ଦାନଶୀଳ ମହାରାଜା ଗୁଣ୍ଡିଚା ଯାତ୍ରାରେ ଶ୍ରୀଜଗନ୍ନାଥ ଦେବଙ୍କ ଦର୍ଶନାର୍ଥେ ଏଠାକୁ ଆସି ଏଠା ଛତ୍ରଶୁଳ "ଦୁଅର ଘର" ନିମିତ୍ତ ଟ ୩୦ ଙ୍କା ପ୍ରଦାନ କରିଅଛନ୍ତି । ମହାରାଜାଙ୍କର ଏତାଦୃଶ ସତ୍କାର୍ଯ୍ୟ ଲାଗି ଆମ୍ଭେମାନେ ତାଙ୍କଠାରେ କୃତଜ୍ଞ ଅଛୁଁ ।

ଗତ ଶୁକ୍ରବାର ଦିନ ଓଡ଼ିଶା ସ୍କୁଲ ସମୂହର ମାନ୍ୟବର ଶ୍ରୀଯୁକ୍ତ ଇନସ୍ପେକ୍ଟର ମହୋଦୟ ଏଠାରେ ପହଞ୍ଚି ସ୍କୁଲମାନ ପରିଦର୍ଶନ କରୁଅଛନ୍ତି ।

ଏ ନଗରରେ ପାଞ୍ଚ ମାଙ୍କଡ଼ମାନଙ୍କର ଉପଦ୍ରବ ଅନବରତ ପ୍ରବଳ ଦେଖି ଏଠା ମିଉନିସିପାଲିଟି ସେମାନଙ୍କୁ ମାରିବା ଲାଗି ହୁକୁମ ଦେଇଥିଲେ । ସେଥିରେ ୧୫୦୦ ମାଙ୍କଡ଼ ମରି ଅଛନ୍ତି ଏଥି ମଧ୍ୟରେ ପଣ୍ଡାଙ୍କ ଟଙ୍କା ଖରଚ । ଏଥି ଯୋଗୁଁ ମାଙ୍କଡ଼ ମରି କେତେ ଦିନ ହେଲା ବନ୍ଦ ଥିଲା ପ୍ରାୟ ଦୁଇ ତିନି ଦିନ ହେଲା ପୁନର୍ବାର ଆରମ୍ଭ ହୋଇଅଛି । ପ୍ରାଣ ବଞ୍ଚାଇ ଉପଦ୍ରବର ପ୍ରତିଶୋଧ ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଶ୍ରୀନନ୍ଦମୋହନ ମୁଖୋପାଧ୍ୟାୟ—ଦତ୍ତ ପୁର କଟକର ଜମିଦାର ଶ୍ରୀଯୁକ୍ତ ମହାରାଜା ଦୁର୍ଗାଚରଣ ଗୁହା ସି, ଆଇ, ଇ ଙ୍କର ନାଏବ ବାବୁ ମଥୁରା ନାଥ ଚକ୍ରବର୍ତ୍ତୀ ବରଖାସ୍ତ ହେବାର ଲେଖିଅଛନ୍ତି ।

ଶ୍ରୀମାନଗୋବିନ୍ଦ ମିଶ୍ର – ବାଲେଶ୍ୱରର ଜଣେ ସୁବିଖ୍ୟାତ ଜମିଦାର ସାମନ୍ତ ସୁଜ ନାରାୟଣ ଦାସ ପୁରୀରେ ଗୋ ୪ ଟା ପୁଷ୍କରିଣୀ ଖୋଳାଇ ଦେବା, ଦାମୋଦର ପୁର ସତ୍‌ଧର୍ମ ପ୍ରଚାରିଣୀ ସଭାର ପୁସ୍ତକାଳୟକୁ ଟ ୧୦୯ ଙ୍କା ସାହାଯ୍ୟ କରିବାର ପ୍ରଶଂସା ଲେଖିଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ        ସମୀପେଷୁ—

ମହାଶୟ ?

ଗତ ମାସ ତା ୧୦ ରଖ ଦିନ ଜନକପୁର ସ୍ୱଳମାତା ଶ୍ରୀ ଶ୍ରୀକୃଷ୍ଣପ୍ରିୟା ପଟ୍ଟମହାଦେବୀ ଜନକାସ୍ତ

Digitized by srujanika@gmail.com

ଜଗନ୍ନାଥପୁରରେ ପ୍ରତିଷ୍ଠିତ ଶ୍ରୀ ବଳଦେବ ଠାକୁରଙ୍କର ସମୀପରେ ଉତ୍‌ସବ ହୋମ କରିବା ଶେଷରେ ଅନେକ ବ୍ରାହ୍ମଣଙ୍କୁ ମିଷ୍ଟାନ୍ନଦ୍ୱାରା ସନ୍ତୁଷ୍ଟ କରାଇଲେ, ମୁଁ ମଧ୍ୟ ଆମନ୍ତ୍ରିତ ହୋଇ ସେଠାକୁ ଯାଇଥିଲି, ସେଠାରେ ଥିବା ସୂର୍ଯ୍ୟ ମୂର୍ତ୍ତିଙ୍କୁ ଦର୍ଶନ କରି ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇ ନିମ୍ନ ଲିଖିତ ଶ୍ଳୋକାଷ୍ଟ ରଚନା କରି ତାହାଙ୍କ ନିକଟରେ ପାଠ କରି ସହୃଦୟ ବ୍ୟକ୍ତିମାନଙ୍କ ସହିତ ଆନନ୍ଦାର୍ଣ୍ଣବରେ ମଗ୍ନ ହୋଇ କୃତାର୍ଥ ମନ୍ୟ ହୋଇଥିଲି ।—

( ସୂର୍ଯ୍ୟାଷ୍ଟକ )

ସତ୍ୟଦେବଲସ୍ୟ ମଣ୍ଡଳବର୍ତ୍ତୀ
ଗଣ୍ଡୋପାଖିଲଜଳାନ ମହାର୍ତ୍ତିଃ ।
ଯାଦବେଶ୍ୱରନରଭାମରଲେଖଃ
ସର୍ବଲୋକଭଗୁ ସ ଚଣ୍ଡମୟୂଖଃ ।୧।
ପଦ୍ମିନୀବନବନୋଦନଧାମଂ
ପାପସନ୍ତତିବିନାଶନଦାମଂ ।
ନୂପୁରୁକ୍ଷଭୁଷୁବାକରହାସ
ତଂ ନମାମି ଶରଣଂ ଭବଶେଷଂ ।୨।
ଧ୍ୱାନ୍ତମତ୍ତକରିକୁମ୍ଭବିହାରିଃ
କେଶରୀବ ଚରତେ କରବାରିଃ ।
ଯସ୍ୟ ଭକ୍ତିଜନତା ପୁରଶାଖୀ
ରକ୍ଷତାକିପଦ ଚଣ୍ଡମୟୂଖୀ । ୩ ।
କାମବୃଷ୍ଟିକୁଶଲଃ ଶିବମୂର୍ତ୍ତିଃ
ବାଡ଼ିମୀ କୁସୁମଶ୍ୟୁତକାନ୍ତିଃ ।
ଏକଚକ୍ରର ରଥାଙ୍ଗବହାଶ
ମାଂ ପୁନାତୁ ବିଷମୂଳଧୃଶୀ । ୪ ।
ଚକ୍ରବାକଯୁଗଳାଲୟ ଶୋକଂ
ଶଶ୍ୱଦୁନ୍ନିମଦୂଳକି ଭବଲୋକଂ ।
ଶୋଷିତାବନିତଳୋଲ୍ଲସପଙ୍କଂ
ଭାବୟାମି ହୃଦି ଭାତବିଶଙ୍କଂ । ୫ ।
ପଦ୍ମସଂଗବଳଶ୍ୟୋବିଲମୂର୍ତ୍ତିଃ
ପଦ୍ମଗନ୍ଧଜନକାନପ୍ରବୃତ୍ତିଃ ।
ମେରୁଚକ୍ରମଣକୌତୁକକାଣ୍ଡ
ଦୁର୍ଗତିଂ ହରତୁ ମେ ଭମସ୍ୱରଃ । ୬ ।
ପୂର୍ବଭୂମିଧରଭୂଷଣରତ୍ନଂ
ଲୋକଭାବନକୃତାଧିକଯତ୍ନଂ ।
ଲୁପ୍ତସ୍ୱାନ୍ତଚନ୍ଦ୍ରକାନ୍ତବନୋଦଂ
ଧାରୟାମି ହୃଦି ଦଗ୍ଧବିଷାଦଂ । ୭ ।
ସୁସ୍ଥଶ୍ରୀପଲଗଲତ୍ପ୍ରଭୁତେଜଃ—
ପୁଞ୍ଜସଫୁରଦଂଶୁସମାଜଃ ।
ସର୍ବଲୋକସଦନୈକଦସାକ୍ଷୀ
ଶର୍ମଣେ ଭବତୁ ଚର୍ମମୟୂଖୀ । ୮ ।

୧୭।୭।୯୮
। କ । କଟକ
ଟିଉଗ୍ରି ଶାସନ

ବଶମ୍ବଦ
ଶ୍ରୀ ଦାମୋଦର ମିଶ୍ର
କାବ୍ୟତୀର୍ଥ
ସ୍ମୃତିଶାସ୍ତ୍ରୀ ଟୋଲ

ମହାଶୟ !

କୌଣସି ଗୁରୁତର ରୋଗାକ୍ରାନ୍ତ ହୋଇ ମୁଁ ଯନ୍ତ୍ରଣା କଷ୍ଟ ପାଉଥିଲି । ନାନା ବିଧ ଔଷଧ ସେବନରେ ରୋଗର ଉପଶମ ନ ହେବାର ଦେଖି ସ୍ଥିରକରି ତ ହେବା ଅଶରେ କଟକ ହାସପାତାଲରେ ଅବସ୍ଥିତ କରିଥିଲି । ହାସପାତାଲରେ ଥିବା କାଳରେ ରୋଗିମାନଙ୍କ ପ୍ରତି ଅସ୍ପେସ୍ଥ ସର୍ଜନ ଶାସ୍ତ୍ରୀ ବାବୁ ଅନନ୍ତଲାଲ ବସୁ ମହୋଦୟଙ୍କର ଯାଉଥିଲେ ଦୟା ଓ ଯତ୍ନ ଦର୍ଶନ କରି ଆମ୍ଭେମାନେ ସୁଖୀ ହେଲୁଁ । ବାବୁ ମହୋଦୟ ଦୀର୍ଘଜୀବୀ ହୋଇ ଦୀନଦୁଃଖୀ ରୋଗିମାନଙ୍କର ପରିଚର୍ଯ୍ୟାରେ ଏହିପରି ରତ ଥାଆନ୍ତୁ, ଈଶ୍ୱରଙ୍କ ନିକଟରେ ଏତନ୍ମାତ୍ର ଆମର ପ୍ରାର୍ଥନା ।

ପ୍ରକାଶ ଥାଉ କି, ଜାହାର କାହାର ଏହିପରି ଧାରଣା ଅଛି ଯେ, ଡାକ୍ତରଖାନାରେ ରୋଗୀପ୍ରତି ଯତ୍ନାନ୍ତ ଅନାସ୍ଥା ପ୍ରଦର୍ଶିତ ହୋଇଥାଏ ଏବଂ ସେହି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ସେମାନେ ଅନ୍ୟାନ୍ୟ ରୋଗିମାନଙ୍କୁ ଏଠାକୁ ଆସିବାକୁ ନିଷେଧ କରଥାନ୍ତି । ପୂର୍ବେ ଆମ୍ଭମାନଙ୍କର ମଧ୍ୟ ଏହିପରି ଧାରଣା ଥିଲା । କିନ୍ତୁ ଉପସ୍ଥିତ ହେବା ଅବଧିରୁ ଆମ୍ଭେ ଏହି ଭ୍ରମ ଦୂର କରିପାରିଲୁ । ଏଠାକୁ ଆସି ନିଯୁକ୍ତ କର୍ମଚାରୀମାନେ ରୋଗିମାନଙ୍କ ପ୍ରତି ଯଥେଷ୍ଟ ଯତ୍ନ ପ୍ରଦର୍ଶନ କରୁଥିବାର ଦେଖି ବିଶେଷ ପ୍ରୀତ ହୋଇଅଛୁଁ । ରୋଗି ନିବାସ ଗୃହର ମଧ୍ୟ ପରିଷ୍କୃତ ଓ ବାୟୁ ସେବିତ । ପ୍ରତ୍ୟହ ପ୍ରାତଃକାଳରେ ଡାକ୍ତରସାହେବ ମହୋଦୟ ସ୍ୱୟଂ ଆସି ରୋଗିମାନଙ୍କ ଅବସ୍ଥା ପରିଦର୍ଶନ କରଥାନ୍ତି ଡାକ୍ତରଖାନାରେ ରୋଗିମାନଙ୍କ ପ୍ରତି ଯତ୍ନ ପ୍ରଦର୍ଶିତ ହୁଏ ନାହିଁ ଯେଉଁମାନଙ୍କର ଏହି ବୃଥା ଧାରଣା ଅଛି ଅଥଚ ଯେଉଁମାନେ ଅର୍ଥାଭାବରୁ ଭଲ ଭଲ ଡାକ୍ତର ଘରକୁ ଆଣି ଚିକିତ୍ସା କରିନ ପାରନ୍ତି ନାହିଁ, ସେମାନଙ୍କ ପକ୍ଷରେ ଚିକିତ୍ସାଭାବରେ ସ୍ୱଳ୍ପ ଦୁର୍ଗୁଣ ଲୋକଙ୍କ ଚିକିତ୍ସାଧୀନ ହୋଇ ଜୀବନକୁ ବିପନ୍ନ କରିବା ଅପେକ୍ଷା ଏଠାକୁ ଆସି ଭଲ ଚିକିତ୍ସକଙ୍କ ନିକଟରୁ ସୁବ୍ୟବସ୍ଥା ଗ୍ରହଣ ଅଥବା କୌଣସି ଆପତ୍ତି ନ ଥିଲେ ଏଠାରେ ରହି ଚିକିତ୍ସିତ ହେବା ବାଞ୍ଛନୀୟ ନୁହେ କି ?

ପରିଶେଷରେ ବକ୍ତବ୍ୟ ଏହି କି, ହାସପାତାଲର ଅବସ୍ଥା ଅନେକ ପରିମାଣରେ ସାଧାରଣର ସାହାଯ୍ୟ ଉପରେ ନିର୍ଭର କରେ । ଗଭର୍ଣ୍ଣମେଣ୍ଟଙ୍କୁ ଯେଉଁ ସାହାଯ୍ୟ ଦିଲେ ତାହା ଯଥେଷ୍ଟ ନୁହଇ । ସୁତରାଂ ଅର୍ଥାଭାବରୁ ହାସପାତାଲ ଦିନକୁ ଦିନ ଅଧୋଗତିକୁ ଯାଉଅଛୁ । ସଙ୍ଗତି ସମ୍ପନ୍ନ ଭଦ୍ର ବ୍ୟକ୍ତିମାନେ ଯଦି ସମୟେ୨ ହାସପାତାଲକୁ ଆଗମନ କରି ଏହାର ଅବସ୍ଥା ପର୍ଯ୍ୟବେକ୍ଷଣ ପୂର୍ବକ କିଛି୨ ସାହାଯ୍ୟ କରନ୍ତେ, ତେବେ ହାସପାତାଲର ଅବସ୍ଥା ଉନ୍ନତ ହୁଅନ୍ତା । ଉତ୍କଳର ନୈତିକ ଗଣ୍ୟମାନ୍ୟ ଭଦ୍ରବ୍ୟକ୍ତିମାନଙ୍କ ଦୃଷ୍ଟି ଏହି ବିଷୟ ପ୍ରତି ଆକୃଷ୍ଟ ହେବା ବାଞ୍ଛନୀୟ ।

ଟ୍ରେନିଂସ୍କୁଲ, କଟକ
୮।୭।୯୮

ବଶମ୍ବଦ
ଶ୍ରୀ ଅନଙ୍ଗମୋହନ
ଚକ୍ରବର୍ତ୍ତୀ ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଜଗମୋହନ ବସୁ | କଟକ | ଟ ୩॥ |
| „ ମହାଦେବ ମିଶ୍ର | „ | ଟ ୧ |
| ରାଜା ବନେ କଉଣ୍ଡିହପୁର | | ଟ ୩ |
| ବାବୁ ବୈଦ୍ୟନାଥ ଦାସ | କଟକ | ଟ ୧ |
| „ ମାଗୁଣି ବେହେରା | „ | ଟ ୩ |
| „ ପଦ୍ମନାଭ ପଟ୍ଟନାୟକ | ମୟୂରଭଞ୍ଜ | ଟ ୩ |
| ମିସ ଡ୍ରାଇଭେଲ | ବାଲେଶ୍ୱର | ଟ ୩ |
| ବାବୁ ଗୋବିନ୍ଦ ମହାପାତ୍ର | ମୟୂରଭଞ୍ଜ | ଟ ୩ |
| „ ଗୋପୀମୋହନ ଶର୍ମା | ପଟନାଗଡ଼ | ଟ ୨ |
| „ ଗୋବିନ୍ଦ ମିଶ୍ର | ସତ୍ୟବାଦୀ | ଟ ୧ |
| „ ମାଗୁଣିଚରଣ ମହାନ୍ତି | ଭବାନୀପୁର | ଟ ୩ |
| „ ଜଗନ୍ନାଥ ସାମନ୍ତ | ସୁନାଖଳା | ଟ ୧ |
| ମାନେଜର ଷ୍ଟେଟ୍ ନରସିଂହପୁର | | ଟ ୩ |
| ବାବୁ ନାରାୟଣପ୍ରସାଦ ମହାନ୍ତି | ପୁରୁଷୋତ୍ତମପୁର | ଟ ୩ |
| ପଣ୍ଡିତ ଗୀତାନାଥ ଦାସ | ମାହାଙ୍ଗା | ଟ ୩ |
| ଚୌଧୁରୀ ହରିକୃଷ୍ଣ ପାଣିଗ୍ରାହୀ | ତଲାହ୍ୟା | ଟ ୩ |
| ବାବୁ କାହ୍ନୁଚରଣ ପଣ୍ଡା | ବେଗୁନିଆ | ଟ ୩ |
| „ ବଳରାମ ରଥ | | ଟ ୩ |
| ଶେଖ ହଲିମ ମହମ୍ମଦ | ମହାଙ୍ଗା ହସ୍ତିନ | ଟ ୧ |
| ବାବୁ ରଘୁନାଥ ଦାସ | ଚେଙ୍ଗାନାଳ | ଟ ୩ |
| „ ବୈଷ୍ଣବ ଚରଣ | ବାମନପୁର | ଟ ୧ |
| „ ଧର୍ମସ୍ୱରୂପ ଶର୍ମା | ମାହାଙ୍ଗା | ଟ ୨ |
| ଶେଖ ବଦରଉଦ୍ଦିନ ମହମ୍ମଦ ହକ ହି | | ଟ ୨ |
| „ କର୍ଣ୍ଣୀରଘୁନାଥ ଜଗଦ୍ବନ୍ଧୁ ଦେବ | | ଟ ୩ |
| „ କାଶୀନାଥ ଦାସ | ଭଦ୍ରକ | ଟ ୩ |

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ସହର କଟକ ପ୍ରେସ୍‌ମିଂ ବଜାର ବଜାର ମୁନସି ଅବଦୁଲଗଫୁର ଓ ଅବଦୁଲ କରିମ ହୁନ-

Digitized by srujanika@gmail.com

...। ସହର କଟକ ଆଜମଖାଁ ବଜାର ନିବାସୀ ...ମ୍ଭେ ମଇନାଖାତୁନଙ୍କଠାରୁ ସନ ୧୮୯୮ ...ସାଲ ଜନୋର ମାସ ତା ୨୪ ରଖେ ଏକକତା ...ପ ମୋକ୍ତାପତ୍ର ଲେଖାଇ ରେଜେଷ୍ଟ୍ରି କରି ...ଇଥିଲେ ମାତ୍ର ଅମ୍ଭେ ଉକ୍ତ ଅମୋକ୍ତାମତା ...ରୁ ରଦ ରହିତ କରିଅଛୁଁ ଉକ୍ତ ଅମ ...ମୋକ୍ତାପତ୍ର ବଳରେ ଉକ୍ତ ଅବଦୁଲଗଫୁର ଓ ...ବଦୁଲ ରହିମ ଆଜ ତାରିଖଠାରୁ ଯେ ...ଯାହିଁଣସି କାର୍ଯ୍ୟ କରିବେ ସେ ସମସ୍ତ କାର୍ଯ୍ୟ ...ସିଦ୍ଧ ଓ ଅଗ୍ରାହ୍ୟ ଓ ନାମଞ୍ଜୁର ହେବ । ...। ୨୭।୭।୯୮ ମସିହା ।

Bashiduddin Mohomed
Azam Khan Bazar,

---

ମଧୁପୁର ଗଡ଼ଠାରେ ଏକ ନୂତନ ଛାତ୍ରବୃତ୍ତି ...ଲ ସ୍ଥାପନ ହେବ । ସେଥି ସକାଶେ ମାସିକ ... ୧୨ ଙ୍କା ବେତନରେ ଏକଜଣ ହେଡ଼ ...ପଣ୍ଡିତ ଓ ଟ ୬୧ଙ୍କା ବେତନରେ ଏକଜଣ ...ଯୁ ଶିକ୍ଷକର ଆବଶ୍ୟକ । ପ୍ରାର୍ଥିମାନେ ସ୍ୱ ସ୍ୱ ...ପ୍ରଶଂସାପତ୍ର ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ...ଆଗାମୀ ଅଗଷ୍ଟମାସ ତା ୧୫ ରିଖ ମଧ୍ୟରେ ...ଆବେଦନ କରିବେ ।

Gopimohun Roy
*Manager*,
Madhupur Ward's Estate
Via Dharamsala P. O.
District Cuttack.

---

## NOTICE.

Wanted a teacher on Rs. 45 per mensem for the Kendrapara H. E. School and a Graduate having a fair experience in teaching will be preferred.

Applications will be received by the Secretary upto 11th proximo.

Kendrapara H. E. School 27th July 1898.    Jamiluddin Mohomed *Head master.*

---

## NOTICE.

Wanted a competent and Experienced Accountant and Head Clerk for the District Board's Office, Puri on a salary of Rs. 60 rising to Rs. 80 by annual increment of Rs. 2 ( two )

Only those need apply who have passed the Examination prescribed in the Public Works Department Code, Vol I Appendix C, and who have sufficient experience in dealing with English correspondence. The applicants should state their age.

Applications with copies of testimonials will be received up to the 15th August 1898.

Distt. Board's Office Puri. The 19th July 1898.    JAGABANDHU PATNAIK *for Vice chairman D.B. Puri*

---

# ବିଜ୍ଞାପନ ।

ଶ୍ରୀ ଦ୍ରନ୍ଦ୍ର ଶାରଳାଦାସଙ୍କର ଅଷ୍ଟାଦଶପର୍ବ
ସଚିତ୍ର

# ମହାଭାରତ ।

ଏହା ଓଡ଼ିଶାବାସିଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଳଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେମନ୍ତ ଅଧିକ ଗ୍ରନ୍ଥ ପ୍ରାପ୍ତିର ଅଭାବ ତତୋଧିକ ଅତଏବ ପୁସ୍ତକପ୍ରକାଶକ କମ୍ପାନି ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼ସଙ୍କଳ୍ପ ହୋଇଅଛନ୍ତି ଅତରେ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତିଶୟ ବୃହତ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁନ୍ଦର ସୁନ୍ଦର ଚିତ୍ର ମଧ୍ୟ ଦିଆ ଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ଥାନବିଶେଷରେ ଦିଆ ଯିବ । ସାଧାରଣଙ୍କ ସୁବିଧା ନିମିତ୍ତ ଏକ ଏକ ପର୍ବ ବିକ୍ରୟ ହେବ । କ୍ରମେ୨ କ୍ରୟ କଲେ ମୂଲ୍ୟ ବିଷୟ କାହାରିକି ବାଧିବ ନାହିଁ । ବର୍ତ୍ତମାନ ସଚିତ୍ର କର୍ଣ୍ଣ, ଶଲ୍ୟ, ଗଦା, କାଇଁଶିକା ଓ ଶାନ୍ତି ଓ ନାସି ପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟ ବିକ୍ରୟ ହେଉଅଛି ।

| | | | |
|---|---|---|---|
| କର୍ଣ୍ଣପର୍ବ | ଟ ୦।୬ | ଡାକମାସୁଲ | ଟ ୦୯୬ |
| ଶଲ୍ୟପର୍ବ | ଟ ୦ ।୵ | „ | ଟ ୦୯୬ |
| ଗଦାପର୍ବ | ଟ ୦। | ଡାକମାସୁଲ | ଟ ୦୯୬ |
| କାଇଁଶିକାପର୍ବ | ଟ ୦।୵ | „ | ଟ ୦୯୬ |
| ନାସି ଓ ଶାନ୍ତିପର୍ବ | ଟ ୦।୵ | „ | ଟ ୦୯୬ |

---

ଆମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କ ଭୋଜନସାମଗ୍ରୀ ଏବଂ ସ୍ୱସ୍ତାର୍ଥ ବିବେଚନା ମତେ ଦିଆଯାଏ । ବର୍ତ୍ତମାନ କେତେକଦିନ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଆସୁ ନ ଥିବାରୁ ଆମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ୱାରା ତୀର୍ଥବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଅଛୁ କି ସେମାନେ ତୀର୍ଥକୁ ଯିବା ସମୟରେ ଆମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଆମ୍ଭର ସାଧ୍ୟ ଅନୁସାରେ ସେମାନଙ୍କର ଚର୍ଚ୍ଚା କରି ଅପଣାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୭।୯୮

ଶ୍ରୀ ମହାଜନ ଦାଳ ସାହୁ
। ଥା । ଜଳସର ବ୍ରହ୍ମପୁର । ଗ୍ରା । ବରୁଆ
ଯାଜପୁର ସଃ ଡିବିଜନ
ଜିଲ୍ଲା କଟକ

---

## ଦୀର୍ଘକାଳର ପରୀକ୍ଷିତ ।

# ଯାଦୁର ଅବ୍ୟର୍ଥ ମହୌଷଧ ।

ସର୍ବପ୍ରକାର ଦଦ୍ରୁ ରୋଗର ଏହାପରି ଆଶୁ ଫଳପ୍ରଦ ଔଷଧ ଆଉ ଦ୍ୱିତୀୟ ଦେଖାଯାଇ ନାହିଁ।

ମୂଲ୍ୟ ପ୍ରତିଡ଼ବା ଟ ୦ ।୬ ଛ ଅଣା । ମାଶୁଲ ଓ ଭିଃ ପିଃ ଖର୍ଚ୍ଚା ସ୍ୱତନ୍ତ୍ର । ଏକତ୍ରରେ ଅଧିକ ନେଲେ ବିଶେଷ ସୁବିଧା ଅଛି ।

ଏହି ଔଷଧର ବିଶେଷ ଗୁଣ ଏହିକି ଯାହା ଲଗା ସ୍ଥାନରେ କେବଳ ଦୁଇ ତିନି ଦିନ ମଧ୍ୟରେ ଯେତେ କଠିନ ଅସାଧ ଦଦ୍ରୁରୋଗ ହେଉ ନା କାହିଁକି ଫଳ ନ ଦେଖାଇ ରହିବ ନାହିଁ । ଏହେତୁ ଯାଦୁରୋଗଗ୍ରସ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାହସ କରି କୁହା ଯାଉଅଛି; ଅନ୍ତତଃ ଥରେ ହେଲେ ଏହାକୁ ପରୀକ୍ଷା କରି ଦେଖିବାକୁ କଦାପି ଉପେକ୍ଷା ନ କରନ୍ତୁ ଏଥି କ୍ଷତିମାତ୍ର ନାହିଁ ବରଂ ଅଶେଷ ଉପକାରର ସମ୍ଭାବନା ଅଛି । ଶତ ଶତ ବ୍ୟକ୍ତି ଏଥିରେ ରୋଗମୁକ୍ତ ହୋଇ ସ୍ୱ ଇଚ୍ଛାରେ ଏହାର ଉପକାରିତା ସ୍ୱୀକାର କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ।

## ବିଶେଷ ଦ୍ରଷ୍ଟବ୍ୟ ।

ଯେ କେହି ଔଷଧ ପାଇଁ ପ୍ରାର୍ଥୀ ହେବେ ସେ ଯେମନ୍ତ ଆପଣାର ନାମ, ଧାମ ଡାକଘର ଜିଲ୍ଲା ଏବଂ ଔଷଧ କେତେ ଡବା ନେବେ ଏମାନ ସ୍ପଷ୍ଟରୂପେ ଲେଖିବାକୁ କଦାପି ଭୁଲିବେ ନାହିଁ ।

ପ୍ରାପ୍ତିସ୍ଥାନ
ଶ୍ରୀ ଗ୍ରମନାରଙ୍କ ସେନ
ଦେଙ୍କ ଉତ୍କଳପ୍ରେସ, ବାଲେଶ୍ୱର ।

---

ଦ୍ୱିତୀୟ ସଂସ୍କରଣ ।

# ସରଳ-ଶରୀର ରକ୍ଷା ।

ପରିବର୍ତ୍ତିତ ଓ ନୂତନ ଚିତ୍ରଯୁକ୍ତ ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭ କୃତ ଉପରୋକ୍ତ ପୁସ୍ତକ, ବେଙ୍ଗଲଗଭର୍ଣ୍ଣ

ମେସର୍ ଦ୍ରମଣ୍ଡ ଶିକ୍ଷାବିଭାଗୀୟ ଡାଇରେକ୍ଟର ସାହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ କର୍ତ୍ତୃକ ସମସ୍ତ ଉତ୍କଳୀୟ ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ କଟକ-ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ଶ ୧୫୦୦୦ ଖଣ୍ଡ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ଗଣିତଶାସ୍ତ୍ର ପ୍ରଶ୍ନୋତ୍ତର ପ୍ରତିଖଣ୍ଡର ପାଞ୍ଚପଇସା

ଓଡ଼ିଶ୍ୟା ସେଣ୍ଟ୍ରାଲ
ମେଡିକେଲ ହଲ
କାଲୁବଜାର କଟକ
} ଡାକ୍ତର
ଶ୍ରୀ ସମ୍ଭୁପ୍ରସାଦ

## ଧ୍ରୁବଲୀଳା ।

ଆଜପର୍ଯ୍ୟନ୍ତ ଯେତେ ସ୍ୱୁଅଙ୍ଗ ବହି ବାହାରି ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ ଏହା ସର୍ବୋତ୍କୃଷ୍ଟ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ୧୦୨ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ସୁଅଙ୍ଗ ସୁଲଳିତଗୀତରେ ଗୀତିରେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏଥି-ର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ ।

କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ଟ ୦ ।୯

ମୋଫସଲ ଗ୍ରାହକଙ୍କୁ ମୂଲ୍ୟଛଡ଼ା ୵୦ ୧ ୨ ଡାକମାସୁଲ ପଡ଼ିବ ।

ବାମନନ୍ଦିବେଦ ।



ଟାଇମପିସ୍‌ ମୂଲ୍ୟ ଟ ୫୵ ୧
ଗ୍ରାହକେ କଲିକତା ଦରରେ ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଔଷଧ ଆମ୍ଭ ଦୋକାନରେ ବିକ୍ରୀପାଇଁ ପ୍ରସ୍ତୁତ ଅଛି ।

ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଆମ୍ଭ ଦୋକାନରେ ତତ୍ତ୍ୱ କଲେ ସମସ୍ତ ବସ୍ତୁ ପ୍ରାପ୍ତ ହୋଇ ପାଇବେ ମୋଫସଲ ଗ୍ରାହକ ଇଚ୍ଛାକଲେ ଭେଲ୍ୟୁପେବଲ୍‌ ପାଇ ପାରିବେ ।

ଚୌଧୁରୀବଜାର
କଟକ
} ସେଖ ଅବଦୁଲଅଜଜ
ଔଷଧ ମେକର ଓ ଜେନେରେଲର

## ବିଜ୍ଞାପନ ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ଦ୍ୱାରାରେ କଟକଷ୍ଟାଇପ ଫାଉଣ୍ଡ୍ରୀ କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି । ଇଂରେଜୀ ଓ ସ୍ମଲପାଇକା ସାଇଜର ଓଡ଼ିଆଅକ୍ଷର ଓ ଇଂରାଜୀ ସ୍ମଲପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଇଷ୍ଟଲକସ୍‌ ଯେକୌଣସି ଛାପାଖାନା ପାଇଁ ଯାହାର ପ୍ରୟୋଜନ ହେଲେ ସେ ଆମ୍ଭଙ୍କୁ ସମ୍ବାଦ ଦେଲେ ଆମ୍ଭେ ଯୋଗାଇ ପାରିବୁଁ । ଆବେଦନ କଲେ ଅକ୍ଷରର ନମୁନା ଦେଖି ଦର ଜାଣି ପାରିବେ ।

ଦରଘାବଜାର
କଟକ
} ଶ୍ରୀ ଗୌରୀଶଙ୍କର ରାୟ
ମାନେଜର

## ବନାରସ ମାଲ ।

ବନାରସରେ ଆମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି । ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଆମ୍ଭର କାର୍ଯ୍ୟ ଆମ୍ଭେ ଭାରତର ନାନାସ୍ଥାନବାସୀ ରାଜା, ଜମିଦାରମାନଙ୍କୁ ଭଣ୍ଡାରୀଙ୍କରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ଆମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର କଚ୍ଛମାତ୍ର ଆଶଙ୍କା ନାହିଁ । ବାମଣ୍ଡା, କେନ୍ଦୁଝର, ଧାଙ୍କେନା, ଅଠମଲ୍ଲିକ, ସମ୍ବଲପୁର, ସରାଇକଲା ପ୍ରଭୃତି ସ୍ଥାନର ମହାରାଜ ବାହାଦୁରମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଥିବା ପ୍ରକୃତ ଖବର ଜଣା ପଡ଼ିବ ଯାହାଙ୍କର ଯେ କିଛି ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅବିଳମ୍ବେ ଭେଲ୍ୟୁପେବଲ ପାର୍ଶଲରେ ପଠାଇ ଦିଆଯିବ । ମାଲ ମନୋମତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଉଥିଲେ ଅନ୍ୟ ମାଲ ବଦଳାଇ ଦିଆ ଯିବ ବା ଟଙ୍କା ଫେରି ଦିଆଯିବ କେବଳ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ ଆମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ପଦାର୍ଥମାନ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥାଏ । ଯଥା ବନାରସୀ ଜରିଦାର ଶାଢ଼ୀ, ଧୋତି ଚଦର, ଟୋପି, କୋଟ, ଫେଟା, ବଂଗାଳ ଦାସ୍ତା, ସଙ୍ଗୀ ଦୋପଟ୍ଟା ମଖମଲ, ଜରିରେ ବାନ୍ଧନାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଇତ୍ୟାଦି ଖଚିତ ଅଙ୍ଗରଖା ପ୍ରଭୃତି ।

ଏହା ଛଡ଼ା ସୁନା ରୂପାର ବାସନ, ସୁନା, ରୂପାର ଗିଲଟି ଜରି ହାରର ତାର୍‌ଦା ପ୍ରଭୃତି ପଦାର୍ଥ ବରାତ ଅନୁସାରେ ତୟାର କରିଦେଉଁ । ବରାତ ଦେବାବେଳେ ଗ୍ରାହକମାନଙ୍କ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ ଓ ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାଫା (ବହିଃଆବରଣ) ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଶ୍ରୀ ପାଲୁମାଲ ଭୋଲାନାଥ
ଭୂତ୍ରଗଡ଼ ଫାଟକ ବନାରସ ସିଟି

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧମୂଲ୍ୟ | ଟ ୵୦ |
| ପଞ୍ଚ ଏକ ମୂଲ୍ୟ | ଟ ୵୦ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଦର ଟ ୦ । ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଅର୍ଦ୍ଧମୂଲ୍ୟ ଅଧିକ ନେଇ ଓ ତଦୂର୍ଦ୍ଧ୍ୱ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ

ବିଜ୍ଞାପନର ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୩ | ସଂ ୩୨ ସଂଖ୍ୟା

ତା ୨ ଅଗଷ୍ଟ ସନ୍ ୧୮୯୮ ମସିହା । ମୁ ୨୩ ଶ୍ରାବଣ ସନ ୧୩୦୫ ସାଲ ଶନିବାର ।

ଅଗ୍ରିମ ୨ | ପଶ୍ଚାଦ୍‌ଦେୟ ୨ ୫


ଶ୍ରୀମତୀ ଭାରତେଶ୍ୱରୀଙ୍କ ପୁତ୍ର କନ୍ୟା ଓ ସେମାନଙ୍କର ପିଲା ପିଲଙ୍କ ମଧ୍ୟରେ ବର୍ତ୍ତମାନ ୫୭ ଜଣ ଜୀବିତ ଅଛନ୍ତି । ସେମାନଙ୍କ ମଧ୍ୟରେ ୨୪ ଜଣ ରାଜା ଏବଂ ୯ ଜଣ ରାଜତ୍ୱ ପାଇବାର ଅଧିକାରୀ ଅଛନ୍ତି । ଏମନ୍ତ ଭାଗ୍ୟବତୀ ରାଣୀ କେବେ ଦେଖା ନ ଥିଲେ ।

---

କଲିକତାରେ ପ୍ଳେଗ ରୋଗ ୭ । ୮ ଦିନ ଅବଧି ଦେଖା ନ ଥିଲା ପୁଣି ପୂର୍ବ ସପ୍ତାହ ପ୍ରଭୃତିରେ ଦୁଇ ଏକ ଜଣଙ୍କୁ ରୋଗ ଧରିବାର ଏବଂ ମୃତ୍ୟୁ ଘଟିବାର ଦେଖା ଯାଉଅଛି । ସୁତରାଂ କଲିକତା ବାସିମାନେ ନିଶ୍ଚିନ୍ତ ହୋଇ ପାରୁ ନାହାନ୍ତି । ବମ୍ବେଇ ଓ କରାଚିରେ ରୋଗ ପୂର୍ବପ୍ରାୟ ରହିଅଛି ।

---

ବୃଷ୍ଟିର ଭାବନା ଦିନକୁ ଦିନ ବଢ଼ାଇଲା ପ୍ରାୟ ପ୍ରତିଦିନ ମେଘ ଉଦୟ ହୋଇ କିଞ୍ଚିତ ବୃଷ୍ଟି କରୁଅଛି ମାତ୍ର ପରକ୍ଷଣ ତାହା ଶୁଖି ଯାଉଅଛି । ନଈବଢ଼ି ହେବା ତେମନ୍ତ ନାହିଁ ଯେ ବିଲରେ ଜଳ ମାଡ଼ିଯିବ । ଦୁଇ ବେହୁଡ଼ାର ପାଣି ଅବଧି ହୋଇ ନାହିଁ ଏଣେ ଶ୍ରାବଣ ମାସ ଶେଷ ପ୍ରାୟ । ବିଲର ଓ ମାଣ୍ଡିଆ ବଳ ହୋଇଅଛି । ଶୀଘ୍ର ବୃଷ୍ଟି ହେଲେ ଶାଳିଦର ଅବସ୍ଥା ପେଲେ ଯିବାର ଅଛି ।

---

ସରକାରୀ ରିପୋର୍ଟରୁ ପ୍ରକାଶ ଯେ ସିନ୍ଧୁ ପ୍ରଦେଶର ସରକାରୀ ନାଲମାନଙ୍କରୁ ସନ ୧୮୯୬।୯୭ ସାଲରେ ଶତକଡ଼ା ୫ ।୧୫ ଲେଖାଏଁ ରାଜସ୍ୱ ଲାଭ ହୋଇଥିଲା । ଅର୍ଥାତ୍ ସେ ପ୍ରଦେଶର ନାଲମାନଙ୍କରୁ ଆଦାୟ ହେବା କର ଇତ୍ୟାଦିରୁ ସମସ୍ତ ବ୍ୟୟ ଯାଇ ଯାହା ଲାଭ ହୋଇଥିଲା ତାହା ମୂଳଧନ ଉପରେ କଷିଲେ ଶତକଡ଼ା ୫ ।୧୦ ପଡ଼ିଲା । ଭାରତର ଅନ୍ୟ କୌଣସି ପ୍ରଦେଶରେ ଏତେ ଲାଭ ହେବାର ଦେଖା ନାହିଁ ।

---

ପଞ୍ଜାବ ଅନ୍ତର୍ଗତ କେଉଁଥାଲ ନାମକ ଗୋଟିଏ କ୍ଷୁଦ୍ର ଗଡ଼ଜାତ ରାଜ୍ୟର ରାଜା ଆପଣାର ପ୍ରଜାଙ୍କ ଉପରେ ଅତ୍ୟାଚାର କରିବାରୁ ସେ ରାଜ୍ୟ ଶାସନର ଯୋଗ୍ୟ ନୁହନ୍ତି ପଞ୍ଜାବ ଗବର୍ଣ୍ଣମେଣ୍ଟ ଏହା ସ୍ଥିର କରି ତାହାଙ୍କୁ ଶୀଘ୍ର ରାଜ୍ୟ ଛାଡ଼ି ସିମଲାଠାରେ ବାସ କରିବା କାରଣ ଆଦେଶ ଦେଇଅଛନ୍ତି । ରାଜା ଖୋରାକ ପାଇ ସିମଲାରେ ବାସ କରିବେ ଏବଂ ଜଣେ ସାହେବ ମାନେଜର ନିଯୁକ୍ତ ହୋଇ ରାଜ୍ୟ ଶାସନ କରିବେ । ରାଜା ଇଣ୍ଡିଆ ଗବର୍ଣ୍ଣମେଣ୍ଟରେ ଅପିଲ କରିବାର ଚାହିଁ କରୁଅଛନ୍ତି ମାତ୍ର ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଅଙ୍ଗୀକାରରେ ଏହିର ହେବା ସମ୍ଭବ ନୁହେ । ଫଳ ଯାହା ହେଉ ଗଡ଼ଜାତ ପ୍ରଜାମାନଙ୍କର ଅତ୍ୟନ୍ତ ସାବଧାନତା ସହିତ କଷ୍ଟ ୨ ରାଜ୍ୟ ଶାସନ କରିବା ଉଚିତ । ପ୍ରଧାନ ଗବର୍ଣ୍ଣମେଣ୍ଟ ସେମାନଙ୍କୁ ସେହିଁ ଉକ୍ତ ଅଧିକାର ଦେଇଅଛନ୍ତି । ତହିଁର ଅପଚୟ ଦେଖିଲେ କଦାଚ ଛାଡ଼ି ଦେବେ ନାହିଁ ।

---

କାଶୀର ଜଣେ ଓଡ଼ିଆ ଲେଖି ଅଛନ୍ତି କି କାଶୀ ଭାରତବର୍ଷର ଗୋଟିଏ ପ୍ରଧାନ ତୀର୍ଥ ଅଟେ । ସେଠାରେ ନାନାସ୍ଥାନର ଅନେକ ବ୍ରାହ୍ମଣ ଯତ୍ୟାଦି ସକୁଟୁମ୍ବରେ ବାସ କରୁଅଛନ୍ତି ଏବଂ ନାନା ପ୍ରଦେଶର ରାଜା ପ୍ରଭୃତି ବଡ଼ ଲୋକମାନେ ଅନ୍ନକ୍ଷେତ୍ର ସ୍ଥାପନ କରିଅଛନ୍ତି । ମାତ୍ର ଉତ୍କଳ ଦେଶର କେହି ସକୁଟୁମ୍ବ ବାସ କରୁ ନାହାନ୍ତି କିମ୍ବା ଓଡ଼ିଶାର କେହି ଭାଗ୍ୟବାନ୍ ପୁରୁଷ ସେଠି ଏ ପ୍ରକାର ଅନ୍ନକ୍ଷେତ୍ର ଦେଇ ନାହାନ୍ତି । ଓଡ଼ିଶାର ଶ୍ରୀକ୍ଷେତ୍ର ପରି ପ୍ରଧାନ ତୀର୍ଥସ୍ଥାନ ଏବଂ ଅନ୍ନକ୍ଷେତ୍ର ଭଲ ବନ୍ଦୋବସ୍ତ ଥିବାରୁ ବୋଧ ହୁଏ ଓଡ଼ିଆବାସୀମାନେ ଅନ୍ୟତୀର୍ଥ ପ୍ରତି ସେତେ ମନୋଯୋଗୀ ହୋଇ ନାହାନ୍ତି ଏବଂ ଅତ୍ୟନ୍ତ ଦୂରତା ଏବଂ ଦୁର୍ଗମତା ହେତୁ କ୍ଷେତ୍ରବାସଠାରୁ କାଶୀବାସକୁ କେହି ଅଧିକ ଆସ୍ଥା କରି ନାହାନ୍ତି ।

---

ମାନ୍ଦ୍ରାଜର ବ୍ୟବସ୍ଥାପକ ସଭାରେ ପ୍ରଜାସତ୍ୱ ଆଇନର ଯେଉଁ ପାଣ୍ଡୁଲିପି ବର୍ତ୍ତମାନ୍ ଉପସ୍ଥିତ

Digitized by srujanika@gmail.com

Split by PDF Splitter



ହୋଇଅଛୁ ତାହା ସ୍ଥଳରେ ବଙ୍ଗୀୟ ପ୍ରଜାମାନଙ୍କ ଅନ୍ତଃର ଅନୁକରଣରେ ପ୍ରସ୍ତୁତ ହେବାର ଜଣାଯାଏ। ମାନ୍ଦ୍ରାଜର ଜମିଦାରମାନେ ଏଥିରେ ମହା ବ୍ୟସ୍ତ ଏବଂ ସେଠାର ଜମିଦାର ସଭା ଏକ ଦୃଢ଼ଯୁକ୍ତିପୂର୍ଣ୍ଣ ଦୀର୍ଘ ଅବେଦନପତ୍ରରେ ଏହାର ଘୋର ପ୍ରତିବାଦ କରିଅଛନ୍ତି । ଅମ୍ଭେମାନେ ଏକାନ୍ତ ଆଶା କରୁଁ ଗବର୍ଣ୍ଣମେଣ୍ଟ ସେ ସବୁ ଆପତ୍ତିର ସୁବିଚାର କରିବେ । ବଙ୍ଗୀୟ ପ୍ରଜାମାନଙ୍କ ଅନ୍ତଃ ବଙ୍ଗଳା ବେହାରର ଚିରସ୍ଥାୟୀ ବନ୍ଦୋବସ୍ତୀ ମହାଲର ଅବସ୍ଥା ଦୃଷ୍ଟିରେ ଗଠିତ ହୋଇ ଥିବାରୁ ତହିଁର ଅନେକ ଧାରା ଯେମନ୍ତ ସାମୟିକ ବନ୍ଦୋବସ୍ତୀ ଓଡ଼ିଶା ପକ୍ଷରେ ସେହିପରି ସାମୟିକ ବନ୍ଦୋବସ୍ତୀ ମାନ୍ଦ୍ରାଜ ପକ୍ଷରେ ଉପଯୋଗୀ ନୁହେଁ ।

—

ମାନ୍ଦ୍ରାଜ ପ୍ରଦେଶର ଜଣେ ଡେପୁଟି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଗୋପାଳ ନାଏୁର ଗୋଟିଏ କେସ ମୋକଦ୍ଦମାର ଆସାମିଙ୍କୁ ଏହି ହେତୁରେ ଦଣ୍ଡ ଦେଲେ ଯେ ତାହା ବିରୁଦ୍ଧରେ ଜଣେ ମାତ୍ର ସାକ୍ଷୀ ଥିଲା ଏବଂ ସେ ସାକ୍ଷୀ ଜଣେ ପୁଲିସ କର୍ମଚାରୀ । ଏଥି ପାଇଁ ଶ୍ରୀଯୁକ୍ତ ଗୋପାଳ ନାଏୁଙ୍କୁ ଫଉଜଦାରୀ ବିଚାର କାର୍ଯ୍ୟରୁ ଅବ୍ୟାହତି ଦିଆ ଯାଇ ଖଜଣାଖାନାର ଭାର ଦିଆ ଗଲା । ତାହାଙ୍କର ଖଲସି ହୁକୁମ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ହେବାରେ ମୋକଦ୍ଦମା ଅନ୍ୟ ଜଣେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାର ହେବାର ଆଦେଶ ହେଲା । ମାତ୍ର ବିଚାରପତି ଭେନସ ଟୁପିଲରେ ବସି କହିଲେ ଯେ ତାହାଙ୍କ ବିବେଚନାରେ ଶ୍ରୀଯୁକ୍ତ ଗୋପାଳ ନାଏୁଙ୍କ ଅନ୍ୟାୟ କରି ନାହାନ୍ତି । ମୋଫସଲର ଫଉଜଦାରୀ ବିଚାରକ ହାକିମଙ୍କ ଉଦର୍ଦ୍ଦେଶ ଏ ଘଟଣାରୁ ପ୍ରକାଶ ପାଉ ନାହିଁ କି ?

—

ଆଗାମୀ ବର୍ଷରୁ ଇଷ୍ଟକୋଷ୍ଟ ରେଲବେ କାମ ଛୁଟିଯିବ । ତହିଁର ଉତ୍ତରଭାଗ ବଲ୍ଲାଘଟ ପାଟନାଠାରୁ କଲିକତା ପର୍ଯ୍ୟନ୍ତ ବେଙ୍ଗଲ ନାଗପୁର ରେଲବେର ଶାଖା ଏବଂ ଦକ୍ଷିଣଭାଗ ମାନ୍ଦ୍ରାଜ ରେଲବେର ଶାଖା ସ୍ୱରୂପ ପରିଗଣିତ ହେବ । କଟକଠାରୁ ମେଦିନୀପୁର ପର୍ଯ୍ୟନ୍ତ ଆଗାମୀ ବର୍ଷର ପ୍ରଥମଭାଗରେ ଫିଟିବ । ମେଦିନୀପୁରଠାରୁ ହାବଡ଼ା ପର୍ଯ୍ୟନ୍ତ ତହିଁ ପରବର୍ଷ ଅର୍ଥାତ୍ ସନ ୧୯୦୦ ସାଲରେ ଫିଟିବ, କାରଣ ଦାମୋଦର ନଦୀର ପୁଲ ଅସନ୍ତା ବର୍ଷ ମଧ୍ୟ ପ୍ରସ୍ତୁତ ହୋଇ ପାରିବ ନାହିଁ । ମହାନଦୀ ପୁଲ କାର୍ଯ୍ୟ ମଧ୍ୟ ତୁରନ୍ତ ଲାଗିବ ଏବଂ ଏଥି ମଧ୍ୟରେ ଦକ୍ଷିଣର ଯାତ୍ରୀମାନଙ୍କୁ ମହାନଦୀ ପାର କରିବା ନିମନ୍ତେ ନୌକାର ବନ୍ଦୋବସ୍ତ ହେବ । ଯାହା ହେଉ ଆଗାମୀ ବର୍ଷ ଓଡ଼ିଶା ବାସିମାନେ ଅନ୍ତତଃ ମେଦିନୀପୁର ପର୍ଯ୍ୟନ୍ତ ରେଲ ଏବଂ ସେଠାରୁ କାଲକାଟ ଯାଇ ଗଙ୍ଗା ସ୍ନାନ କରି ପାରିବେ ।

—

ଗତ ମାସ ତା ୨୭ ରିଖରେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ବର୍ଷାକାଳର ପ୍ରଥମ ଅଧିବେଶନ ହୋଇଥିଲା । ଏହି ଦିନର ଅଧିକାଂଶ କାଳ ପ୍ଲେଗ ସଙ୍କାନ୍ତ ପ୍ରଶ୍ନୋତ୍ତର ଅଧିକାର କରିଥିଲା ଏବଂ ଯଦ୍ୟପି ସେ ତହିଁରୁ କୌଣସି ବିଷୟ ଜଣାଗଲା ନାହିଁ ପ୍ଲେଗ ବର୍ତ୍ତମାନ ଶୀଘ୍ର ଛୁଟି ଯିବାର ବିଶେଷ ଭରସା ପାଯ୍ନା ଗଲା ନାହିଁ ମାନ୍ୟବର ଲେଫ୍ଟେନାଣ୍ଟ ବାହାଦୁର ସଭାପତି ସ୍ୱରୂପ କେବଳ ଏହିକି ପ୍ରକାଶ କଲେ ଯେ ତହିଁ ପୂର୍ବ ୫ ଦିନରେ ଗୋଟିଏ ସୁଦ୍ଧା ନୂଆ ରୋଗୀ ଦେଖା ଯାଇ ନ ଥିବା ଅତ୍ୟନ୍ତ ଆଶାପ୍ରଦ ଅଟେ । ଏହି ବର୍ଷାକାଳୀନ ଅଧିବେଶନରେ ଯେ ସବୁ ଆଇନର ବିଚାର ହେବ । ସେ ସମ୍ବନ୍ଧରେ ମାନ୍ୟବର ମହୋଦୟ କେବଳ ଗୋଟିଏ କ୍ଷୁଦ୍ର ପାଣ୍ଡୁଲିପିର ଉଲ୍ଲେଖ କଲେ ଯାହା କି ସେଦିନ ସଭାରେ ଉପସ୍ଥିତ ହେଲା । ଗୋଟିଏ ପାଣ୍ଡୁଲିପିର ଅଭିପ୍ରାୟ ଆଇନରେ ଭୁଷା ସଂକ୍ଷେପ କରିବା ଏବଂ ଅନ୍ୟଟିର ଉଦ୍ଦେଶ୍ୟ କଲିକତା ବନ୍ଦରର କମିଶନରମାନଙ୍କର କାର୍ଯ୍ୟର ସୁବିଧା କରିବା ।

—

ସରକାରୀ ଛାପାଖାନାମାନଙ୍କରେ ସ୍ୱଣି ସ୍ୱଡ଼ି ଆଇନ, ନିୟମାବଳୀ, ବାର୍ଷିକ ରିପୋର୍ଟ, ନାନା ବିଷୟର ସାମୟିକ ତାଲିକା ପ୍ରଭୃତି ସଙ୍ଗେ ବେଳେ ୨ ସ୍ଥାନବିଶେଷର ଇତିହାସ, ପୁରାତତ୍ତ୍ୱ ଅଥବା ଜାତିବିଶେଷର ଅବସ୍ଥା ସମ୍ବନ୍ଧରେ ଏମନ୍ତ ଖଣ୍ଡି ୨ ପୁସ୍ତକ ପ୍ରକାଶିତ ହୁଅଇ ଯାହା କି ଦେଶ ବିଦେଶର ଲୋକମାନେ ଆଦରେ ପଢ଼ନ୍ତି ମାତ୍ର ସେସବୁ କେବଳ ସରକାରୀ କାର୍ଯ୍ୟାଳୟରେ ବିକ୍ରୟ ହେଉଥିବାରୁ ସାଧାରଣଙ୍କ ସୁବିଧା ସମସ୍ତଙ୍କର ଘଟଇ ନାହିଁ । ବମ୍ବାଇର ଜଣେ ଜଲ୍ ହାକିମ ଏ ବିଷୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରୁ ତୁଲବର୍ଷ ବିବେଚନା ହେବାରୁ ଦିଲ୍ଲୀର ସଙ୍ଗେ ପରାମର୍ଶ କରି ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଆଦେଶ ପ୍ରଦାନ କରିଅଛନ୍ତି ଯେ ସରକାର ପ୍ରକାଶିତ ପୁସ୍ତକମାନ ପ୍ରତ୍ୟେକ ପ୍ରଦେଶର ପ୍ରଧାନ ନଗରର ଚିହ୍ନିତ ପୁସ୍ତକ ବିକ୍ରେତାଙ୍କ ଦ୍ୱାରା ବିକ୍ରୟ ହେବ ଏବଂ ପୁସ୍ତକ ବିକ୍ରେତାମାନେ ୫ ୧/୪ ଲେଖାଏଁ କମିଶନ ପାଇବେ । ଏ ବନ୍ଦୋବସ୍ତ ଉତ୍ତମ ଅଟେ ସନ୍ଦେହ ନାହିଁ । କମିଶନ ମଧ୍ୟ ବଙ୍ଗଳା ଦରଠାରୁ ଅଧିକ ନୁହେ । ଅଧିକ କମିଶନ ନ ପାଇଲେ ବିକ୍ରେତାମାନେ ବହି ବିକିବାକୁ ବିଶେଷ ଚେଷ୍ଟା କରିବେ ନାହିଁ ।

—

ଏ ନଗରର ଗଣେଶମଣ୍ଡଳରେ ଗତ ଶନିବାର ରାତ୍ରରେ ଗୋଟିଏ ହତ୍ୟାକାଣ୍ଡ ଘଟିଥିଲା । ଶ୍ୟାମ ପଇଡ଼ା ନାମକ ଏକ ବ୍ୟକ୍ତି ଯେ ସେ ଏଠା କଲେକ୍ଟରୀ ଫଉଜଦାରୀରେ ଚପରାଶି କରେ ଅପଣା ଘର ପିଣ୍ଡାରେ ସ୍ୱଚ୍ଛନ୍ଦେ ଶୋଇଥିଲା । ଶେଷ ରାତ୍ରରେ କେତେଜଣ ଯାଇ ତାହା ଗଳାରେ କଟି ତାହାର ମୁଣ୍ଡି କାଟି ପ୍ରସ୍ଥାନ କଲା ସ୍ଥାନରେ କୌଣସି ଅସ୍ତ୍ରାଘାତ ଘଟିଥିଲା ଅଘାତ କରନ୍ତି ସମ୍ଭବତଃ ସେ ମରି ଯିବାର ମନେ କରି ଅଥବା ଘର ଭିତରେ ଶୋଇଥିବା ତାହାର ସ୍ତ୍ରୀ ଅଘାତ ବେଳେ ଜାଗ୍ରତ ହୋଇ ଡକାଡକି କରିବାରେ ପଳାଇ ଗଲେ । କ୍ରମେ ପଡ଼ୋଶିମାନେ ଏବଂ ତହୁଁ ପଛେ ପୁଲିସ ଆସି ଆହତ ବ୍ୟକ୍ତିକି ଡାକ୍ତରଖାନାକୁ ପଠାଇଲେ ଏବଂ ମୋକଦ୍ଦମାର ଅନୁସନ୍ଧାନରେ ଲାଗିଲେ । ଆହତ ବ୍ୟକ୍ତି ହାସପାତାଲରେ ଜୀବିତ ଅଛି ଏବଂ ଆରୋଗ୍ୟ ହେବାର ସମ୍ପୂର୍ଣ୍ଣ ଆଶା ଦେଖା ଯାଉଅଛି । ତାହାର କହିବା ମତରେ ଜ ୪ ଜଣ ଆସାମୀ ଧରା ପଡ଼ି ହାଜତରେ ଅଛନ୍ତି । ଏହା ତଦାରଖ କେବଳ ଅବାରିତ ଅନୁସନ୍ଧାନ ଶେଷ ହେଲେ ଜଣା ପଡ଼ିବ । କୌଣସିମତେ ମୋକଦ୍ଦମା ଗୁରୁତର ଏବଂ ଅମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ପୁଲିସ ଏଥିର ବହୁତ ତଦନ୍ତ କରି ପ୍ରକୃତ ଆସାମିମାନଙ୍କୁ ଧରିବେ ।

—

ଉତ୍ତରପଶ୍ଚିମ ପ୍ରଦେଶର ଜଣେ ପଣ୍ଡୁଆସ୍ତ୍ରୀ ଦୁର୍ଭିକ୍ଷ ସାହାଯ୍ୟ ବାଣ୍ଟିବାର ଭାର ପାଇଥିବାରୁ ସାହାଯ୍ୟ ବାଣ୍ଟିବାବେଳେ ସାହାଯ୍ୟ ପ୍ରାପ୍ତ ବ୍ୟକ୍ତିଙ୍କଠାରୁ ଟଙ୍କାପ୍ରତି ଏକ ଅଣା ଲେଖାଏଁ କାଟି ନେଇଥିଲା । ଏ ବିଷୟ ପ୍ରକାଶ ପାଇବାରୁ ପଣ୍ଡୁଆସ୍ତ୍ରୀ ଫଉଜଦାରୀ ସୋପରଦ ହୋଇ ଦଣ୍ଡ ପାଇଲା ମାତ୍ର ଅପିଲରେ ଜଜ ସାହେବ ସିଦ୍ଧାନ୍ତ କଲେ ଟଙ୍କାରେ ଏକ ଅଣା ଦସ୍ତୁରି ନେବା

Digitized by srujanika@gmail.com

ନେଇଥିବାରୁ ତାହା ଅପରାଧ ନୁହେ । ଏଥି ପାଇଁ ପଣ୍ଡିଅଣ୍ଣାକୁ ଖଲାସ ଦେଲେ । ଏଥି ଉପରେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଏଲାହାବାଦର ହାଇକୋର୍ଟରେ ଅପିଲ ହେବାରେ ମାନ୍ୟବର ଷ୍ଟୁଅରଟ ନାଇଟ ସାହେବ ନିଷ୍ପତ୍ତି କଲେ ଯେ ସ୍ଥଳରେ ଦୁର୍ଭିକ୍ଷ ସାହାଯ୍ୟ ନେବା ଦାତାଙ୍କର ଧର୍ମାର୍ଥ ଟଙ୍କା ବାଣ୍ଟିବାର ଭାର ସରକାରରୁ ପଣ୍ଡିଅଣ୍ଣାକୁ ଦିଆଯାଇଥିଲା ଏବଂ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ଖାତାରେ ତାହାର ନାମ ଲେଖିବା ବା କାଟିବା ତାହାର ଅଧିକାର ଥିଲା ଏବଂ ଯେ ତାହାକୁ ପଇସା ନ ଦେବ ସେ ସାହାଯ୍ୟରୁ ବଞ୍ଚିତ ହେବାର ଭୟ ଥିଲା ସେ ସ୍ଥଳେ ପଣ୍ଡିଅଣ୍ଣା ଟଙ୍କା ପ୍ରତି ଏକ ଅଣା ଲେଖାଏଁ ନେବା ଦସ୍ତୁରି ବୋଲାଯାଇ ନ ପାରେ । ପ୍ରକୃତରେ ତାହା ଲାଞ୍ଚ ଅଟେ । ଏମନ୍ତ ଲୋକ ଅଦାଲତକୁ ଫାଙ୍କି ଦେଇ ଖସିଗଲେ ଦାତାମାନଙ୍କର ସାହାଯ୍ୟ ଦାନ ଉପଯୁକ୍ତ ପାତ୍ରର ହସ୍ତଗତ ହେବାର କୌଣସି ନିଶ୍ଚୟତା ରହିବ ନାହିଁ । ପଣ୍ଡିଅଣ୍ଣାର ଦୋଷ ସାବସ୍ତ ଅଟେ ଏବଂ ସେ କଠିନ ଦଣ୍ଡ ପାଇବାର ଯୋଗ୍ୟ ଅତଏବ ହାଇକୋର୍ଟ ମହାଶୟ ତାହା ପ୍ରତି ପରିଶ୍ରମ ସହିତ ଏକ ବର୍ଷକାରାବାସ ଓ ଟ ୨୦ ଙ୍କା ଜରିମାନା ଏବଂ ତାହା ନ ଦେଲେ ଆଉ ମାସେ ସେହି ପ୍ରକାର କାରାବାସ ଦଣ୍ଡ ବିଧାନ କଲେ । ଏ ବିଷୟର ଉଚିତ ହୋଇଅଛି ସନ୍ଦେହ ନାହିଁ ।

---

ଗତବର୍ଷର ୭ମ ସଂଖ୍ୟା ଉତ୍କଳସାହିତ୍ୟରେ ପାଠ କଲୁଁ କି ବାଲେଶ୍ୱର ଉତ୍ତରାଞ୍ଚଳ ଭୋଗରାଇ ଗ୍ରାମରେ ଏକ ସମୟରେ ଜାନକୀ ବଲ୍ଲଭ କଇଶର୍ମା ନାମରେ ଏକଜଣ ଉତ୍କଳ ପଣ୍ଡିତ ଥିଲେ । ବର୍ତ୍ତମାନ ତାହାଙ୍କର ଅଧସ୍ତନ ପୁରୁଷମାନେ ମଧ୍ୟ ସଙ୍ଗତିପନ୍ନ ଏବଂ ସମ୍ଭ୍ରାନ୍ତ ହୋଇ ସେହି ସ୍ଥାନରେ ବାସ କରୁଅଛନ୍ତି । ସେ ଗ୍ରାମର ଜମିଦାର ମେଦିନୀପୁର ଜିଲ୍ଲା ଅନ୍ତର୍ଗତ ପଟାସପୁର ପ୍ରଗଣା ପଶ୍ଚିମ ଛଦାଶୀ ନିବାସୀ ଶ୍ରୀ ଚୌଧୁରୀ ଗୋପେନ୍ଦ୍ର ନନ୍ଦନ ଦାସ ମହାପାତ୍ର । ଏହି ଜମିଦାର ବଂଶର ପୂର୍ବ ପୁରୁଷ ଚୌଧୁରାଣୀ ସୁନ୍ଦ୍ରି ଦେବୀଙ୍କର ସଭା ପଣ୍ଡିତ ଉପରିଲିଖିତ ପଣ୍ଡିତ ଜାନକୀ ବଲ୍ଲଭ ଥିଲେ । ସେହି ଚୌଧୁରାଣୀଙ୍କର ଆଦେଶ ମତେ ପଣ୍ଡିତ ମହୋଦୟ ଶ୍ରୀମଦ୍ଭାଗବତ ଗ୍ରନ୍ଥ ପ୍ରାକୃତ ଉତ୍କଳ ଭାଷାରେ ଅନୁବାଦ କରିଥିଲେ ଏବଂ ତାହା ଜଗନ୍ନାଥ ଦାସଙ୍କ ଉତ୍କଳ ଭାଗବତ ଅପେକ୍ଷା ମୂଳ ସଂସ୍କୃତ ସହିତ ଅଧିକ ମିଶିଥିଲା । ସେହି ଗ୍ରନ୍ଥ ସୁବର୍ଣ୍ଣରେଖାର ଉତ୍ତରାଞ୍ଚଳରେ ପ୍ରଚଳିତ ଓ ବାଲେଶ୍ୱର ଜିଲ୍ଲା ଛଡ଼ା ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାର ଲୋକମାନଙ୍କୁ ଏହା ଜଣା ଅଛି କି ନାହିଁ ସନ୍ଦେହ । ସେହି ପଣ୍ଡିତ ମହୋଦୟ ଶ୍ରୀମଦ୍ଭଗବଦ୍‌ଗୀତା ମଧ୍ୟ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ । ଜଗନ୍ନାଥ ଦାସଙ୍କ ଉତ୍କଳ ଭାଗବତ ଅସମ୍ପୂର୍ଣ୍ଣ ବୋଲି କେହି ନୂତନ ଅନୁବାଦ ପ୍ରକାଶ କରିବାକୁ ଚେଷ୍ଟିତ ଥିବାର ଆମ୍ଭେମାନେ ଶୁଣିଅଛୁଁ । ପଣ୍ଡିତ ଜାନକୀ ବଲ୍ଲଭଙ୍କ ଭାଗବତ ଆଣାଇ ଦେଖିବା କାରଣ ଆମ୍ଭେମାନେ ସେମାନଙ୍କୁ ଅନୁରୋଧ କରୁଅଛୁ ଏବଂ ଯେବେ ତାହା ଉତ୍ତମ ଥିବାର ଦେଖାଯିବ ତେବେ ଛାପା ହେବାର ଉଚିତ ଏହା ବୋଲିବା ବାହୁଲ୍ୟ ।

---

ସ୍ପେନର ଅନୁରୋଧ ମତେ ମାରକିନ ସଂଯୁକ୍ତ ରାଜ୍ୟରେ ଥିବା ଫରାସୀ ରାଜଦୂତ ମାରକିନ ଗବର୍ଣ୍ଣମେଣ୍ଟଙ୍କୁ ପତ୍ରଦ୍ୱାରା ଜଣାଇଲେ କି ସ୍ପେନ ଯୁଦ୍ଧରେ ପରାଜୟ ହେବାର ସ୍ୱୀକାର କରି ସନ୍ଧି ଲୋଡ଼ୁଅଛନ୍ତି ଏବଂ ତହିଁର ନିୟମ ମାନ ଜାଣିବାକୁ ଇଚ୍ଛା କରନ୍ତି । ସେ ଯେଉଁ ଉତ୍ତର ପାଇଲେ ତହିଁର ମର୍ମ ଏହି କି କିଉବା ସମ୍ପୂର୍ଣ୍ଣ ସ୍ୱାଧୀନତା ପାଇଲେ ଏବଂ ସ୍ପେନ ପୋର୍ଟୋରିକୋ ଓ ଲାଡ୍ରୋନେସ ଦ୍ୱୀପମାନ ମାରକିନଙ୍କୁ ପ୍ରଦାନ କଲେ ଏବଂ ଫିଲିପାଇନ ଦ୍ୱୀପରେ କୋଷ୍ଟଏ ବନ୍ଦର ଛାଡ଼ିଦେଲେ ସନ୍ଧି ହେବ । ମାତ୍ର ସନ୍ଧିର ଏହି ସମସ୍ତ ନିୟମରେ ସ୍ପେନ ସମ୍ମତ ହେବାପାଏ ଯୁଦ୍ଧ ସ୍ଥଗିତ ହେବ ନାହିଁ । ମାରକିନ ସ୍ୱଜନବର୍ଗଙ୍କ ମଧ୍ୟରେ କେତେ ଲୋକ ଯୁଦ୍ଧର ପକ୍ଷପାତୀ । ସେମାନଙ୍କର ଇଚ୍ଛା ଯେପରି ସ୍ପେନକୁ ଅଳ୍ପ ଦିନରେ ମାରକିନ ସେନା ଜୟ କରିବେ । ଏବଂ ତହିଁ ଉତ୍ତାରୁ ସନ୍ଧିର ବନ୍ଦୋବସ୍ତ ହେବ ଏଥିରୁ ଗତ ତା ୨୮ ରିଖର ସମ୍ବାଦରୁ ଜଣାଯାଏ ଯେ ପୋର୍ଟୋରିକୋରେ ଥିବା ୬୦୦୦ ଶ ଭଲଣ୍ଟିଅର ସୈନ୍ୟ ମାରକିନମାନଙ୍କୁ ଏକ ଯୁଦ୍ଧରେ ହରାଇ ଦେଇଅଛନ୍ତି । ଏବଂ କିଉବାରେ ଥିବା ମାରକିନ ସୈନ୍ୟ ଜ୍ୱର ରୋଗରେ ଏମନ୍ତ ବ୍ୟସ୍ତ ହୋଇଅଛନ୍ତି ଯେ କୌଣସିମତେ ସେଠାରୁ ବାହାରି ଆସିଲେ ରକ୍ଷା ପାଇବେ ବୋଲି ମନେ କରୁଅଛନ୍ତି । ମାତ୍ର ଏଥିଉତ୍ତାରୁ ଗତମାସ ତା ୨୯ ରିଖରେ ଯେଉଁ ସମ୍ବାଦ ଆସିଅଛି ତହିଁରୁ ଜଣାଯାଏ ଯେ ମାରକିନ ଏବଂ ପୋର୍ଟୋରିକୋର ପୋନସ୍ ଦୁର୍ଗାଧିବାସୀମାନେ ସେଥିସବୁ ଦୁର୍ଗ ମାରକିନ ସେନାପତିମାନଙ୍କୁ ସମର୍ପଣ କରିଅଛନ୍ତି । ସ୍ପିତସ୍ୱଂ ମାର୍କିନଙ୍କ ଜୟ ସମ୍ବନ୍ଧେ ହୋଇଗଲା ଏବଂ ସନ୍ଧିର ନିୟମ ସ୍ୱରୂପ ଯେସବୁ ସ୍ଥାନ ଲୋଡ଼ିଥିଲେ ସେ ସମସ୍ତ ହସ୍ତଗତ କଲେ । ସ୍ପେନ ସକଳ ସ୍ଥାନରେ ପରାଜିତ ହେଲା ଉତ୍ତାରୁ ସନ୍ଧିରେ ବିଳମ୍ବ କରିବାର ଉଚିତ ହେଉ ନାହିଁ ।

---

ଯୋବରାଘାଟରେ ଦୁର୍ଘଟଣା ।

ଗତ ମଙ୍ଗଳବାର ଦିନ ଘ ୯ ଟା ସମୟରେ ଏଠା ଯୋବରା ଘାଟଠାରେ ଗଣେଶ ନାମକ ଅଗ୍ନିବୋଟ ଗୋଟାଏ ମାଲବୋଟ ଓ ଗୋଟାଏ ବଜରା ଟାଣିଥାଇରେ ଲାଞ୍ଚ ଘାଟଠାରୁ ଖଣ୍ଡେ ଦୂର ବାହାରି ଗଲାପରେ ନଦୀର ସ୍ରୋତ ମୁହଁରେ ପଡ଼ିବା ମାତ୍ରେ ସ୍ରୋତର ବଳ ଅଧିକ ହେବାରୁ ଅଗ୍ନିବୋଟ ସ୍ରୋତରେ ଭାସିଯାଇ ଅନିକଟ ପଥର ବନ୍ଧରେ ଧକ୍କା ଖାଇଲା । ଯେଉଁ ଧକ୍କାରେ ମନୁଷ୍ୟ ଓ ଅନ୍ୟ ମାଲ ବୋହୁଥିବା ବଜରା ଥିଲା ସେହି ପାଣ ବନ୍ଧରେ ବାଜିବା ମାତ୍ରେ ବଜରାବୋଟ ତତ୍କ୍ଷଣାତ୍ ବୁଡ଼ିଗଲା ସେଥିରେ ଥିବା ଲୋକମାନେ ପଥରବନ୍ଧ ଉପରକୁ ଡେଇଁ ପଡ଼ି ପ୍ରାଣ ବଞ୍ଚାଇଲେ କେହି ବୁଡ଼ିଯାଇ ନାହାନ୍ତି ମାତ୍ର ଅନେକଲୋକଙ୍କର ଅନେକ ଜିନିସ ପତ୍ର ଭାସିଗଲା । ସେହି ବଜରାରେ ବୋହୁଥିବା ୧୦।୧୧ ଖଣ୍ଡ ବସ୍ତା ଚାଉଳ ପାଣିରେ ବୁଡ଼ିଯାଇଅଛି ସେ ମଧ୍ୟରୁ କେତେକ ଗୃହୀ ବାହାର ସେହି ଏକପଇସାରେ ବିକ୍ରୟ ହେଉଥିଲା ମାତ୍ର ସେ ଚାଉଳ ଖାଇ ଲୋକେ ପୀଡ଼ିତ ହେବେ ବୋଲି ଡାକ୍ତରସାହେବ କହିବାରୁ ବିକ୍ରୀ ବନ୍ଦ ହୋଇଅଛି ।

---

କଟକ ଯୌଥଭଣ୍ଡାର ।

ପାଠକମାନଙ୍କୁ ଜଣାଅଛି ଯେ ଗତ ଜୁନମାସ ତା ୧୧ ରିଖରେ ବାବୁ ମଧୁସୂଦନ ଦାସଙ୍କ କୋଠାରେ କଟକ ନଗରର ଅନେକ ପ୍ରତିଷ୍ଠିତ ଅନେକ ଭଦ୍ରଲୋକଙ୍କ ସଭାରେ ଏହି ଭଣ୍ଡାର ସ୍ଥାପନ ହେବାର ସ୍ଥିର ହୋଇ କାର୍ଯ୍ୟ ନିର୍ବାହ ନିମନ୍ତେ ଡାଇରେକ୍ଟର ସମ୍ପାଦକ କୋଷାଧ୍ୟକ୍ଷମାନେ ନିଯୁକ୍ତ ହେଲେ ଏବଂ ଗତ ଜୁଲାଇମାସ ତା ୫ ରିଖ ମଧ୍ୟରେ ଅଂଶୀମାନେ ଅର୍ଦ୍ଧାଂଶ ଟଙ୍କା ଦାଖଲ କରିବାର ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନ ଅନୁସାରେ ଅନେକ ଲୋକ ଅଂଶ ନେବାର ଆବେଦନ କଲେ ଏବଂ କେତେ ଲୋକ ଟଙ୍କା ମଧ୍ୟ ଦାଖଲ ମାତ୍ର କର୍ମଚାରୀମାନ-

Split by PDF Splitter
Digitized by srujanika@gmail.com

କଥାକୁ କଛୁ ଉତ୍ତର ପାଇଲେ ନାହିଁ କମ୍ପାନୀ କର୍ମଚାରୀମାନେ କାର୍ଯ୍ୟରେ ପ୍ରବୃତ୍ତ ହେବାର ଦେଖା ଗଲା ନାହିଁ । ଅନେକ ଦିନପରେ ବାବୁ ମଧୁସୂଦନ ଦାସଙ୍କ ବିଜ୍ଞାପନ ମତେ ଗତ ଶନିବାର ଷ୍ଟିୟାର୍ଟସ୍ପୁରରେ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ଯୌଥ ଭଣ୍ଡାରର ଅଂଶ କ୍ରୟ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କର ଏକ ସଭା ହେଲା ଏବଂ ବାବୁ ଗୌରୀଶଙ୍କର ରାୟ ସଭାପତି ମନୋନୀତ ହୋଇ କାର୍ଯ୍ୟାରମ୍ଭ କଲେ । ବାବୁ ମଧୁସୂଦନ ଦାସ ପ୍ରକାଶ କଲେ ଯେ ଏପର୍ଯ୍ୟନ୍ତ ଅଂଶ ନେବା କାରଣ ନ ୧୬୦ ଣ ଆବେଦନ କରିଥିଲେ ଏବଂ ସେମାନଙ୍କମଧ୍ୟରେ ଏହି ନଗରବାସୀ ପ୍ରାୟ ନ ୧୬୦ ଣ । ଦେଖାଗଲା ଯେ ଏ ନଗରବାସୀ ଅଂଶ ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରାୟ ନ ୫୦ ଣ ସଭାରେ ଉପସ୍ଥିତ ଥିଲେ ଏବଂ ଯେଉଁମାନେ ଡାଇରେକ୍ଟର ନିଯୁକ୍ତ ହୋଇଥିଲେ ସେମାନଙ୍କ ମଧ୍ୟରୁ ନ ୬ ଣ ଛଡ଼ା ଆଉ କେହି ଆସି ନ ଥିଲେ । ଆମ୍ଭେମାନେ ପଶ୍ଚାତ୍ ଶୁଣିଲୁ ଯେ ସଭା ନିମନ୍ତେ ଧାର୍ଯ୍ୟ ହେବା ଦିନର ଦୁଇଦିନ ପୂର୍ବେ ବିଶେଷ କାର୍ଯ୍ୟ ବଶତଃ ମଧୁବାବୁ ସ୍ୱଗ୍ରାମକୁ ଯାଇଥିବାରୁ ସଭାରେ ସେ ଉପସ୍ଥିତ ହୋଇପାରିବେ ନାହିଁ ଏହା ଅନୁମାନ କରି କେହି କେହି ଡାଇରେକ୍ଟର ସଭାକୁ ଆସି ନ ଥିଲେ । ଅନୁପସ୍ଥିତ ହେବାର ଏପରି କାରଣ ଯେ କେବଳ ଆଳସ୍ୟ ଓ ଅମନୋଯୋଗିତାର ପରିଚାୟକ ଏହା ଦେଖାଇଦେବାର ଆବଶ୍ୟକ ନାହିଁ । ମଧୁ ସ୍ୱୟଂ ସଭା ଆହ୍ୱାନ କରି ତହିଁରେ ଉପସ୍ଥିତ ହେବାର ସୁଯୋଗ ନ ଦେଖିଲେ ତାହା ନ ଜଣାଇ ପୁସ୍ତକରେ କହିଥାନ୍ତେ ବାବୁ ମହାଶୟଙ୍କୁ ଯେ ନ ଜାଣେ ସେହି ଏହା କଳ୍ପନା କରିପାରେ । ପ୍ରକୃତରେ ମଧୁବାବୁ ସେହିଦିନ ପୁରୀରୁ ଆସି ସଭାରେ ଯୋଗ ଦେଲେ । ଆଉ ଯେଉଁମାନେ ଏ ନଗରରେ ଥିଲେ ସେମାନେ ତାହାଙ୍କୁ ନ ପାଇବେ ବୋଲି ଆସି ପାରିଲେ ନାହିଁ । ସେମାନେ କି ଏହା ମଧୁବାବୁଙ୍କ ଖାତିରରେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ । ତାହାହେଲେ ମଧ୍ୟ ମଧୁବାବୁ ଅଗତ୍ୟା ଉପସ୍ଥିତ ହୋଇପାରି ନ ଥିଲେ ଯେବେ ସେମାନେ ସମବେତ ହୋଇ ସଭାର କାର୍ଯ୍ୟ ନିର୍ବାହ କରିଦେଇଥାନ୍ତେ ତାହା ହେଲେ ଯେ ଅଧିକ ଖାତିର ହୁଅନ୍ତା ଏବଂ ସେ ଅଧିକ କୃତଜ୍ଞ ହୁଅନ୍ତେ ଏହା ବୁଝାଇଦେବାକୁ ହେବ ନାହିଁ । ମୂଳକଥା ଏ ନଗରର ସଭା ସମିତିରେ ଜନ ସମାଗମ ହେବା ନ ହେବା ବ୍ୟକ୍ତି ବିଶେଷଙ୍କ ଉପରେ ଅଧିକ ନିର୍ଭର କରେ ଏବଂ ଯେତେଦିନ ଏ ଅବସ୍ଥା ଘୁଞ୍ଚି ଯିବା ପର୍ଯ୍ୟନ୍ତ ଦେଶର କଲ୍ୟାଣ ହେବାର ଆଶା ଉଜ୍ଜ୍ୱଳ ନୁହେଁ । ଯାହା ହେଉ ମଧୁବାବୁ କହିଲେ ଯେ ବହୁସଂଖ୍ୟକ ଅଂଶ କ୍ରେତାଗଣ ସଭାରେ ଉପସ୍ଥିତ ହେବାଦ୍ୱାରା ଆଗ୍ରହ ଦେଖାଇ ନ ଥିବା ପ୍ରତ୍ୟକ୍ଷେ ଯୌଥ ବ୍ୟବସାୟରେ ପ୍ରବୃତ୍ତ ହେବା ଉଚିତ କି ନା ସେ ବିଷୟ ବିଚାର କରିବେ କାରଣ ଯଥୋଚିତ ସହାନୁଭୂତି ନ ପାଇଲେ ବୃଥାରେ ଅର୍ଥ ଓ ସମୟ ନଷ୍ଟ କରିବାରେ କିଛି ଫଳ ନାହିଁ । ସଭାସ୍ଥ ସଭ୍ୟମାନଙ୍କୁ ସେହି ପ୍ରଶ୍ନ କରି କହିଲେ କି ଯେତେବେଳେ ଏ ଦେଶୀୟଙ୍କୁ ବାଣିଜ୍ୟ ବ୍ୟବସାୟରେ ପ୍ରବୃତ୍ତ କରାଇବା ଉଦ୍ଦେଶ୍ୟରେ ଯୌଥ ଭଣ୍ଡାରର ଅନୁଷ୍ଠାନ ହୋଇଅଛି ଏବଂ ଅନ୍ତତଃ ନ ୬୦ ଣ ଯୋଗ ଦେବା କାରଣ ଆସିଅଛନ୍ତି ସେତେବେଳେ ତାହାଙ୍କ ବିବେଚନାରେ ସେ କଳ୍ପନା ସହସା ପରିତ୍ୟାଗ ନ କରି ତହିଁରେ ଲାଗିବାର ହେବା ବାଞ୍ଛନୀୟ । ବାବୁ ଫକୀରମୋହନ ସେନାପତି ଏକ ଉତ୍ସାହପୂର୍ଣ୍ଣ ହୃଦୟଗ୍ରାହୀ ବକ୍ତୃତା ଦ୍ୱାରା ତାହା ଅନୁମୋଦନ କଲେ ଏବଂ ବାବୁ ହରିମୋହନ ରାୟ ଚୌଧୁରୀ ତାହାର ପୋଷକତାରେ ଏକ ବକ୍ତୃତା ପ୍ରଦାନ କଲେ । ପରିଶେଷରେ ସମସ୍ତଙ୍କ ସମ୍ମତିରେ ଯୌଥଭଣ୍ଡାର ବ୍ୟବସାୟ କରିବାର ସ୍ଥିର ହୋଇ ପ୍ରଥମେ କି କି ଦ୍ରବ୍ୟର କାରବାର ହେବ ଏବଂ କେଉଁ ନିୟମାନୁସାରେ କାର୍ଯ୍ୟ ଚଳିବ ତାହା ସ୍ଥିର କରିବା କାରଣ ନ ୧୧ ଣ ଡାଇରେକ୍ଟର ମନୋନୀତ ହେଲେ ଏବଂ ଡାଇରେକ୍ଟରମାନଙ୍କ ମଧ୍ୟରୁ ବାବୁ ମଧୁସୂଦନ ଦାସ ସମ୍ପାଦକ ଓ କୋଷାଧ୍ୟକ୍ଷ ଏବଂ ବାବୁ ହରଚନ୍ଦ୍ର ମୁଖାର୍ଜୀ ଉକିଲ ସହକାରୀ ସମ୍ପାଦକ ନିଯୁକ୍ତ ହେଲେ । ସ୍ଥିର ହେଲା ଯେ ଡାଇରେକ୍ଟରମାନେ ଦି ୧୫ ନ ମଧ୍ୟରେ କର୍ତ୍ତବ୍ୟ ଅନୁଷ୍ଠାନ ପତ୍ର ଓ ନିୟମାବଳୀ ଛପା କରି ଅଂଶ ପ୍ରାର୍ଥୀମାନଙ୍କ ନିକଟକୁ ଏକଖଣ୍ଡ ପଠାଇଦେବେ ଏବଂ ଅନ୍ତତଃ ଏକଚତୁର୍ଥାଂଶ ସେଥିରେ ଆପତ୍ତି ନ କଲେ ସମସ୍ତଙ୍କର ସମ୍ମତି ଥିବାର ଜ୍ଞାନ କରାଯାଇ ଟଙ୍କା ଆଦାୟ ହେବ ।

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ରେଭିନ୍ୟୁ ବୋର୍ଡର ଅଫିସିଏଟିଂ ସେକ୍ରେଟାରୀ ମି, ଜ ଗିଲମର ପୁଣି ସିରଜ ମେଜିଷ୍ଟ୍ରେଟ ଅଫିସର ପଦରେ ନିଯୁକ୍ତ ହୋଇ ଅଛନ୍ତି ।

ସବ ଜେଲ୍ସୁପର କଲେଜର ବାବୁ ଜଗବନ୍ଧୁ ଘୋଷ କଟକ କୃଷ୍ଣ ଗୁପ୍ତର ସବର ମହଲମାନେ ଅବସ୍ଥାପିତ ହୋଇଅଛନ୍ତି ଓ ଯେଉଁ ତାରିଖରୁ ଛୁଟି ଗ୍ରହଣ କରିବେ ସେହି ତାରିଖରୁ ତିନି ମାସ ପନ୍ଦର ଦିନ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

---

ଏ ନଗରରେ ଆଜିକାଲି ଜ୍ୱର ରୋଗର ପ୍ରକୋପ ବୃଦ୍ଧି ପ୍ରାପ୍ତ ହୋଇଅଛି ଏବଂ ଅମାଶୟ ପୀଡ଼ା ମଧ୍ୟ ଅନେକଙ୍କୁ କଷ୍ଟ ଦେଉଅଛି ।

ସୁଲିଜ ପାକ୍ଷା-ବର ମଙ୍ଗଳବାର ଶେଷ ହେବ । ଏ ବର୍ଷ ଉତ୍କଳରେ ବର୍ଷା ସାମାନ୍ୟରୂପେ ହୋଇଥିଲା ।

ଏପର୍ଯ୍ୟନ୍ତ ଏ ଜିଲାରେ ନଦୀବଢ଼ି ଅଧିକ ହୋଇ ନାହିଁ ବୋଲିବାକୁ ହେବ । ମାତ୍ର କେତେମାସରେ ମେଦିନୀପୁରରେ ଅତ୍ୟନ୍ତ ଜଳବୃଷ୍ଟି ହୋଇଅଛି । ନଦୀର ଜଳବୃଦ୍ଧିରେ ପ୍ରାୟ କ୍ଷତି ଯାଉଅଛି ।

ଚିକଟ ଜେଲାମାନଙ୍କରେ ଶ୍ରାବଣ ମାସରେ ବୃଷ୍ଟି ଅଭାବରୁ ଧାନଗଛସବୁ ଶୁଖି ଯାଉଅଛି ଏବଂ ଗୃହସ୍ଥମାନେ ମହା ଚିନ୍ତାରେ ପଡ଼ିଅଛନ୍ତି ।

କଟକରେ କୋଠାର ଚାଉଳ ଦର ବର୍ତ୍ତମାନ ଟ ୩ ଙ୍କା ଠାରୁ ଟ ୩।୬ ପର୍ଯ୍ୟନ୍ତ ହୋଇଅଛି । ବିଭିନ୍ନ ସ୍ଥାନର ମୋଟ ଚାଉଳ ଟ ୨।୬ ଏବଂ ଉତ୍ତମ ଚାଉଳ ଟ ୩।୬ ଠାରୁ ଟ ୩।୮ ପର୍ଯ୍ୟନ୍ତ ।

ଆଗାମୀ ଅଗ୍ରହାୟଣ ମାସରେ କଟକରେ ସର୍ବେସର୍ଭେ ପରୀକ୍ଷା ହେବ । ସେଥିରେ ନ ୭୫ ଣ ସିଭିଲିୟାନ ନିଯୁକ୍ତ ହେବେ । ସୁତରାଂ ଅନେକ ଲୋକଙ୍କ ଲାଭ ହେବ ।

ସିଂହଳଦ୍ୱୀପରେ ଏକ ବାଂସ୍କେଟ ଲୋଟସ ବଡ଼ ମାଣିକ୍ୟ ପଥର ମିଳିଅଛି । ଏହାର ଓଜନ ର ୧୦ ଭ ଏବଂ ମୂଲ୍ୟ ଟ ୫୦୦୦୦ ଙ୍କା ନିର୍ଣ୍ଣୟ ହୋଇଅଛି ।

କନଷ୍ଟାଣ୍ଟିନୋପଲ ଠାରେ ଖ୍ରୀଷ୍ଟିୟାନମାନଙ୍କୁ ହତ୍ୟା କରାଯାଇଥିବା ହେତୁ ଇଂରାଜ ଓ ଫରାସି ପ୍ରଜାମାନଙ୍କର ଯେ କ୍ଷତି ହୋଇଅଛି ତହିଁ ସକାଶେ ଇଂଲଣ୍ଡ ଓ ଫ୍ରାନ୍ସ ତୁରସ୍କ ସୁଲତାନଙ୍କୁ କ୍ଷତିପୂରଣ ଦାବୀ କରିଥିଲେ । ମାତ୍ର ତୁରସ୍କ ସରକାର କୌଣସି କ୍ଷତିପୂରଣ ଦେବାକୁ ଅସ୍ୱୀକାର କରୁଅଛନ୍ତି । ଏଥିରେ ଯୁଦ୍ଧଭାବ ଉପସ୍ଥିତ ହେବାର ସମ୍ଭାବନା ଅଛି ।

ଅମେରିକାପକ୍ଷରୁ ସାନ୍ଟିଆଗୋ ଫିଲିପାଇନ ଅବରୋଧ ହୋଇଥିବା କାଳରେ ନୌ ୫ ଖଣ୍ଡ ଜାହାଜ ଗାର୍ଡ ସ୍ପେନ ଯାଉଥିବା ଅବସ୍ଥାରେ ମାର୍କିନ ଯୁଦ୍ଧ ଜାହାଜ କର୍ତ୍ତୃକ ଧୃତ ହୋଇଥିବା ର ସମାଚାର ମିଳିଅଛି । ସେହିପରି କୌଣସି ସ୍ଥିର ତଥ୍ୟ ପାଇ ନାହିଁ ।—ସେ ଯେବେ ସତ୍ୟ ହେଲେ ମାର୍କିନର ଗର୍ବ କି ହେବ ?

ପାରସ୍ୟ ପ୍ରଦେଶରେ ଦୁର୍ଭିକ୍ଷ ଏବଂ ପୀଡ଼ା ଅଛି । ଦକ୍ଷିଣବର୍ତ୍ତୀ ଲୋକେ ପାରସ୍ୟର ସାହାଯ୍ୟ ଲାଗି ଅଧିପତି ସାହାଯ୍ୟ ଅନୁରୋଧ କରୁଥିଲେ ସେଠାରେ ଅଳ୍ପକାଳ ମଧ୍ୟରେ ପାଞ୍ଚଶ ମୃତ୍ୟୁ ହେଉଅଛି । ବର୍ତ୍ତମାନ ତାହାର ସୁଖ ପ୍ରାପ୍ତିସ୍ଥ ହୋଇ ପର୍ବତରୁ ଅବତରଣ କରି ଏବଂ ଜଳର ଭଣ୍ଡା କରୁଥିବା ସିପାହୀ ମୃତଦେହ ପରସ୍ତ କରି ଜଳରେ ଦବି ସେ ପର୍ଯ୍ୟନ୍ତ ଅଧିକାର କରିଅଛନ୍ତି ।

ଚୀନର କୁଅଙ୍ଗସି ପ୍ରଦେଶରେ ଶାନ୍ତି ହୋଇ ନାହିଁ । ସେ ପ୍ରଦେଶର ପ୍ରଜାଗଣ ଅଦ୍ୟାପି ବିଦ୍ରୋହୀମାନଙ୍କ ଦଳରେ ଯୋଗ ଦେଉଅଛନ୍ତି ଏବଂ ବାଧକ ନଥାଇ ରକ୍ଷା କରିବା କାରଣ ସେନା ମୁକ୍ତ ହୋଇଅଛନ୍ତି ।

ଅଠାଗଡ଼ର ପାଇସ୍ତ ବନ୍ଦରରେ ସୋ ୪ ଟ ନୂତନ ବଡ଼ ଯୁଦ୍ଧଜାହାଜ, ସୋ ୪ ଟ କ୍ରୁଜର ଏବଂ ସୋ ୧୨ ଟ

Split by PDF Splitter
Digitized by srujanika@gmail.com

Split by PDF Splitter



ଟରପିଡୋ ଜାହାଜ ନିର୍ମାଣ କରିବାର ଅନୁଷ୍ଠାନପତ୍ର ବାହାର ଅଛି । ବର୍ତ୍ତମାନ ଅନ୍ୟାନ୍ୟ ଜାତିମାନେ ଯଥେଷ୍ଟ ପ୍ରବଳ ହାରରେ ସଂଖ୍ୟା ବଢ଼ାଉଥିବାରୁ ନୂତନ ଜାହାଜମାନ ନିର୍ମାଣ କରିବାର ଅବଶ୍ୟକ ହୋଇଅଛି । ସେଠା ସେନାପତି ପ୍ରକାଶ କରିଅଛନ୍ତି ଯେ ଅନ୍ୟ ଦୁଇରାଜା ଯୋଗ ହେଲେ ସେମାନଙ୍କ ଜାହାଜ ବଳ ସେମାନଙ୍କର ହୋଇପାରିବ ତହିଁର ଇଂଲଣ୍ଡର ବଳ ସମାନ ହେବା ଉଚିତ ।

ବରଗାଡ଼ଥାନାର ଜଗନ୍ନାଥ ଶାସ୍ତ୍ରୀନାମକ ଜଣେ ଉକିଲ ମହନ୍ତଙ୍କ ଟଙ୍କା ଥାଣି ତେରେକଥନ ଅଟକାଇ ରଖିବା ଅପରାଧରେ ନିଷ୍ଠାର ଜଜ କର୍ତ୍ତୃକ ଦୁଇବର୍ଷ ସସପେଣ୍ଡ ହୋଇଥିଲେ । ହାଇକୋର୍ଟରେ ଅପିଲ କରିବାରୁ କେବଳ ତତବର୍ଷ ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ସସପେଣ୍ଡ କାଳ ନିର୍ଦ୍ଦିଷ୍ଟ ହେଲା ।

ପଣ୍ଡିଚେରିଠାରେ ଜଣେ ସାହେବ ଟ ୧୫୦୦୦ ଙ୍କ ମୂଲ୍ୟର ସୁବର୍ଣ୍ଣ ଟ ୧୦୦୦ ଜାଲେ ବନ୍ଧକ କରିଥିବାରୁ କୋଲାର ସୁବର୍ଣ୍ଣ ଖଣିରୁ ସୁନା ନେଉଥିବା ଗଡ଼ଦ୍ୱାରରେ ଧୃତ ହୋଇଥିବାର ସମ୍ବାଦ ମିଳଇ ।

ଅମ୍ନାଜଲର ଲେଫଟେଣ୍ଟ ସାହେବ ଗତମାସ ତା ୨୫ ରିଖରେ ଢାକାଠାରେ ଦରବାର କରି ନବାବ ସର ଖାଜା ଅସାନୁଲ୍ଲା ବାହାଦୁରଙ୍କୁ କେ, ସି, ଆଇ, ଇ ଉପାଧିରେ ଭୂଷିତ କରିଥିବାର ସମ୍ବାଦ ମିଳଇ । ଲେଫଟେଣ୍ଟ ମହୋଦୟ ଆପଣା ବକ୍ତୃତାରେ ପ୍ରକାଶ କଲେ ଯେ ଏ ମହାଶୟ ଉପଯୁକ୍ତ ପିତାର ଉପଯୁକ୍ତ ପୁତ୍ର ଅଟନ୍ତି ।

ଜାଣ୍ଡୋଲ ଉପତ୍ୟକାରେ ଗୋଳମାଳ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ । ଗତମାସ ତା ୨୫ ରିଖରେ ସେଠାର ନବାବ ଏବଂ ବାଜୋରଜାତୀୟଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ନବାବଙ୍କ ପକ୍ଷରୁ ଜ ୩୯ ଣ ହତ ଏବଂ ଜ ୫୦ ଣ ଆହତ ଏବଂ ବାଜୋରଜାତୀୟଙ୍କ ମଧ୍ୟରେ ଜ ୧୩୭ ଣ ହତ ଏବଂ ଆହତ ହୋଇଅଛନ୍ତି । ନବାବଙ୍କ ସେନା ସେମାନଙ୍କ ୨୦ ଟି ବନ୍ଧୁକ ହସ୍ତଗତ କରିଅଛନ୍ତି ।

ବୋମ୍ବାଇଠାରେ ଏବେ ମହାମାରୀ ରୋଗର ପ୍ରଭାବ ନିଃଶେଷ ହୋଇ ନାହିଁ । ଗତମାସ ତା ୨୬ ରିଖରେ ଜ ୧୮ ଣ ଉକ୍ତ ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ଜ ୭ ଜଣର ମୃତ୍ୟୁ ହୋଇଥିଲା ।

ପଞ୍ଜାବବଙ୍ଗରେ ପ୍ରାୟ ୧୭ ଟି ଗ୍ରାମ ମହାମାରୀର ଦୌରାତ୍ମ୍ୟ ଅଟେ ନ ଥାଇ ଅଇଗ୍ରାମରେ ପୁଣି ଜଣଙ୍କୁ ଉକ୍ତ ରୋଗ ଧରିଥିବାର ସମ୍ବାଦ ମିଳଇ ।—ମହାମାରୀ କ୍ଷୟ ଉଦ୍ରେକ ଛାଡ଼ିଯିବ ନାହିଁ ।

ସମ୍ବଲପୁର, ରାୟପୁର, ବିଳାସପୁର ଓ ନାଗପୁରରେ ଉତ୍ତମ ବୃଷ୍ଟି ହୋଇ ଧାନ ବେହୁଣା କାର୍ଯ୍ୟ ଉତ୍ତମରୂପେ ଚାଲୁଅଛି । ମାତ୍ର ନଦୀନାଳ ନ ବଢ଼ିବାରୁ ବିଶେଷ ବୃଷ୍ଟି ହେବାର ଜଣା ଯାଉ ନାହିଁ ।

## ପତ୍ରପ୍ରେରକଙ୍କ ପ୍ରଶ୍ନ ।

ଶ୍ରୀ ଭଗବତ ପଟ୍ଟନାୟକ ସମ୍ପାଦକ—ପୁରୀ ମନ୍ଦିରର ଜଣେ ସେବକ ଅଜ୍ଞାନ ଦରେ ଅପଣା ପୁତ୍ରର ବିବାହ ଦେବାରୁ ତାହାଙ୍କୁ ଶ୍ରୀ ମନ୍ଦିରରେ ପ୍ରବେଶ ଏବଂ ସେବାରୁ ଅଟକ କରିବା କାରଣ ଜଗନ୍ନାଥସନାତନଧର୍ମରକ୍ଷିଣୀ ସଭା ମନ୍ଦିରର ସୁପ୍ରିଣ୍ଟେଣ୍ଡେଣ୍ଟଙ୍କୁ ଅନୁରୋଧ କରିବା ବିଷୟର ନିର୍ଦ୍ଧାରଣର ପ୍ରତିଲିପି ପଠାଇ ଦେଇଅଛନ୍ତି ।

ଜଣେ ଦ୍ରଷ୍ଟା, ଜଣେ ପରିବ୍ରାଜକ } ଯେଉଁମାନେ ପ୍ରେରିତପତ୍ରରେ ଆପଣାର ପ୍ରକୃତ ନାମ ଜଣାଇବାକୁ ଇଚ୍ଛା କରନ୍ତି ନାହିଁ ସେମାନଙ୍କୁ ଅନୁରୋଧ ଯେ ସେହି ପତ୍ରର ଭିନ୍ନ ସ୍ଥାନରେ ଆମ୍ଭମାନଙ୍କ ଜାଣିବା କାରଣ ନିଜ ନାମ ଓ ଠିକଣା ଲେଖି ଦେବେ । ଅନ୍ୟଥା ପତ୍ର ଅଗ୍ରାହ୍ୟ ହେବ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମହାଶୟ !

ଅଧଃପ୍ରକଟିତ ବିଷୟକୁ ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ପ୍ରଦାନ କରି ଚିରବାଧିତ କରାଇବା ହେବେ ।

| Bridges and culverts of the Pal Lahera-Talcher Road. | 1000 | |
| *Repair works* | | |
| Civil buildings | 150 | |
| Palace building | 200 | |
| Pal Lahera Talcher Road. | 500 | |
| ANGUL | | |
| Quadrennial repairs court buildings | 300 | |

| | Rs. | Remarks |
|---|---|---|
| Teshildar's quarter | 400 | |
| Dy. Commir's | 600 | |
| District Superintendent of police's quarter | 400 | |
| Police Line buildings | 700 | |
| *Annual repairs.* | | |
| Hospital and mortuary | 400 | |
| School building | 100 | |
| Forest officer's quarter | 100 | |
| Asst. surgeon's Do. | 100 | |
| Overseer's „ | 50 | |
| Cureuit House at old Angul | 50 | |
| *Maintenance of roads* | | |
| Town roads at Angul | 200 | |
| Cuttack Sonepur road | 5000 | |
| Inspection bunglows of road | 1500 | |
| Cuttack Sambalpur Road | 3500 | |
| Inspection Bunglows of Road | 1000 | |
| Cuttack Angul road (First section) | 200 | |
| Do. Do (3rd section) | 1500 | |
| Inspection bungalow at Angul | 150 | |
| Angul Tickerpara road | 1500 | |
| KHANDMLS. | | |
| Construction of a road over the Panjia ghaty on Bisipara Sonepur road | 2000 | |
| Extention of the Kemarkhole road from Panjiaghaty to Baghmidy | 1000 | |
| Construction of a road from Phulbani (new station) to Khamar Khole | 1000 | |
| Do. of bridges and Culverts of Harbhanga-Bisipara road. | 2000 | |
| Do. Do. from Sudrukumpa to Phulbani. | 1500 | |
| Do. from Phulbani to Bisipara. | 500 | |

Digitized by srujanika@gmail.com

| | Rs. | Remarks |
|---|---|---|
| Sinking four wells at Phulbani, Kumarkhole and Ranipather. | 1000 | |
| *Repair works.* | | |
| Repairs to roads of Khondmals. | 2500 | |
| Repairs to roadside bungalows. | 1500 | |

## ନାମାଙ୍କିତ ରବର ମୋହର ।

କମୁନା ନାନା ପ୍ରକାର ଥିଲେହେଁ କେବଳ ଗୋଟିଏ ଏଠାରେ ଦିଆଗଲା ।




ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ଅକ୍ଷରରେ ଗ୍ରାହକଙ୍କ ଆଦେଶ ମତେ ସୁଲଭ ମୂଲ୍ୟରେ ପ୍ରସ୍ତୁତ ହୋଇ ଭେଲ୍ୟୁପେବଲ ଡାକ ଯୋଗେ ପଠାଇ ଦିଆଯିବ । ସେ ଯେଉଁ ଭାଷାରେ କରିବାକୁ ଇଚ୍ଛା କରିବେ ସ୍ପଷ୍ଟ ଲେଖି ପଠାଇବେ । ଫରମାସ ସଙ୍ଗେ ୨ ଗୋଟିଏ ଟଙ୍କା ଅଗ୍ରୀମ ପଠାଇବାକୁ ହେବ । ବାକି ଯାହା କିଛି ଖର୍ଚ୍ଚ ଅଧିକ ଲାଗିବ ତେବେ ମୋହର ପ୍ରାପ୍ତି ସମୟରେ ଡାକବାଲା ନିକଟରେ ଦେଇ ପାର୍ସଲ ଗ୍ରହଣ କରିବେ—ଅଠଅଣୀଠାରୁ ଏକଟଙ୍କା ପର୍ଯ୍ୟନ୍ତ ଅକ୍ଷରର ମୋହରର ମୂଲ୍ୟ ଟ ୧ କା ତହିଁରୁ ଯେତେ ବଡ଼ ହେବ ମୂଲ୍ୟ କ୍ରମେ ବେଶୀ ହେବ । ବାଲି ଓ ଗଦାର ମୂଲ୍ୟ ଟ ୦ ୪ ଭେଲ୍ୟୁପେବଲ ଖର୍ଚ୍ଚ ସ୍ୱତନ୍ତ୍ର ।

ରିପ୍ଲାଇ କାର୍ଡ଼ ବା ଦୁଇପଇସାର ଷ୍ଟାମ୍ପ ନ ପଠାଇଲେ କୌଣସି ଉତ୍ତର ଦିଆ ଯିବ ନାହିଁ

କଟକ ପ୍ରିଣ୍ଟିଂକମ୍ପାନୀ ଅଫିସ ଦରଘାବଜାର ଠିକଣାକୁ ପତ୍ର ଲେଖିଲେ ପାଇ ପାରିବେ ।

ଶ୍ରୀ ଭଗୀରଥୀ ସାଠିଆ

## ବିଳାଇତ ମାଲ ।

ବଜାରରେ ଅମ୍ଭର ଗୋଟିଏ ଗଦିଘର ଅଛି । ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଅମ୍ଭର କାର୍ଯ୍ୟ ଅମ୍ଭେ ଭାରତର ନାନାସ୍ଥାନବାସୀ ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ଅମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ଶଙ୍କାମାତ୍ର ଆଶଙ୍କା ନାହିଁ । ବାମଣ୍ଡା, କେନ୍ଦୁଝର, ପାଟନା, ଅଠମଲ୍ଲିକ, ସମ୍ବଲପୁର, ସରେଇକଳା ପ୍ରଭୃତି ସ୍ଥାନର ମହାରାଜ ବାହାଦୁରମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର କଥା ପ୍ରକୃତ ଥିବାର ଜଣା ପଡ଼ିବ ଯାହାଙ୍କର ଯେ କିଛି ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅବିଳମ୍ବେ ଭେଲ୍ୟୁପେବଲ ପାର୍ସଲରେ ପଠାଇ ଦିଆ ଯିବ । ମାଲ ମନୋନୀତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆ ଯିବ ବା ଟଙ୍କା ଫେରି ଦିଆଯିବ କିନ୍ତୁ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ

ଅମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ପଦାର୍ଥମାନ ଉତ୍କୃଷ୍ଟ ପ୍ରକାରେ ସର୍ବଦା ପ୍ରସ୍ତୁତ ଥାଏ । ଯଥା ବନାରସୀ ଜରିଦାର ଶାଢ଼ୀ, ଧୋତି ଉଡ଼ନି, ଟୋପି, କୋଟ, ଚୋଗା, କିଂଖାପ ବାପ୍ତା, ସଞ୍ଚୀ ଦୋପଟ୍ଟା ମଣ୍ଡିଲ, ଗୋଡ଼ରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଇହାଦି ଖଦିର ଅଙ୍ଗରଖା ପ୍ରଭୃତି ।

ଏହା ଛଡ଼ା ସୁନା ରୁପାର ବାସନ, ଛତା, ରୁପାର ଗିଲଟି କରା ତାରର କାରୁଦା ପ୍ରଭୃତି ପଦାର୍ଥ ବରାଦ ଅନୁସାରେ ପ୍ରସ୍ତୁତ କରୁଅଛୁ ଦେଉଁ । ବରାଦ ଦେବାବେଳେ ଅନୁମାନିତ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ । କେହି ବେଶୀ ମାଲ କିଣି କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ ବା ଉପାୟରେ (ଅର୍ଥାତ୍ ଡାକରେ ବା ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାପା (ବହିରାବରଣ) ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅମ୍ଭ ହସ୍ତଗତ ହେବ ।

ଶ୍ରୀ ପାଲୁମାଲ ଲ୍ଲୋଲାନାଥ
ଲୁଙ୍ଗିଗଲି ପାଟକ ବନାରସ ସିଟି



ଟିଲବରକେଶ ମୂଲ୍ୟ ଟ ୧୨ ୯

ଗ୍ରାହକେ କଲିକତା ଯାଉଁ ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଓ୍ୱାଚ ଅମ୍ଭ ଦୋକାନରେ ବିକ୍ରୀପାଇଁ ମହଜୁତ ଅଛି । ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଅମ୍ଭ ଦୋକାନରେ ତତ୍ତ୍ୱ କଲେ ସମସ୍ତ ବସ୍ତୁ ଦେଖି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ କେଟ୍‌ଲଗ ପାଇ ପାରିବେ ।

ଚୌଧୁରୀବଜାର } ସେଖ ଅବଦୁଲଅଜିଜ
କଟକ } ଓ୍ୱାଚ ମେକର ଓ ଜୁଏଲର

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା— ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୪ |
| ଖଣ୍ଡମୂଲ୍ୟ | ଟ ୬୯ |
| ପତ୍ର ଏକ ସ୍ତମ୍ଭ | ଟ ୩୯ |

ଯାହା କୌଣସି ବିଜ୍ଞାପନ ଛାପିବାର ଖର୍ଚ୍ଚ ଟ ୦ ୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶର ଖର୍ଚ୍ଚ ପ୍ରଥମର ଅଧେକ ହେବ ଓ ଦୀର୍ଘକାଳ ଲାଗି ଛପାଇଲେ କମ ହେବ ।

ଅଶ୍ଳୀଳ ବିଷୟ ପ୍ରକାଶ ହେବ ନାହିଁ ପ୍ରଥମରୁ ଦେଖିବାକୁ ହୋଇଥାଏ

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

[illegible] ଭାଗ [illegible] ଖଣ୍ଡ [illegible] ସଂଖ୍ୟା | ତା ୨୦ ... [illegible] ... ସାଲ ଶନିବାର । | ଅଗ୍ରୀମ [illegible] ପଶ୍ଚାତେ ସୁ [illegible]

ବୁଦ୍ଧୋତ୍ସବାବ୍ଦ ପର୍ବ ଉପଲକ୍ଷରେ କଲିକତା ହାଇକୋର୍ଟ ଅସନ୍ତା ସେପ୍ଟେମ୍ବର ମାସ ତା୧୧ ରିଖ ଠାରୁ ଡିସେମ୍ବର ମାସ ତା ୨୧ ରିଖ ପର୍ଯ୍ୟନ୍ତ ବନ୍ଦ ହେବ । ଏ ଶେଷ ଉତ୍ସବ ମଧ୍ୟରେ ମଲମାସ ପଡ଼ିବାରୁ ଛୁଟି ୫ ଦିନ ବଢ଼ିଅଛି ।

---

ବାଲେଶ୍ୱର ବଲରାମଗଡ଼ି ପାଖ ମାଝି ସମୁଦ୍ର ଆଡ଼କୁ ଅନେକ ଦୂର ଘୁସି ଯାଇଥିବା ଅବସ୍ଥାକୁ ଦେଖି ଷ୍ଟିମର କମ୍ପାନି ତାହାକୁ ଧରି ଅଛନ୍ତି । ଲୋକଙ୍କ ଦୁଇ ଦିନ ଅଣସ୍ତ ହୋଇ ସମୁଦ୍ରର ଲବଣ ଜଳରେ ଦଉଡ଼ାଡ଼ି ନିର୍ଦ୍ଦୟ କର ଜୀବନ ଥିବାର ଅତି ଆଶ୍ଚର୍ଯ୍ୟବୋଲି-ମନ୍ତବ୍ୟ କରାଯାଇ ପାରେ । ଈଶ୍ୱରଙ୍କ ମହିମା ଅନନ୍ତ ।

( ସ୍ୱଃ ନାଃ ସମ୍ବାଦ )

---

ଗଞ୍ଜାମ ଜିଲ୍ଲାର ଶେଷ ଦୁର୍ଭିକ୍ଷ ଅବଗତ ହୋଇ-ଅଛନ୍ତି ଯେ ଗବର୍ଣ୍ଣମେଣ୍ଟଙ୍କର ନିୟମମାନ କଠିନ ହେଲେହେଁ ଯାଉଲା ଜେମଣ୍ଡିର ରାଜା ସେ ସମସ୍ତରେ ସମ୍ମତ ହୋଇ ତାହାଙ୍କ ସ୍ୱତ୍ୱାଧିକାରୁ ଇଷ୍ଟକୋଷ୍ଟ ରେଲୱେ ଷ୍ଟେଟ କାଉପେଟ ପର୍ଯ୍ୟନ୍ତ ରେଲବାଇ କମିଶ କରିବାର ସ୍ଥିର କରିଅଛନ୍ତି କେବଳ ନିୟମମାନଙ୍କର କଠୋରତା ଦୂରୀଭବା ଆଶାରେ ସେସବୁ ପରିବର୍ତ୍ତନ କରିବା କାରଣ ପ୍ରାର୍ଥନା କରିଅଛନ୍ତି । ଏଥିରୁ ରାଜାଙ୍କର ଏକାନ୍ତ ପ୍ରଜାବତ୍ସଳତା ପ୍ରକାଶ ପାଉଅଛି ସନ୍ଦେହ ନାହିଁ ।

---

ମାନ୍ଦ୍ରାଜର ଜଣେ ବଡ ଡାକ୍ତର ସାହେବ କହିଅଛନ୍ତି ଯେ ମୂଷାମାନେ ପ୍ଲେଗ ରୋଗରେ ମରନ୍ତି ମାତ୍ର ଛୁଁଚ୍ଛ ପାଖରେ ସେ ରୋଗ ପଶି ପାରେ ନାହିଁ । ସୁତରାଂ ଛୁଁଚ୍ଛ ଦେହର ଦୁର୍ଗନ୍ଧ ପ୍ଲେଗକାରକ କୀଟାଣୁ ନଷ୍ଟ କରେ । ପ୍ରବାଦ ଅଛି ଯେ ଛୁଁଚ୍ଛ ଘରେ ବୁଲିଲେ ସର୍ପାଦିର ଭୟ ନ ଥାଏ । ଯେବେ ପ୍ଲେଗ ନାଶ ହୁଏ ତେବେ ଗୃହସ୍ଥମାନେ ଛୁଁଚ୍ଛ ପୋଷିବାରି କନ୍ଟୁମ ସଞ୍ଚାର କରି ଅନ୍ୟାନ୍ୟ କଠୋର ନିୟମମାନ ଉଠାଇଦେଲେ ବଡ ଭଲ ହେବ ।

---

ଓଡ଼ିଆ ନବସମ୍ବାଦର ଖୋର୍ଦ୍ଧା ସମ୍ବାଦଦାତା ଲେଖିଅଛନ୍ତି ଯେ ଖୋର୍ଦ୍ଧାର ସବଡିଭିଜନ ଅଫିସର ଯେ, ଏନ, ଗୁପ୍ତ ସାହେବ ଦାଣ୍ଡିମାଳ ଜଙ୍ଗଲ ମଧ୍ୟବର୍ତ୍ତୀ ପ୍ରଶସ୍ତ ଉପତ୍ୟକାରେ ଗୋଟିଏ ନୂତନ ଗ୍ରାମ ବସାଇ ତହିଁର ନାମ ଗୁପ୍ତପାଟନା ଦେଇଅଛନ୍ତି ଏବଂ ସେଠାରେ ଥିବା ନିର୍ଝର ଜଳ ଏପରି କୌଶଳରେ ଉଖାଇ ଦେଇଅଛନ୍ତି ଯେ ତାହା ସବୁଦିନେ କୃଷକମାନଙ୍କର କାର୍ଯ୍ୟରେ ଆସିବ । ଏଣେ ପାନୀୟ ଜଳର ସୁବ୍ୟବସ୍ଥା ବିନା ଗ୍ରାମ ବସାଇବା ସାର୍ଥକ ନୁହେ ।

---

ନଭେମ୍ବର ତା ୧୬ ରଖରେ କଲିକତାର ପାର୍ଲିଆମେଣ୍ଟ ସଭା ବନ୍ଦ ହେଲା । ଶେଷଦିନ ଭାରତ ବଜେଟ ଦାଖଲ ହୋଇ ମଞ୍ଜୁର ହେଲା ସେହି ପ୍ରଯୋଗରେ ଦଣ୍ଡବିଧିର ନୂତନ ସଂଶୋଧିତ ହେଉସନ ଅର୍ଥାତ ରାଜାଙ୍କ ଅଭକ୍ତିମୂଳକ ଧାରା ରହିତ ହେବାର ପ୍ରସ୍ତାବ ହୋଇଥିଲା ମାତ୍ର ପ୍ରସ୍ତାବ ସପକ୍ଷରେ ଜ ୩୦ ଣ ଏବଂ ତହିଁ ବିରୁଦ୍ଧରେ ଜ ୬୧ ଣ ମତ ଦେବାରୁ ତାହା ଅଗ୍ରାହ୍ୟ ହେଲା । ଅଗ୍ରାହ୍ୟ ହେବ ବୋଲି ପୂର୍ବରୁ ଜଣାଥିଲା । ମାତ୍ର ନୂତନ ବିଧି ଅନ୍ୟାୟ ଥିବାର ଜ ୩୦ ଣ ସ୍ୱୀକାର କଲେ ଏହିକ ଭାଗ୍ୟର ବିଷୟ ଅଟେ ।

---

ସମ୍ବଲପୁର ହିତୈଷିଣୀରେ ପାଠ କଲୁଁ ଯେ ସମ୍ବଲପୁରର ପୁଲିସ ଇନସ୍ପେକ୍ଟର ଅବଦୁଲ ମଜିଦଖାନ ୬ ଜଣ କନଷ୍ଟବଲ ସହିତ ମୋଫସଲ ଗସ୍ତକୁ ଯାଇଥିଲେ । ବିଞ୍ଜାକୋଟ ମଉଜାର ୨୦ ଶତ ପ୍ରଜା ଉତ୍ତେଜିତ ହୋଇ ତାହାଙ୍କୁ ଏବଂ ଦୁଇଜଣ କନଷ୍ଟବଲଙ୍କୁ ହତ୍ୟା କରିଅଛନ୍ତି ଏବଂ ଅନ୍ୟ ତିନିଜଣ କନେଷ୍ଟବଲ ଆହତ ହୋଇଅଛନ୍ତି । ଏହାର କାରଣ ଜଣାଯାଇ ନାହିଁ । ପୁଲିସ ତଦନ୍ତ ହେଉଅଛି । ସମ୍ଭବତଃ ଇନସ୍ପେକ୍ଟର ପୁଲିସ ଜାରି କରିବାରେ ଅତିରିକ୍ତ ପଟୁତା ଦେଖାଇ ପ୍ରଜାମାନଙ୍କୁ ଉତ୍ପୀଡ଼ନ କରିଥିଲେ ।

---

Digitized by srujanika@gmail.com

ଶେଷ ମାରକୋନ ମଧ୍ୟରେ ସନ୍ଧିପତ୍ର ଗତ ତା ୧୨ ରଖରେ ସ୍ୱାକ୍ଷରିତ ହୋଇ ଏବଂ ସେହିଦିନ ଯୁଦ୍ଧ ସ୍ଥଗିତ ହେଲା । ସନ୍ଧିର ପ୍ରଧାନ ସର୍ତ୍ତ ଏହିକି ସ୍ପେନ କ୍ୟୁବା ଏବଂ ପୋର୍ଟୋ ରିକୋ ଉପନିବେଶ ପରିତ୍ୟାଗ କରିବ ଏବଂ ପ୍ରତ୍ୟେକ ରାଜ୍ୟର ପାଞ୍ଚଜଣ ଯମନ୍ତ ପ୍ରତିନିଧି ପାରିସ ନଗରରେ ବସି ଆସନ୍ତା ଅକ୍ଟୋବର ମାସ ତାରିଖ ମଧ୍ୟରେ ସ୍ଥାୟୀ ସନ୍ଧିପତ୍ର ଲେଖିଦେବେ ଫରାସି ଗବର୍ଣ୍ଣମେଣ୍ଟଙ୍କ ଚେଷ୍ଟା ଓ ଯତ୍ନରେ ସନ୍ଧି ହେବାରୁ ଉଭୟପକ୍ଷ ଫରାସି ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେଉଅଛନ୍ତି ।

———

ପଞ୍ଜାବର ଜଜ ଗୁରୁ ଦୟାଳ ସିଂହ ନାମରେ ଲୋକ ନେବାର ଦରଖାସ୍ତ ପାଇ ଗବର୍ଣ୍ଣମେଣ୍ଟ ତାହାଙ୍କୁ ପେନ୍ସନ ନିମନ୍ତେ ପେନ୍ସନ ବସାଇ ଥିବାର ପାଠକମାନଙ୍କୁ ଜଣାଅଛି । ପେନ୍ସନରମାନଙ୍କ ଉପରେ ଥାଇ ଗବର୍ଣ୍ଣମେଣ୍ଟ ତାହାଙ୍କୁ ବରଖାସ୍ତ କରିଅଛନ୍ତି । ତାହାଙ୍କୁ ଆତ୍ମପକ୍ଷ ସମର୍ଥନ କରିବାର ଆଦେଶ ନ ହେବାରୁ ସେ ଆତ୍ମରକ୍ଷାର ସୁଯୋଗ ପାଇଲେ ନାହିଁ । ଏଥି ମଧ୍ୟରେ ତାହାଙ୍କ ବିରୁଦ୍ଧରେ ଯେଉଁ ଦୁଇଜଣ ପ୍ରଧାନ ସାକ୍ଷୀ ଥିଲେ ସେମାନଙ୍କୁ ଜିଏ ହାଣି ପକାଇଅଛି । ଏକ ଜଣ ମୁଜଫର ନଗର ଏବଂ ଏକ ଜଣ କାଣ୍ଡଗୁମରିରେ ଏକ ସମୟରେ ମରି ପଡିଲେ । ଏହି ଦୁଇ ସ୍ଥାନ ମଧ୍ୟରେ ୧୬୦ ମାଇଲ ବ୍ୟବଧାନ । ପୁଲିସ ତଦନ୍ତରେ ଲୋକମାନଙ୍କ ସହିତ ସେମାନଙ୍କ ହତ୍ୟାର ସମ୍ପର୍କ ନ ଥିବାର ଜଣାଯାଏ ।

—※—

ଅମୃତବଜାର ପତ୍ରିକାରେ ଲିଖିତ ଏକ ପ୍ରବନ୍ଧରେ ପାଠ କଲୁଁ ଯେ ଗାଜୀପୁରର ଜଏଣ୍ଟ ମାଜିଷ୍ଟ୍ରେଟ ରାଜା ଭୂପାଳ ସିଂହ ସତ୍ୟଶ୍ରୀକ ଚଟ୍ଟୋପାଧ୍ୟାୟ ନାମକ ଏକ ବ୍ୟକ୍ତିଙ୍କୁ ପ୍ରାଇଭେଟ ସେକ୍ରେଟେରୀ କର୍ମରେ ରଖିଥିଲେ । ଗତ ଜୁନ ମାସରେ ରାଜାଙ୍କ ସହିତ ସତ୍ୟଶ୍ରୀକ ବାବୁଙ୍କର ବିବାଦ ଉପସ୍ଥିତ ହେବାରୁ ରାଜା ପୋଲିସଦ୍ୱାରା ବାବୁଙ୍କର ଘର ତଲାସ କରାଇଲେ ଏବଂ ତାଙ୍କ ଘରୁ ବାହାରିଥିବା ଦୁଇଖଣ୍ଡ ଆଇନପୁସ୍ତକ ଷ୍ଟେଟର ମାଲ ବୋଲି ଦାବି କରି ତାଙ୍କୁ ଚାଲାଣ କରାଇ ଦେଲେ । ବିଚାରରେ ସେ ଅବ୍ୟାହତି ପାଇଲେ ଏବଂ ପ୍ରକାଶ ହେଲା ଯେ ରାଜା ସାହେବ ଯେଉଁ ସବୁ ମୋକଦ୍ଦମାର ବନ୍ଦୋବସ୍ତ କରନ୍ତି, ସେ ତହିଁର ସତ୍ୟ ଉଦ୍ଘାଟନ କରନ୍ତି । ରାଜା କେବଳ ତାହା ସ୍ୱହସ୍ତରେ ନକଲ କରି ମିସଲରେ ପଢ଼ିଦିଅନ୍ତି । ଗବର୍ଣ୍ଣମେଣ୍ଟ ଯଦି ଅନୁସନ୍ଧାନ କରନ୍ତେ ତେବେ ରାଜା ଭୂପାଳ ସିଂହଙ୍କ ପର ମୋକଦ୍ଦମାର ରାୟ ଅନ୍ୟ ହାତରେ ଲେଖାଇ ନିଜହାତରେ ନକଲ କରିବାର ଯୋଗ୍ୟତା ଅନ୍ୟ କୌଣସି ସ୍ଥାନରେ କୌଣସି ହାକିମ ହର୍ତ୍ତାଙ୍କର ଅଛି କି ନାହିଁ, ଜଣା ପଡ଼ନ୍ତା ।

———

ଗତ କଲିକତା ଗେଜେଟରେ ବାବୁ ହରଚରଣ ମୈତ୍ର ବାବୁ ହରିଶ୍ଚନ୍ଦ୍ର ଦତ୍ତଙ୍କ ଅନୁପସ୍ଥିତ କାଳରେ ଅଥବା ଅନ୍ୟାଜ୍ଞା ପର୍ଯ୍ୟନ୍ତ କଟକ ରେଭେନ୍ସା କଲେଜର ପ୍ରୋଫେସର ପଦରେ ନିଯୁକ୍ତ ହୋଇଥିବାର ପ୍ରକାଶିତ ହୋଇଅଛି । ବାବୁ ହରଚରଣ ମୈତ୍ର ଏତଦ୍ଦେଶୀୟ ଓଡ଼ିଆ ବ୍ରାହ୍ମଣ ଏହାଙ୍କ ନିବାସ କେନ୍ଦ୍ରାପଡ଼ା ସବଡିଭିଜନାନ୍ତର୍ଗତ । ବିଦ୍ୟାଳୟର ଉପାଧିଧାରୀ ବ୍ୟକ୍ତି ନୁହନ୍ତି । ସ୍ୱ ଗୃହେ ନିଜ ଯତ୍ନରେ ଇଂରାଜୀ ସାହିତ୍ୟ ଅଙ୍କ ସଂସ୍କୃତ ଲାଟିନ ଗ୍ରୀକ ଭାଷା ମଧ୍ୟ ଶିକ୍ଷା କରିଅଛନ୍ତି । ନ୍ୟାୟଶାସ୍ତ୍ରରେ ତାହାଙ୍କର ଉତ୍ତମ ବ୍ୟୁତ୍ପତ୍ତି ଦେଖି ଏଠା କଲେଜର ପ୍ରିନ୍ସପାଲ ବାବୁ ଜାନକୀନାଥ ମଜୁମଦାର ଏହାଙ୍କୁ ଯଥାସ୍ଥାନରେ ପରିଚିତ କରାଇ ଉପରଲିଖିତ ନିଯୁକ୍ତି ବିଷୟରେ ସାହାଯ୍ୟ କରିଅଛନ୍ତି । ଉପାଧିଧାରୀ ନ ହୋଇ ପ୍ରୋଫେସର କାର୍ଯ୍ୟରେ ନିଯୁକ୍ତ ହେବା ଦରଣ, ଏହି ନିଯୋଗ ପ୍ରିନ୍ସିପାଲ ମହୋଦୟଙ୍କର ଅମାୟିକ ଗୁଣ ଗ୍ରାହକତାର ଆଉ ଗୋଟିଏ ପ୍ରମାଣ ଅଟେ ଏବଂ ଏଥି ପାଇଁ ସେ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

———

ବମ୍ବେଇର ବନ୍ଦରପଡ଼ାରେ ସ୍ଥାପିତ ଶ୍ରୀମତୀ ମହାରାଣୀଙ୍କର ପ୍ରସ୍ତର ମୂର୍ତ୍ତିକୁ କେହି ଦୁଷ୍ଟ ଲୋକ ପ୍ରାୟ ଦୁଇବର୍ଷ ହେଲା ତହିଁ ଉପରେ ଆଲକତରା ଢାଳି ବିବର୍ଣ୍ଣ କରିବାର ପାଠକମାନଙ୍କୁ ଜଣା ଅଛି । ଆଲକତରାର ଦାଗ ଏପରି ଦୃଢ଼ ଭାବରେ ଲାଗି ରହିଲା ଯେ ସରକାରୀ ବାଇକମାସ୍ତ୍ରୀ କର୍ମଚାରୀମାନେ ଦୁଇବର୍ଷ କାଳ ନାନା ଉପାୟ କରି କୌଣସି ମତେ ଉଠାଇ ପାରିଲେ ନାହିଁ । ପରିଶେଷରେ ସେମାନେ ବସ୍ତ୍ରିଥିଲେ କି ମସ୍ତକକୁ ଦେହରୁ ପୃଥକ କରି ବିଲାତକୁ ପଠାଇ ପରିଷ୍କାର କରି ଆଣି ପୁଣି ବସାଇ ଦିଅନ୍ତେ । ଏଥି ମଧ୍ୟରେ ବମ୍ବେର ଏଲଫିନଷ୍ଟୋନ ବିଦ୍ୟାଳୟର ପୂର୍ବ ଅଧ୍ୟାପକ ଶ୍ରୀଯୁକ୍ତ ହିନ୍ଦୁ କନ ସାହେବ ୧୦୦ ଟଙ୍କାର ବାଜି ରଖି କହିଲେ ଯେ ସେ ଆଲକତରା ବାହାର କରୁଥିବାରୁ ତାହା ଦେଖି ସେହି ଦାଗ ସବୁ ସ୍ୱଦେଶୀୟ ଉପାୟଦ୍ୱାରା ଛଡ଼ାଇ ଦେବାକୁ କହିବାରେ ଗବର୍ଣ୍ଣମେଣ୍ଟ ତାହାଙ୍କର ଯୋଗ୍ୟତାର ଅନୁସନ୍ଧାନ କରିବାକୁ ସମ୍ମତ ହେଲେ ଏବଂ ଅମ୍ଭମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଅଧିକାଂଶ ଦାଗମାନ ଏଥି ମଧ୍ୟରେ ଛଡ଼ାଇ ଦେଇ ଅଛନ୍ତି ଏବଂ ଅବଶିଷ୍ଟ ଯାହା ଅଛି ତାହା ଶୀଘ୍ର ଅନ୍ତର କରିବାକୁ ସମର୍ଥ ହେବେ ଏବଂ ସ୍ୱଦେଶର ଗୌରବ ବଢ଼ାଇବେ ।

———

ଦକ୍ଷିଣ ପ୍ରଦେଶର କଟ୍ଟାଆନାଦ ଗ୍ରାମରେ ଏକଦିନ ସନ୍ଧ୍ୟାବେଳେ ଦୁଇଜଣ ନାମବୁଦରି ପଣ୍ଡିତ ପତ୍ନୀ ସେଠା ଅଧିକାରୀଙ୍କ ଘରଠାରେ ବସି ତହିଁ ସେମାନଙ୍କ ନିକଟରେ ଥିବା ଟ ୧୭୦୦ ଙ୍କା ତାହାଙ୍କ ନିକଟରେ ଜମା କଲେ । ଅଧିକାରୀ ଲୋକରେ ପଡ଼ି ସେମାନଙ୍କୁ ସ୍ୱହସ୍ତରେ ହତ୍ୟା କରିବା ନିମନ୍ତେ ମୋପଲାମାନଙ୍କ ସଙ୍ଗେ ଟ ୨୦୦ ଙ୍କା ବନ୍ଦୋବସ୍ତ କଲେ । ମୋପଲାମାନେ କାର୍ଯ୍ୟ ସମାଧା କରି ଟ ୨୦୦ ପୁରସ୍କାର ନେଇ ଚାଲିଗଲେ । ମାତ୍ର ବଡ଼ଗଣ୍ଡାରେ ସେହି ନାମବୁଦରିମାନେ ଅଧିକାରୀଙ୍କ ଘର ପଛଆଡ଼ୁ ଥାଇ ଟଙ୍କା ମାଗନ୍ତେ ଅଧିକାରୀ ଚମକି ଉଠିଲେ ଏବଂ ଅଗତ୍ୟା ଟଙ୍କା ଦେଇ ବିଦାୟ କଲେ ଏବଂ ସେମାନେ ପୁଲିସରେ ସମ୍ବାଦ ଦେବାରୁ ଅଧିକାରୀ ଧରା ହୋଇ ବିଚାରାଧୀନରେ ଅଛନ୍ତି । ନାମବୁଦରିମାନେ ସ୍ୱହସ୍ତରେ ଅଧିକାରୀଙ୍କ ଦାଣ୍ଡ ଘରେ ଶୋଇବା ହେତୁରେ ହିଁ ସେ ଦିନ ଭାଗ୍ୟବଳରୁ ଅନ୍ୟସ୍ଥ ଅପଙ୍କା ଦରି ଅନ୍ୟତ୍ର ଲୁଚି ରହିଲେ ଏବଂ ଅଧିକାରୀଙ୍କର ଏକମାତ୍ର ପୁଅ ଓ ପୁତୁରା ଅନେକ ରାତ୍ରିରେ ବୁଲି ଆସି ଭାବନ୍ତେ କେହି ଜାଗ୍ରତ ନ ପାଇବାରୁ ସେହି ସ୍ଥାନରେ ଶୋଇଲେ । ମୋପଲାମାନେ ଅନ୍ଧାରରେ ସେମାନଙ୍କୁ ପଣ୍ଡିତ ଭ୍ରମରେ ହତ୍ୟା କଲେ । ଲୋଭ କି ଭୟଙ୍କର ! ତାହା ସକଳ ପାପର ମୂଳ ଅଟଇ ଯେ ପ୍ରତ୍ୟକ୍ଷ ଦେଖି ମଧ୍ୟ ଲୋକେ ପାପ ପାଇଁ ପଡ଼ନ୍ତି ।

———

ବଙ୍ଗ ପ୍ରଦେଶରେ ସନ ୧୮୯୭।୯୮ ସାଲରେ ରବି ଫସଲ ନିମନ୍ତେ ସରକାରୀ ନାଲିମାନଙ୍କରୁ ମୋଟ ୧,୧୧,୬୩୯ ଏକର ଜମିରେ ଜଳ ମଡ଼ାଇବାକୁ କବୁଲିୟତ ହୋଇଥିଲା । ତହିଁ ପୂର୍ବ ବର୍ଷର ଭୂମିର ପରିମାଣ ମୋଟ ୨୩୫୦୨୦ ଏକର ଥିଲା । ସୁତରାଂ ଗତ ବର୍ଷର ଅପେକ୍ଷା ଜମି ପ୍ରାୟ ଏକର୍ଦ୍ଧ କବୁଲିୟତ

ହୋଇ ନାହିଁ । ମାତ୍ର ସନ ୧୮୯୬।୯୭ ସାଲରେ ଶାରଦ ଧାନ ମରୁଡ଼ିରେ ନଷ୍ଟ ହେବାରୁ କୃଷି-ମାନେ କ୍ଷତିପୂରଣ ଆଶାରେ ସାହସ ବାନ୍ଧି ଏଥର ଅତି ବିଶେଷରୂପେ ଡାଲିଅ ଫସଲ କରିଥିଲେ ଯେ ପୂର୍ବେ କୌଣସି ବର୍ଷ ସେପରି ଘଟି ନ ଥିଲା । ଗ୍ରାମାତ ଗତ ପାଞ୍ଚବର୍ଷର ହାରାହାରି ସଙ୍ଗେ ମିଳାଇ ଦେଖିଲେ ମଧ୍ୟ ଏବର୍ଷର ଜମିର ପରିମାଣ ବଢ଼ି ଯାଇଅଛି । ମେଦିନୀପୁର ସୋରଣ ଜାଜ-ମାନଙ୍କରୁ ଅଧିକ ଜମି ନିଆ ଯାଇ ନ ଥିଲା । ଉଡ଼ିଶା ଜିଲାମାନଙ୍କରୁ ଗତ ବର୍ଷ କଟକ ଜିଲା-ରେ ମା ୧୦୬୯୯ ଏ ଏବଂ ବାଲେଶ୍ୱର ଜିଲାରେ ମା ୨୩୧୦ ଏ କରାଯାଇ ହୋଇଥିବା ପ୍ରତ୍ୟେ-କେ ଏବର୍ଷର ଭୂମି ପରିମାଣ ଯଥାକ୍ରମେ ମା ୫୦୧୪ ଏ ଏବଂ ମା ୨୩୨ ଏ ଅଟେ । ଏଥି-ମଧ୍ୟରେ ଅଧିକାଂଶ ଡାଲିଅ ଧାନ ଅଟେ । ଆଖୁ କପା ମୁଗ ଇତ୍ୟାଦିର ଚାଷ ଅଳ୍ପମାତ୍ର । ଏଥିରୁ ଜଣା ଯାଉଅଛି ଯେ ନିତାନ୍ତ କଷ୍ଟ ନ ହେଲେ ଲୋକେ ଡାଲି ଚାଷ କରନ୍ତି ନାହିଁ ଅଥବା ନାଲ ଜଳବୃଷ୍ଟି ସାଧାରଣ ବର୍ଷରେ ଏପରି ଫସଲ ହୁଏ ନାହିଁ ଯେ କୃଷିମାନେ ଚାଲିବର ... ଆପଣାର ପରିଶ୍ରମ ସଫଳ ହେବାର ମନେ କରନ୍ତି ।

---

କଲିକତା ହାଇକୋର୍ଟର ବର୍ତ୍ତମାନ ପ୍ରଧାନ ବିଚାରପତି ମାନ୍ୟବର ସର ମାକଲିନ ବାହା-ଦୁର ବଙ୍ଗର ଅଦାଲତର ପବିତ୍ରତା ରକ୍ଷାପ୍ରତି ବିଶେଷରୂପେ ମନୋଯୋଗୀ ଥିବାର ଗୋଟିଏ ଉଦାହରଣ ଦେଖାଇ ଧନ୍ୟ ଧନ୍ୟ ହୋଇଅଛନ୍ତି । ତାରାକପୁରର ହତ୍ୟା ମୋକଦ୍ଦମାରେ ଆସାମୀ-ମାନଙ୍କ ପକ୍ଷରୁ ଯେଉଁ ନ ଜଣ ସାହେବ ବାରି-ଷ୍ଟର ନିଯୁକ୍ତ ହୋଇଥିଲେ ସେମାନେ ଗୁହା ଯୋଗାନବନ୍ଦୀ ସମୟରେ ଅଯଥା ଜେରା କରି-ଥିବାରୁ ବାରିଷ୍ଟରୀ ନିୟମ ଲଙ୍ଘନ ହେତୁରେ ସେମାନଙ୍କର ନାମ ବାରିଷ୍ଟରୀ ତାଲିକାରୁ କାହିଁକି କଟା ନ ଯିବ ତହିଁର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ନାମରେ ମୋକଦ୍ଦମା ଦାଏର କରି ସ୍ୱୟଂ ପ୍ରଧାନ ବିଚାରପତି ସହିତ ନ ୭ ଜଣ ବିଚାରପତି ସେ ମୋକଦ୍ଦମାର ବିଚାର ନିମନ୍ତେ ଉପସ୍ଥିତ ହେଲେ । ବାରିଷ୍ଟରମାନେ ନିୟମ ଲଙ୍ଘନ କରିଥିବାର ବୁଝିପାରି ନ ଥିବା ନିମନ୍ତେ ଦୁଃଖ ପ୍ରକାଶ ପୂର୍ବକ କ୍ଷମା ପ୍ରାର୍ଥନା କରନ୍ତେ ବିଚାରପତିମାନେ ତାହା ଗ୍ରହଣପୂର୍ବକ ସେମାନଙ୍କୁ ଅବ୍ୟାହତ ଦେଲେ । ପ୍ରଧାନ ବିଚାରପତି ବୁଝାଇ ଦେଲେ ଯେ ବାରିଷ୍ଟରମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ପୂରଣ କରାଇଦେବା ତାହାଙ୍କର ଉଦ୍ଦେ-ଶ୍ୟ ଏବଂ ସେ ଆଶା କରନ୍ତି କି ଭାରତରେ ବ୍ୟବସାୟ କରିବା ବାରିଷ୍ଟରମାନେ ବିଲାତର ଉଚ୍ଚ ଆଦର୍ଶକୁ ସର୍ବଦା ସ୍ମରଣ ରଖି କାର୍ଯ୍ୟ କରିବେ । ଆମ୍ଭେମାନେ ଆଶା କରୁଁ କି ମୋଫ-ସଲର ଉକିଲ ଓ ମୁକ୍ତାରମାନେ ଏଥିରୁ ସୁଶିକ୍ଷା ଲାଭ କରି ଜେରା କରିବା ବେଳେ ମନ ସ୍ଥିର ରଖି ନିୟମାନୁସାରେ କାର୍ଯ୍ୟ କରିବେ ।

---

ନାବାଲଗି ଗଡ଼ଜାତ ମହାଲର ଉନ୍ନତି ।

ଗତ ଫୁଲସ୍ପ୍ରାହର ପତ୍ରିକାରେ ଗଡ଼ଜାତ ଇନ୍ସ୍‌ପେକ୍ଟରଙ୍କର ଯେଉଁ ବକ୍ତୃତା ପ୍ରକାଶିତ ହୋ-ଇଅଛି ତହିଁରୁ ଗଡ଼ଜାତର ଉନ୍ନତି ସାଧନରେ କେତେ ଟଙ୍କା ବ୍ୟୟ ହେଉଅଛି ପାଠକମାନେ ଜାଣିପାରିଥିବେ । ଯେ ସବୁ ଗଡ଼ଜାତ ସଙ୍ଗେ ସେହି ବକ୍ତୃତାର ସମ୍ବନ୍ଧ ତହିଁମଧ୍ୟରୁ ଅନଗୁଳ ଏବଂ କନ୍ଧମାଳର ବିବରଣ ଆଲୋଚ୍ୟ ବିଷୟ ନୁହେ । ଯେ ସବୁ ସରକାରୀ ମହାଲ ଏବଂ କତି-ପୟ ପ୍ରଜାବତ୍ସଳ ଇଂରାଜ ଗବର୍ଣ୍ମେଣ୍ଟ ଦେଶ ଉନ୍ନତି ଏବଂ ଜନସାଧାରଣର ସୁଖ ସ୍ୱଚ୍ଛନ୍ଦତା ବିଧାନ କରିବାରେ କେମନ୍ତ ମନୋଯୋଗୀ ତାହା ଜଣା ପ୍ରତ୍ୟକ୍ଷ ହେଉଅଛି । ଉକ୍ତ ଦୁଇ ଗଡ଼ଜାତ ଯେତେବେଳେ ସରକାରଙ୍କର ଖାସ ଦଖଲ ହେଲେ ସେ ସବୁର କ୍ରମଶଃ ଆଶାତୀତ ଉନ୍ନତି ହେବା ବିଚିତ୍ର ନୁହେ । ଯେ ସବୁ ଗଡ଼-ଜାତର ରାଜାମାନେ ନାବାଲଗ ଥିବାରୁ କାର୍ଯ୍ୟ ନିର୍ବାହର ଭାର ସରକାରଙ୍କ ହସ୍ତରେ ନ୍ୟସ୍ତ ହୋଇଅଛି ସେହି ସବୁ ଗଡ଼ଜାତର କିପରି ଉନ୍ନତି ହେଉଅଛି ସେହି ବିଷୟ ପ୍ରତି ସର୍ବସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବା ଏ ପ୍ରବନ୍ଧର ଅଭିପ୍ରାୟ । ବର୍ତ୍ତମାନ ପାଞ୍ଚଟି ମହାଲ ସରକାରଙ୍କ ତତ୍ତ୍ୱାବଧାନ-ରେ ଅଛି, ଯଥା ଢେଙ୍କାନାଳ, ତାଳଚେର, ବଡ଼ାମ୍ବା, ନରସିଂହପୁର ଓ ପାଲଲହଡ଼ା । ଏମାନ-ଙ୍କମଧ୍ୟରେ ଢେଙ୍କାନାଳ ସର୍ବାପେକ୍ଷା ବୃହତ୍ ଏବଂ ଅଧିକ ଆୟବାନ୍ । ଏ ମହାଲରେ ଚଳିତ ବର୍ଷରେ ନିମ୍ନ ଲିଖିତ ମୂଲ୍ୟର କାର୍ଯ୍ୟ ହେବାର ସ୍ଥିର ହୋଇ ଅଛି ଯଥା—

ନୂତନ କାର୍ଯ୍ୟ

| | |
|---|---|
| ପୁଲ | ଟ ୮୦୦୦ |
| ସଡ଼କ | ଟ ୩୮୭୦ |
| ବନ୍ଧ ପୁଷ୍କରିଣୀ ଇତ୍ୟାଦି | ଟ ୩୪୦୦ |
| ସଡ଼କ ମରାମତି | ଟ ୧୨୭୦୦ |
| ବନ୍ଧ ଇତ୍ୟାଦି ମରାମତି | ଟ ୩୪୦୦ |
| ମୋଟ | ଟ ୩୧୨୭୦ ୲ |

ତାଳଚେରରେ ନୂତନ କାର୍ଯ୍ୟ ମଧ୍ୟରେ ପୁଲ ନିର୍ମାଣରେ ଟ ୧୦୦୦୲ ଙ୍କା ଏବଂ ପୁଷ୍କରିଣୀ କୂପ ଇତ୍ୟାଦି ମରାମତିରେ ଟ ୧୭୭୦୲ ଙ୍କା ବ୍ୟୟ ହେବାର ବନ୍ଦୋବସ୍ତ ହୋଇଅଛି ।

| | |
|---|---|
| ପୁଲ | ଟ ୧୦୦୦ |
| ସଡ଼କ ଓ ବନ୍ଧ | ଟ ୯୦୦ |

ନରସିଂହପୁରରେ

| | |
|---|---|
| ନୂତନ ସଡ଼କ | ଟ ୨୦୦୦ |
| ପୁଷ୍କରିଣୀ | ଟ ୨୫୦୦ |
| ସଡ଼କମରାମତି | ଟ ୭୦୦ |

ପାଲଲହଡ଼ାରେ

| | |
|---|---|
| ପୁଲ | ଟ ୧୦୦୦ |
| ସଡ଼କମରାମତି | ଟ ୫୦୦ |

ରାଜ ପ୍ରାସାଦ ଓ ରାଜକର୍ମଚାରୀମାନଙ୍କର ସ୍ଥାୟୀ ବାସସ୍ଥାନ ନିର୍ମାଣ ଏବଂ ମରାମତି କାର୍ଯ୍ୟରେ ଯେତେ ଟଙ୍କା ଏ ବର୍ଷ ବ୍ୟୟ ହେବ ତାହା ଆମ୍ଭେ-ମାନେ ଉପରଲିଖିତ ହିସାବରେ ଧରି ନାହୁଁ । ସେସବୁ ଅନାବଶ୍ୟକ ନ ହେଲେହେଁ ଆମ୍ଭମାନ-ଙ୍କର ଉଦ୍ଦେଶ୍ୟର ବହିର୍ଭୂତ ଏବଂ କେତେକ ସ୍ଥଳେ ରାଜାମାନେ ସାବାଲଗ ହେବା ପର୍ଯ୍ୟନ୍ତ ସ୍ଥଗିତ ରହିଲେ କ୍ଷତି ହେବ ନାହିଁ । କେତେ-ବେଳେ ସେମାନେ ଆପଣା ଆପଣା ପ୍ରୟୋଜନ ଓ ଅବସ୍ଥା ଅନୁସାରେ କରିପାରିବେ । ବିଶେଷତଃ ନରସିଂହପୁର ଏବଂ ତାଳଚେରରେ ଏକା ରାଜ-ପ୍ରାସାଦ ନିର୍ମାଣର ବ୍ୟୟ ଟ ୫୦୦୦୲ ଙ୍କା ଲେଖାଏଁ ଅଟେ ଯାହାକି ଅନ୍ୟାନ୍ୟ ସମସ୍ତ କାର୍ଯ୍ୟଠାରୁ ଅଧିକ । ଯାହାହେଉ ସଡ଼କ, ପୁଲ, ଜଳରକ୍ଷାର ନିମନ୍ତେ ପୁଷ୍କରିଣୀ ଇତ୍ୟାଦି କାର୍ଯ୍ୟ ସମସ୍ତ ନାବା-ଲଗି ମହାଲରେ ପ୍ରତ୍ୟେକ ମହାଲର ଆୟ ଅନୁସାରେ ଅନୁଷ୍ଠିତ ହେବାର ଦେଖି ଆମ୍ଭେ-ମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଏସବୁ କାର୍ଯ୍ୟ ଦେଶୋନ୍ନତିର ପ୍ରଧାନ ଉପାୟ ସହାୟ ଏବଂ କୃଷି ଓ ବାଣିଜ୍ୟର ବିସ୍ତାର ଓ ସାଧାରଣ ସ୍ୱାସ୍ଥ୍ୟ ସାଧନ ନିମନ୍ତେ ଏସବୁ କାର୍ଯ୍ୟ ପ୍ରତ୍ୟକ୍ଷ ଫଳପ୍ରଦ ହେବାରୁ ଏଥିରେ ଯେତେ ଟଙ୍କା ବ୍ୟୟ ହେବ ତାହା ଅପବ୍ୟୟ ବୋଲି କହିବା ନୁହେ । ପ୍ରତିବର୍ଷ ଏସବୁ ମହାଲରେ ଏହିପରି କାର୍ଯ୍ୟ ଉଣା ଅଧିକରେ ହେଉଅଛି ଏବଂ ତଦ୍ୱାରା ସେ ଆୟ ବଢ଼ୁଅଛି ଏଥିରେ ସନ୍ଦେହ ନାହିଁ ।

Split by PDF Splitter
Digitized by srujanika@gmail.com

Split by PDF Splitter



ଆମ୍ଭେମାନେ ଆଶା କରୁଁ କି ଗଡ଼ଜାତ ସ୍ଥାନଙ୍କ ମଧ୍ୟରେ ଯେଉଁମାନେ ଅପଣା୨ ରାଜ୍ୟର ଉନ୍ନତି ବିଷୟରେ ଯେମନ୍ତ ମନୋଯୋଗୀ ନୃପତି ସେମାନେ ଏହା ବିଚାର କରିବେ ଏବଂ ଏହିରୂପ କାର୍ଯ୍ୟରେ ସମଧିକ ଉତ୍ସାହିତ ହେବେ। ପରିଶେଷରେ ବକ୍ତବ୍ୟ ଏହିକି ଯେ ସବୁ କାର୍ଯ୍ୟର ବିଜ୍ଞାପନ ଦିଆଯାଇଅଛି ତାହା ଏ ଦେଶୀୟ ଯୋଗ୍ୟଲୋକମାନେ ପ୍ରତିଦ୍ୱନ୍ଦ୍ୱିତାରେ ପ୍ରାପ୍ତ ହୋଇ ସନ୍ତୋଷଜନକରୂପେ ତୁଲାଇ ପାରିଲେ ଆମ୍ଭେମାନେ ବଡ ଆନନ୍ଦିତ ହେବୁଁ।

— * —

## ଭାରତର ନୂଆ ବଡଲାଟ

ଭାରତର ବଡଲାଟ ଲର୍ଡ ଏଲ୍‌ଗିନଙ୍କର କାର୍ଯ୍ୟକାଳ ୫ ବର୍ଷ ଆସନ୍ତା ଡିସେମ୍ବର ମାସରେ ପୂର୍ଣ୍ଣ ହେବ ଏବଂ ସେ ସିମଲା ଫେରନ୍ତା କଲିକତାରେ ପହୁଞ୍ଚି ବିଲାତକୁ ବିଦାୟ ହୋଇଯିବେ ତାହାଙ୍କ ସ୍ଥାନ ଅଧିକାର କରିବା ନିମନ୍ତେ କେଉଁ ମହାଶୟ ଆସିବେ କେତେକ ଦିନ ହେଲା ଏଥିର ଆନ୍ଦୋଳନ ଲାଗିଥିଲା। ବିଲାତର ଗତ ମାସ ତା ୧୦ ରଖର ତାର ସମ୍ବାଦ ଏଠାରେ ପହୁଞ୍ଚି ସମସ୍ତ ସନ୍ଦେହ ଦୂର କରି ଦେଲା। ସେ ସମ୍ବାଦ ଏହିକି ବିଲାତ ମନ୍ତ୍ରୀ ସଭାର ପରରାଷ୍ଟ୍ର ବିଭାଗର ଅଣ୍ଡର ସେକ୍ରେଟେରୀ ମାନ୍ୟବର ଶ୍ରୀଯୁକ୍ତ ଜର୍ଜ ନେଥାନିଏଲ କର୍ଜନ ଭାରତର ସ୍ଥଳାଭିଷିକ୍ତ ଅର୍ଥାତ୍ ଭାଇସ୍‌ରୟ ଏବଂ ଗବର୍ଣ୍ଣର ଜେନେରଲ ପଦ ଗ୍ରହଣ କରିବାକୁ ସମ୍ମତ ହୋଇଅଛନ୍ତି। ସେ ଯଥା କାଳରେ ବିଲାତରୁ ଯାତ୍ରା କରି ଡିସେମ୍ବର ମାସ ଆରମ୍ଭରେ କଲିକତାରେ ପହୁଞ୍ଚି କାର୍ଯ୍ୟଭାର ଗ୍ରହଣ କରିବେ। ଲର୍ଡ ଏଲଗିନ ଏକମାସ ପୂର୍ବରୁ ବିଲାତ ଯିବାକୁ ଇଚ୍ଛା କରୁଥିଲେ ମାତ୍ର ବିଲାତସ୍ଥ ଭାରତୀୟ ସେକ୍ରେଟେରୀ ତହିଁରେ ସମ୍ମତ ହେଲେ ନାହିଁ। କର୍ଜନ ସାହେବ ଇଂଲଣ୍ଡର ଜଣେ ସୁପ୍ରସିଦ୍ଧ ଜମିଦାର ସ୍କାରସ୍‌ଡେଲଙ୍କର ଜ୍ୟେଷ୍ଠ ପୁତ୍ର, ତାହାଙ୍କର ବୟସ ବର୍ତ୍ତମାନ ୩୯ ବର୍ଷ ଅଟେ। ସେ ଅକ୍ସଫୋର୍ଡ ବିଦ୍ୟାଳୟରେ ପାଠ କରି ଉତ୍ତମରେ ପୁରସ୍କାର ଲାଭ ଏବଂ ତର୍କ ବିତର୍କରେ ଯୋଗ୍ୟତା ପ୍ରଦର୍ଶନଦ୍ୱାରା ସୁଖ୍ୟାତି ଅର୍ଜନ କରିଥିଲେ। ତହିଁ ଉତ୍ତାରୁ ମଧ୍ୟ ଏସିଆରେ ଦୀର୍ଘକାଳ ଭ୍ରମଣ କରି ସେସବୁ ସ୍ଥାନର ରାଜନୈତିକ ଅବସ୍ଥା ଉତ୍ତମରୂପେ ବୁଝି ପାରସ୍ୟ ଦେଶସମ୍ବନ୍ଧୀୟ ଏକ ସୁପାଠ୍ୟ ପୁସ୍ତକ ବାହାର କଲେ ଏବଂ ତଦ୍ଦ୍ୱାରା ତାହାଙ୍କର ନାମ ବିଖ୍ୟାତ ହେଲା। ଲର୍ଡ ସାଲିସବରୀ ତାହାଙ୍କର ଗୁଣର ପରିଚୟ ପାଇ ନିଜର ସହକାରୀ ସେକ୍ରେଟେରୀ ନିଯୁକ୍ତ କଲେ ଏବଂ ପାର୍ଲିମେଣ୍ଟରେ ତରଫ କରିବାର ସାହାଯ୍ୟ କଲେ। ଇତ୍ୟାଦି ସମ୍ପର୍କରେ କର୍ଜନ ସାହେବ ଯେଉଁ ବକ୍ତୃତା ପ୍ରଦାନ କରୁଥିଲେ ତାହା ଅତ୍ୟନ୍ତ ଉତ୍କୃଷ୍ଟ ହୋଇଥିଲା। ତ ୧୨ ବର୍ଷ ହେଲା ସେ ପାର୍ଲିମେଣ୍ଟରେ ରହିଅଛନ୍ତି ଏବଂ ନିମ୍ନ ପଦମାନଙ୍କରେ ବିଶେଷ ଯୋଗ୍ୟତା ଦେଖାଇ ପରରାଷ୍ଟ୍ର ବିଭାଗର ଅଣ୍ଡର ସେକ୍ରେଟେରୀ ପଦକୁ ଉନ୍ନତ ହୋଇଅଛନ୍ତି। ତାହାଙ୍କର ରୂପ ଯେମନ୍ତ ସ୍ତ୍ରୀ ଗୁଣ ସେମନ୍ତ ଉତ୍ତମ। ସେ ଦୁଇବର୍ଷ ହେଲା ଆମେରିକାର ଜଣେ ଧନ କୁବେରର ଦୁହିତାର ପାଣିଗ୍ରହଣ କରି ଧନବାନ୍ ମଧ୍ୟ ହୋଇଅଛନ୍ତି। କଥିତ ହୁଏ ସେ ଅତ୍ୟନ୍ତ ଉଦାର ମିଜାଜର ଲୋକ। ସମ୍ଭବତଃ ତାହା ଅପରିପକ୍ୱ ବୟସର ଗୁଣ ଅଟେ। ମାତ୍ର ଆଶା ହୁଏ ଯେ ନୂତନ ପଦର ଗୁରୁ ଭାରରେ ତାହାଙ୍କର ସେ ତ୍ରୁଟି ରହିବ ନାହିଁ ଏବଂ ତାହାଙ୍କ ଅମଳରେ ଭାରତର ସୁଖଶାନ୍ତି ବୃଦ୍ଧି ହେବ। ଏତେ ଅଳପ ବୟସର ପ୍ରାୟ ଆଉ କେହି ଭାରତରେ ଶାସନକର୍ତ୍ତା ହୋଇ ଆସି ନ ଥିଲେ।

## ଓଡ଼ିଆ ପୁସ୍ତକ

ଭାରତର ଭିନ୍ନ୨ ପ୍ରଦେଶରେ ନାନା ଭାଷାରେ ଯେ ସବୁ ପୁସ୍ତକ ଛପା ଓ ପ୍ରକାଶ ହୁଏ ତହିଁରୁ ପ୍ରତ୍ୟେକ ବାର୍ଷିକ ସରକାରୀ ରିପୋର୍ଟ ପ୍ରକାଶିତ ହୁଏ। ସନ ୧୮୯୭ ସାଲର ବାର୍ଷିକ ରିପୋର୍ଟ ସଂପ୍ରତି ବାହାରିଅଛି ଏବଂ ତହିଁରେ ଓଡ଼ିଆ ପୁସ୍ତକ ସମ୍ବନ୍ଧରେ ନିମ୍ନଲିଖିତ ବିବରଣ ଲେଖାଅଛି। ଯଥା—

ଗତବର୍ଷ ଅର୍ଥାତ୍ ସନ ୧୮୯୬ ସାଲରେ ଓଡ଼ିଶାର ଯନ୍ତ୍ରାଳୟମାନଙ୍କରୁ ଖ ୧୩୨ ଖଣ୍ଡ ପୁସ୍ତକ ବାହାରି ଥିଲା। ଏ ବର୍ଷ ଖ ୧୧୨ ଖଣ୍ଡ ବାହାରିଅଛି। ଗତ ବର୍ଷର ପୁସ୍ତକ ମଧ୍ୟରେ ନାଟକ ଖ ୪ ଖଣ୍ଡ, ଉପନ୍ୟାସ ଖ ୫ ଖଣ୍ଡ, ଇତିହାସ ଖ ୪ ଖଣ୍ଡ, ଗଦ୍ୟ ଖ ୧୨ ଖଣ୍ଡ, ବାଜେ ଖ ୧୨ ଖଣ୍ଡ, ପଦ୍ୟ ଖ ୨୯ ଖଣ୍ଡ, ଧର୍ମ ୨୪ ଖଣ୍ଡ ଅଙ୍କ ଖ ୨ ଖଣ୍ଡ ଏବଂ ପଦାର୍ଥ ବିଜ୍ଞାନ ଖ ୩ ଖଣ୍ଡ ଥିଲା। ଏ ବର୍ଷ ଜୀବନ ଚରିତ ଖ ୩ ଖଣ୍ଡ ନାଟକ ଖ ୧୧ ଖଣ୍ଡ ଉପନ୍ୟାସ ଖ ୨ ଖଣ୍ଡ, ଇତିହାସ ଖ ୬ ଖଣ୍ଡ ଗଦ୍ୟ ଖ ୨୨ ଖଣ୍ଡ, ଚିକିତ୍ସା ଖ ୧ ଖଣ୍ଡ ବାଜେ ଖ ୨୨ ଖଣ୍ଡ ପଦ୍ୟ ଖ ୪୩ ଖଣ୍ଡ ଧର୍ମ ଖ ୩୧ ଖଣ୍ଡ, ଅଙ୍କ ଖ ୨ ଖଣ୍ଡ ପଦାର୍ଥବିଜ୍ଞାନ ଖ ୩ ଖଣ୍ଡ ଏବଂ ଭ୍ରମଣ ଖ ୧ ଖଣ୍ଡ ଅଟେ।

ନିମ୍ନଲିଖିତ ଓଡ଼ିଆ ପୁସ୍ତକମାନ ବିଶେଷ ଉଲ୍ଲେଖର ଯୋଗ୍ୟ ଅଟେ। ଯଥା—

ନାଟକ—ବାବୁ ଦଣ୍ଡଧରରଥଙ୍କର ଭଟ୍ଟ ନାରାୟଣଙ୍କ ସୁପରିଚିତ ସଂସ୍କୃତ ବେଣୀସଂହାର ନାଟକର ଉତ୍କଳ ଅନୁବାଦ।

ବାଜେ—ବିବିଧପ୍ରବନ୍ଧ, ବାବୁ ବିଶ୍ୱନାଥ କରଙ୍କର ନାନା ବିଷୟ ଉପରେ ପ୍ରବନ୍ଧମାନଙ୍କର ସଙ୍ଗ୍ରହ।

ପଦ୍ୟ—ଭାବନା—ବାବୁ ସାଧୁଚରଣ ରାୟଙ୍କର ରଚିତ କ୍ଷୁଦ୍ର୨ ପଦ୍ୟମାନଙ୍କର ସଙ୍ଗ୍ରହ। ତହିଁ ମଧ୍ୟରେ କେତେ ପ୍ରକାର ଅନେକ ଗୁଣ ଅଛି।

ଭ୍ରମଣ—ଦାକ୍ଷିଣାତ୍ୟ ଭ୍ରମଣ—ବାବୁ ଶଶୀଭୂଷଣ ରାୟ ଦକ୍ଷିଣ ଭାରତ ଭ୍ରମଣ କାଳରେ ଯେ ସବୁ ମନ୍ତବ୍ୟ ଓ ଦ୍ରବ୍ୟାଦି ଦେଖିଥିଲେ ସେ ସମସ୍ତରେ ତାହାଙ୍କର ଦୃଷ୍ଟିର ଫଳ ଦୈନିକ ଲିପି ଆକାରରେ ଏ ପୁସ୍ତକରେ ପ୍ରକାଶ କରିଅଛନ୍ତି।

ଓଡ଼ିଆ ସାହିତ୍ୟର ଅବସ୍ଥା ବାଲ୍ୟାବସ୍ଥା ପୂର୍ବତନ କାବ୍ୟ ଛଡା ଯେଉଁ ଅଳ୍ପ ସଂଖ୍ୟକ ପାଠୋପଯୋଗୀ ପୁସ୍ତକ ଏ ଭାଷାରେ [illegible] ଅଛି ତାହା ଅଧିକାଂଶ ବଙ୍ଗଳାର ଅନୁବାଦ ଅଟେ। ବଙ୍ଗଳା ଭାଷା ଅଧିକତର ଉନ୍ନତ [illegible] ତତ୍‌ପାର୍ଶ୍ୱବର୍ତ୍ତୀ ଅନ୍ୟାନ୍ୟ ଦେଶୀୟ ଭାଷାରେ ତାହାର ବଳ ସଞ୍ଚାରିତ ହେଉଅଛି। ସାଧାରଣତଃ ବୋଲା ଯାଇ ପାରେ ଯେ ଓଡ଼ିଆ ଭାଷା ଓ ସାହିତ୍ୟ ବିଶେଷରୂପେ ବଙ୍ଗଳାର ପ୍ରତିଛାୟା ଅଟେ। ଓଡ଼ିଆ ଲେଖକମାନେ ବର୍ଣ୍ଣମାଳାନୁସାରେ ଉନର ଅତ୍ୟନ୍ତ ଅନୁରାଗୀ, ଏବଂ ସେମାନଙ୍କ ରଚିତ ପଦ୍ୟ ପ୍ରଧାନତଃ ସେହି ଭାଷା ପୌରାଣିକ ପଦ୍ୟ ଓ ଲୀଳା ଅଟେ।

ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ଅଧୀନ ପୁସ୍ତକାଗାରର ରକ୍ଷକଙ୍କ ମନ୍ତବ୍ୟ ଉପରେ ଉପରିଲିଖିତ ବିବରଣ ପ୍ରକାଶିତ ହୋଇଅଛି ଏବଂ ତାହା କେତେ ଦୂର ସୁସଙ୍ଗତ ହୋଇଅଛି ପାଠକମାନେ ବିଚାର କରିବେ। ଆଧୁନିକ ଓଡ଼ିଆ ସାହିତ୍ୟର ଅବସ୍ଥା ବାଲ୍ୟାବସ୍ଥା ଏଥିରେ ସନ୍ଦେହ ନାହିଁ ମାତ୍ର ଓଡ଼ିଆ ଲେଖକମାନେ ସାଧାରଣତଃ ବଙ୍ଗଳା ସାହିତ୍ୟର ଅନୁକରଣ କରନ୍ତି ଏହା ସ୍ୱୀକାର କରିବାକୁ କଷ୍ଟ ଅଦ୍ଭୁତ ବୋଧ ହେଉଅଛି। ପ୍ରକୃତରେ ଅଳ୍ପ ଦିନ ହେଲା ଓଡ଼ିଶାରେ ଶିକ୍ଷାର ବିସ୍ତାର ଆରମ୍ଭ ହୋଇଅଛି ଏବଂ ଶିକ୍ଷିତ ଓଡ଼ିଆଙ୍କ ସଂଖ୍ୟା ଅଳ୍ପ ଏବଂ ଓଡ଼ିଆ ଭାଷା ପ୍ରଚଳିତ ଦେଶର ଅଧିକାଂଶ ମଧ୍ୟ [illegible] ଅଟେ।

Digitized by srujanika@gmail.com

Split by PDF Splitter



ଏହି କାରଣରୁ ଆଶାନୁରୂପ ଫଳ ଦେଖିବାରେ ଆସୁ ନାହିଁ । ଶିକ୍ଷିତ ଲୋକଙ୍କର ସଂଖ୍ୟା ଏବଂ ଚେଷ୍ଟା ଅଧିକ ହେଲେ ଅବଶ୍ୟ ଓଡ଼ିଆ ସାହିତ୍ୟର ଅଙ୍ଗ ପୁଷ୍ଟି ହେବ ।

ପରିଶେଷରେ ବକ୍ତବ୍ୟ ଏହି କି ମଧ୍ୟପ୍ରଦେଶର ପୁସ୍ତକର ତାଲିକାରେ ଓଡ଼ିଆଭାଷାର ନାମ ଅଦ୍ୟାପି ନାହିଁ ଅଥଚ ବାମଣ୍ଡାରେ ଅନେକ ବର୍ଷରୁ ମୁଦ୍ରାଳୟ ରହିଅଛି ଏବଂ ଅନେକ ପୁସ୍ତକ ମଧ୍ୟ ସେଠାରେ ମୁଦ୍ରିତ ହୋଇଅଛି । ବାମଣ୍ଡା ଗଡ଼ଜାତ ବା କରଦ ରାଜ୍ୟ ବୋଲି ସେଠା ପ୍ରକାଶିତ ପୁସ୍ତକମାନ ସରକାରୀ ପୁସ୍ତକାଗାରକୁ ଯାଏ ନାହିଁ କି, ?

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ନନ୍ଦକିଶୋର ଦାସ ବନ୍ଦୋବସ୍ତ କାର୍ଯ୍ୟରୁ ଅବ୍ୟାହତି ପାଇଲେ କଟକ ସଦର ମହକୁମାରେ ଅବସ୍ଥାପିତ ହେବେ । ସେ ୧ମ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ବନ୍ଦୋବସ୍ତ କର୍ମଚାରୀ ଏସ, ଏଲ, ମାଡ଼କସ ତୃତୀୟ ଗ୍ରେଡର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ଡେପୁଟୀ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ କ୍ଷିତୀଶଚନ୍ଦ୍ର ସରକାରଙ୍କର ମେଦିନୀପୁର ବଦଳି ରହିତ ହୋଇ ସେ କଟକ ସଦର ମହକୁମାରେ ଅବସ୍ଥାପିତ ହେଲେ ।

କଟକର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଫ, ସି, ତାଙ୍କ ବଦଳି ରହିତ ହେଲା ।

କଟକ ସଦର ସ୍ୱାଧୀନ ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ ବାବୁ ରାମପ୍ରସାଦ ସିଂହଙ୍କ ଇସ୍ତଫା ମଞ୍ଜୁର ହେଲା ।

[illegible]ସୁର ଡେପୁଟୀ କଲେକ୍ଟର ବାବୁ କାଳମୁକୁନ୍ଦ କାନୁନଗୋ ବନ୍ଦୋବସ୍ତ କାର୍ଯ୍ୟରୁ ଅବ୍ୟାହତି ପାଇ ଓଡ଼ିଶା ବିଭାଗରେ ଅବସ୍ଥାପିତ ହେଲେ ଓ ୧ମ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

କଟକସ୍କୁଲ ବିଭାଗର ଡେପୁଟୀ ଇନସ୍ପେକ୍ଟର ମିଃ ନରେନ୍ଦ୍ରଚନ୍ଦ୍ର ମିତ୍ର କମ୍ପରର ଶିକ୍ଷା ବିଭାଗର ୪ର୍ଥ ଶ୍ରେଣୀରେ କିଛିକାଳ [illegible] ନିଯୁକ୍ତ ହେଲେ ।

---

ଏ ସପ୍ତାହରେ ପ୍ରଚୁର ବୃଷ୍ଟି ହୋଇଅଛି । ନଦୀବଢ଼ି ପ୍ରବଳ ହୋଇ ନାହିଁ । କୃଷି କାର୍ଯ୍ୟର ଯଥୋଚିତ ସୁବିଧା ହୋଇଅଛି ।

ଏଠା ଜେନେରଲ ହାସପାତାଲର ଅଟେଣ୍ଡେଣ୍ଟ ସର୍ଜନ ବାବୁ ଅକ୍ଷୟଚନ୍ଦ୍ର ଘୋଷ ଗତ ପୂର୍ବ ଶୁକ୍ରବାର ଜ୍ୱରରୋଗରେ ପ୍ରାଣତ୍ୟାଗ କଲେ ଅତ୍ୟନ୍ତ ଦୁଃଖର ବିଷୟ ଅଟେ । ଏହାଙ୍କର ବୟସ କି ୨୬ ବର୍ଷ ମାତ୍ର ଥିଲା ଏବଂ ସେ ଅତି ଉତ୍ତମ ଲୋକ ଥିଲେ ।

ଏଠା ଅଦାଲତର କୋର୍ଟଫିସ ଷ୍ଟାମ୍ପ ନାମରେ ପୁଲିସ ଦେଇ ଅଛି ପାଇ ନାହାନ୍ତି । ଦୁଇଜଣ ଷ୍ଟାମ୍ପ ବେଣ୍ଡର ଷ୍ଟାମ୍ପମାନ ବିକ୍ରୀ କରିବା ଅପରାଧରେ ସନ୍ଦେହ ହେବାରୁ ସେମାନେ ଏକ୍ଷଣେ ହାଜତରେ ରହି ବିଚାରାଧୀନରେ ଅଛନ୍ତି ।

କଲିକତା ବମ୍ବେଇ ଏବଂ କରାଚିରେ ପ୍ଲେଗ ରୋଗ ଗତ ସପ୍ତାହ ପରି ରହିଅଛି ।

ଲଣ୍ଡନ ବିଶ୍ୱବିଦ୍ୟାଳୟର ହିନ୍ଦୀ ଓ ଆରବୀ ଭାଷାର ଅଧ୍ୟାପକ ମଉଲବୀ ଅଲ୍ଲାଦ ଅଲି ମୃତ୍ୟୁଗ୍ରାସରେ ପତିତ ହୋଇଅଛନ୍ତି ।

ବଙ୍ଗଳା ଗବର୍ଣ୍ଣମେଣ୍ଟର ସେକ୍ରେଟେରୀ ରେଜଲି ସାହେବ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ଏକ୍ଟିଂ ସେକ୍ରେଟେରୀ ନିଯୁକ୍ତ ହେଲେ ।

ଲଣ୍ଡନଠାରେ ଗୋଟିଏ ଚଉଷଠି ଫୁଟର ଗୃହ ନିର୍ମିତ ହେଉଥିବାର ବିଳାତୀ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି । ବୋଧ ହୁଏ ଏପର୍ଯ୍ୟନ୍ତ ସେଠାରେ ଏପରି ଫୁଟର ଘର ଅଦ୍ୟାପି ପ୍ରସ୍ତୁତ ହୋଇ ନାହିଁ ।

ଜଣେ ଫିରିଙ୍ଗି ଧାଈ କଲିକତାର ସାହେବମାନଙ୍କର ଜେନେରଲ ହସପିଟାଲରେ କାର୍ଯ୍ୟ କରୁଥିଲେ । ଗତମାସ ତା ୯ ଦିନରେ ତାଙ୍କୁ କାର୍ଯ୍ୟରୁ ବରଖାସ୍ତ କରାଗଲା ପରେ ସେହି ଘଣ୍ଟାରେ ସେ ଆପଣା ଆବାସ ଗୃହର କବାଟ ବନ୍ଦ କରି ପ୍ରଥମ ଅଫିମ ବିଷ ଖାଇ ଆତ୍ମହତ୍ୟା କଲା ତହିଁ ଅରଦିନ ବେଳ ଦଶଘଣ୍ଟା ପର୍ଯ୍ୟନ୍ତ କବାଟ ନ ଫିଟିବାରୁ ଗୃହସ୍ୱାମୀ ଘର ଖୋଲି ସେ ମରି ପଡ଼ିଥିବାର ମୃତାଧାତ୍ରୀର ଦକ୍ଷିଣାର ମସ୍ତ ଉପରେ ବିଷ ଶିଶି ରହିଥିବାର ଦେଖିଲେ । ଷ୍ଟେଟ୍ସମେନ ବୋଧହୁଏ ଜୀବନ ଯନ୍ତ୍ରଣା କିମ୍ବା ଉପାୟ ଶୂନ୍ୟତା ହେତୁ ଏ କର୍ମ କରିଅଛି ।

କଲିକତା ନିକଟ ଡାଏମଣ୍ଡ ହାରବରଠାରେ ଜମିକ ଇସ୍ତାହାର ଇନସ୍ପେକ୍ଟର ଅଲ୍ପଦିନ ତଳେ ମୋଗଲୁଣ ଧରିବାକୁ ଯାଇଥିଲେ । ଗ୍ରାମବାସିମାନେ ତାଙ୍କୁ ଦେଖି କୁକୁରର ହୁଗିର ଦେବାରୁ ଇନସ୍ପେକ୍ଟର ବନ୍ଧୁକ ମାରି ଗୋଟିଏ କୁକୁର ନଷ୍ଟ କଲେ । ତହିଁ ଗ୍ରାମବାସିମାନେ ବେଡ଼ିଯାଇ ନିଷ୍ଠୁରଭାବରେ ତାଙ୍କୁ ପ୍ରହାର କଲେ । ବିଚାରରେ ଆସାମୀମାନଙ୍କ ପ୍ରତି ମା * ସ ଲେଖାଏଁ କାରାଦଣ୍ଡ ହୋଇଅଛି ।

ପୂର୍ବଆଫ୍ରିକାର ପୁବାନ୍ସି ନିକଟରେ ଇଂରେଜଙ୍କ ପକ୍ଷରୁ ଜଣେ ଜମାଦାର ଓ ଜ ୫୦ ଶ ସିପାହୀ ଶତ୍ରୁପକ୍ଷର ଗତିବିଧି ଲକ୍ଷ୍ୟ କରିବା କାରଣ ନିଯୁକ୍ତ ଥିଲେ । ଗତ ଜୁଲାଇ ତା ୨୨ ଦିନରେ ଓଗାଡେନ ଜାତୀୟ ଅନେକ ସଶସ୍ତ୍ର ଲୋକେ ସେମାନଙ୍କୁ ହଠାତ୍ ଆକ୍ରମଣ କରି ଜମାଦାର ଓ ଜ ୧୨ ଣ ସିପାହୀଙ୍କି ମାରି ପକାଇଅଛନ୍ତି । ସେମାନଙ୍କର ଗୋଟିଏ ମୃତଦେହ ସିପାହୀମାନେ ଆଣିଥିଲେ ମାତ୍ର ପଛରୁ ଅନେକ ଲୋକେ ତାଙ୍କୁ ଆକ୍ରମଣ ମୃତଦେହ ଛଡ଼ାଇ ନେଇ ଯାଇ ଅଛନ୍ତି ।

ବୋମ୍ବାଇଠାରୁ ସମ୍ବାଦ ମିଳଇ ସେ ଡେଣମିର ଏବଂ ଫିଲ୍ପସ୍ ନାମକ ଜ ୨ ଣ ଲୋକ ବନ୍ଧୁକ ନେଇ ଶିକାର କରିବାକୁ ଯାଇଥିବା ସମୟରେ ଯେମନ୍ତ ବଗିରେ ଚଢ଼ିଲେ ତେମନ୍ତ ଡେଣମିରର ବନ୍ଧୁକ ହଠାତ ଫୁଟି ହୋଇ ଫିଲ୍ପସର ଗୋଡ଼ରେ ବାଜିଲା । ଫିଲ୍ପସ୍‌କୁ ହସପାତାଲକୁ ନିଆଗଲା ମାତ୍ର ସେଠାରେ ତାହାର ଗୋଡ଼ କଟା ଯିବାର କିଛିକ୍ଷଣ ପରେ ସେ ମରିଗଲା । ଡେଣମିର ନାମରେ ବର୍ତ୍ତମାନ ପୋଲିସରେ ମାମଲା ଚଳୁଅଛି ।

ଚୀନ ରାଜ୍ୟର ମାଞ୍ଚୁରିଆ ପ୍ରଦେଶର ରୁଷିଆର ରେଳ ନିର୍ମାଣ କାର୍ଯ୍ୟ ଦ୍ରୁତବେଗରେ ଚାଲୁଅଛି ଏବଂ ଚୀନ ଗବର୍ଣ୍ଣମେଣ୍ଟ ଉକ୍ତ ରେଳନିର୍ମାଣ କାର୍ଯ୍ୟରେ ରୁଷିଆକୁ ସାହାଯ୍ୟ କରୁଥିବାର ପ୍ରକାଶ ପାଏ ।

ପୁନା ଏବଂ ଦକ୍ଷିଣାତ୍ୟର ଅନ୍ୟାନ୍ୟ ଅଞ୍ଚଳର ପାର୍ସିମାନେ ଏକତ୍ରିତ ହୋଇ ଚତୁର୍ଥ ବାରୋନେଟଙ୍କୁ ପାର୍ସି ସମାଜର ଅଧିପତି ସ୍ୱରୂପ ମନୋନୀତ କରିଅଛନ୍ତି ମୋଫସଲର ଅନେକ ପାର୍ସି ସଭାକୁ ଆସିବାକୁ ଅକ୍ଷମ ହୋଇ ତାରବାର୍ତ୍ତା ପଠାଇଥିଲେ ।

ଦକ୍ଷିଣ ଚୀନ ରାଜ୍ୟରେ ଫ୍ରାନ୍ସ ଅନେକ ଭୂଖଣ୍ଡ ଦାବି କରିଥିବାର ସମ୍ବାଦ ମିଳଇ । ଇଂରାଜ ବାଣିଜ୍ୟ ସମର୍ଥିତ ବିସ୍ତୃତ ହେବା ପକ୍ଷେ ବାଧା ଦେବା ନିମିତ୍ତ ଏ ଦାବି ଉପସ୍ଥିତ ହୋଇଅଛି ।

ଗୁଦବାଡ଼ ମେଜିଷ୍ଟ୍ରେଟଙ୍କ ଅଦାଲତରେ କେତେକଜଣ ଡକାଏତଙ୍କ ନାମରେ ମୋକଦ୍ଦମା ବିଚାରିତ ହେଉଥିବା ସମୟରେ ଡକାଏତମାନେ ପଳାଇ ଗଲେ ଏବଂ ସେମାନେ ଆପଣା ଦଳରେ ଅନ୍ୟ ଡକାଏତଙ୍କୁ ମିଶାଇ ଦଳ ବୃଦ୍ଧି କରି ବହୁ ଲୁଟପାଟ ଆରମ୍ଭ କଲେ । ଲୋକମାନେ ସେମାନଙ୍କ ଅତ୍ୟାଚାରରେ ବ୍ୟସ୍ତ ହୋଇ ଆବେଦନ କରିବାରୁ ଜ ୬୦ ଣ ପୁଲିସ ସେମାନଙ୍କୁ ଧରିବା କାରଣ ନିଯୁକ୍ତ ହେଲେ । ହିରସ୍ୱବ ଗ୍ରାମଠାରେ ପୁଲିସ ଓ ଡକାଏତଙ୍କ ଭେଟ ହୋଇ ଯୁଦ୍ଧ ଲାଗିଲା । ସର୍ଦ୍ଦାର ସହିତ ଜ ୧୮ ଣ ଡକାଏତ ପୁଲିସ ଗୁଳିରେ ମରି ପଡ଼ିଲେ ଏବଂ ପୁଲିସ କର୍ମଚାରୀଙ୍କ ମଧ୍ୟରୁ ଜ ୨୧ ଣ ହତ ଓ ଅନେକେ ଆହତ ହୋଇଅଛନ୍ତି ।—କୌଣସି ଡକାଏତ ଧରା ହୋଇଥିବାର ସମ୍ବାଦ ମିଳି ନାହିଁ ।

## ଯାଜପୁର-ସମ୍ବାଦ ।

ଶ୍ରାବଣମାସ ଶେଷ ସପ୍ତାହରେ ଉପର୍ଯ୍ୟୁପରି ଅନବରତ ଲଗାଣ ବୃଷ୍ଟି ହେବାରୁ ଚାଷୀମାନଙ୍କର ଦୁଃଖ ଦୂର ହୋଇଅଛି ଓ କେନ୍ଦ୍ରଣ କାର୍ଯ୍ୟ ଉତ୍ତମରୂପେ ଚଳୁଅଛି । ବର୍ଷାର ଆରମ୍ଭରେ ଚାଷୀମାନେ ଅଧୈର୍ଯ୍ୟ ହୋଇ କେନାଲ ଜଳର ସାଲ ବନ୍ଦୋବସ୍ତ ଦେବାକୁ ଆରମ୍ଭ କରିବାମାତ୍ରେ ଲଗାଣବର୍ଷା ହେବା ଦେଖି ଆଉ ଏକସପ୍ତାହ ମଠାଇଥିଲେ ବୋଧହୁଏ ଆଉ କେତେକ ହଜାରମାଣ ଜମିର ଜଳ ବନ୍ଦୋବସ୍ତ ହୋଇ ଯାଇଥାଆନ୍ତା । ଗତ ଅଗଷ୍ଟମାସ ତା ୭ ଦିନରେ ପ୍ରାୟ ପାଞ୍ଚଶତ ଲୋକ ଜଳକର ବନ୍ଦୋବସ୍ତ ନେବାକୁ ଆସିଥିଲେ ମାତ୍ର ସେହି ଦିନରୁ ଲଗାଣ ବୃଷ୍ଟି ଆରମ୍ଭ ହେବାରୁ ସେମାନେ ଆଉ ଜଳକର ଅର୍ଥର ମୁଣ୍ଡ ଡଣ୍ଡି କରି ନାହାନ୍ତି ।

ଅସ୍ମମାନଙ୍କର ସବଡିଭିଜନ ମାଜିଷ୍ଟ୍ରେଟ ବାବୁ ବ୍ରଜଦୁର୍ଲଭ ଦାସ ବୃଷ୍ଟିହାନିର ମୋଫସଲ ଗସ୍ତ ଆରମ୍ଭ କରିଅଛନ୍ତି ମାତ୍ର ମୋଫସଲରେ ମକଦ୍ଦମାମାନଙ୍କର ବିଶେଷ ଅସୁବିଧା ଓ କଷ୍ଟ ହେବାର ଜାଣି ସୁବିଜ୍ଞ ପୂର୍ବକ ମାଲିମ ମକଦ୍ଦମା ସଙ୍କ୍ରାନ୍ତ କାଗଜପତ୍ର ମଫସଲ ଗସ୍ତକୁ ନ ନେଇ କେବଳ ଏକଜଣ ଅମଲା ସଙ୍ଗରେ ନେଉଥିବାରୁ ସର୍ବସାଧାରଣର ବିଶେଷ ଉପକାର ହେଉଅଛି । ଅନ୍ୟାନ୍ୟ ସବଡିଭିଜନ ମାଜିଷ୍ଟ୍ରେଟମାନେ ଏହି ରୀତିର ଅନୁକରଣ କଲେ ବିଶେଷ ଉପକାର ହେବ ।

ସୁକିନ୍ଦା ଜମିଦାରୀ ଜନକଡ଼ ନିବାସୀ ଜନୈକ ପାଣ ଜଙ୍ଗଲ ମଧ୍ୟରେ ଏକ ଆମ୍ବଗଛର ଡାଳରୁ ଶାଗୁ ଅର୍ଥାତ୍ ଟେର କାହାର ମାଟିରେ ପୋତା ହୋଇଥିବାର ଦେଖି ତାହାର ମୂଳକ ଅତ୍ୟାଚାରୀଙ୍କଠାରେ କହିବାରୁ ଧୀର ମହନ୍ତି ଉକ୍ତ ପାଣ ସହିତ ଜଙ୍ଗଲକୁ ଯାଇ ଉକ୍ତ ଶାଗୁ ରହିଥିବା ସ୍ଥାନର ମୃତ୍ତିକା ଖୋଳି ସେଠାରେ ପୋତା ହୋଇଥିବା ଏକଗୋଟି ଟଙ୍କା କାହାର କର ଅଣି ପାଣକୁ ଅଂଶ ନ ଦେବାରୁ ପାଣ ସେ ବିଷୟ ସାଧାରଣରେ ପ୍ରକାଶ କରିଦେଲା ପୁଲିସ ତାହା ଶୁଣି ପାଣଠାରୁ ଉକ୍ତ ନେଇ ଜଙ୍ଗଲକୁ ଯାଇ ସେ ଆମ୍ବଗଛ ମୂଳେ ସେଠାରେ ମାଟିରେ ପରୀକ୍ଷା କରି ଉକ୍ତ ସ୍ଥାନରୁ ତନ୍ନପୂର୍ବ ଗଡ଼ାରେ ମାଟି ଖୋଳା ହୋଇ ଏକଗୋଟି ସେ ବ· ଭଣ୍ଡାର ଦେଖି ଅତ୍ୟାଚାରୀଙ୍କର କବାକବେଳା ।

Digitized by srujanika@gmail.com

Split by PDF Splitter



...ନ ସମସ୍ତ ଖର୍ଚ୍ଚ ଅସ୍ୱୀକାର କରି ଛାଡ଼ ପୂର୍ବର ଉପୋ... ଦେ ମକଦ୍ଦମା ଦାୟର ହୋଇ ବିଷୟରେ ପ୍ରମାଣ ଅଭାବରୁ ... ଖାରଜ ହୋଇଅଛି ।

ଯାଜପୁର ଥାନାର ଅନ୍ତର୍ଗତ କେଶମାଧବ ଗ୍ରାମରେ ଏକ ... ସ୍ତ୍ରୀଙ୍କର ଏକ ଗାଭୀ ପ୍ରାୟ ଦେଢ଼ବର୍ଷ ପର୍ଯ୍ୟନ୍ତ ଗର୍ଭବତୀ ହୋଇ ଏକ ଅଦ୍ଭୁତ ମୃତବତ୍ସ ପ୍ରସବ କରିଅଛି ଉକ୍ତ ବତ୍ସ ... ରେ ପ୍ରାୟ ତୁ ୪ ହାତ ଅଟେ ତାହାର ଦେହ ସର୍ପ ପ୍ରେମ... ରେ ଅବିକଳ ମନୁଷ୍ୟ ମାର୍ଜ୍ଜାର ମୁଖପରି ମୁଣ୍ଡ ଉଦର ସ୍ଥଳରେ ...ପୂର୍ଣ୍ଣ ଏକଥଳୀ ଯି ବା ପୁଂସର ଚିହ୍ନ କିଛିମାତ୍ର ନାହିଁ ।

ଥାନା ଅନ୍ତର୍ଗତ ସିଙ୍ଗପୁର ଗ୍ରାମରେ ଏକ ମୂଷୀଥର ଏକକାଳୀନ ଦୁଇଗୋଟି ପୁତ୍ର ଓ ଏକଗୋଟି କନ୍ୟା ଏପରି ତିନିଗୋଟି ସନ୍ତାନ ଜନ୍ମ ହୋଇ ସମସ୍ତେ ମୃତ୍ୟୁଗ୍ରାସରେ ପତିତ ହୋଇଅଛନ୍ତି ।

## ପତ୍ର ପ୍ରେରକଙ୍କ ପ୍ରତି

ଶ୍ରୀ ବ୍ରହ୍ମାନନ୍ଦ ପଟ୍ଟନାୟକ—ମେଦ୍ଦ ପ୍ଲେଗରେ ବହୁ କର୍ଣ ପୀଡ଼ିତ ହୋଇ ପଡ଼ିଛି ପାରେଣ୍ଟ ସେନାପତିଙ୍କ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବାର ଲେଖିଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ

ମହାଶୟ !

ନିମ୍ନ ଲିଖିତ ବ୍ୟବସ୍ଥାଟିକୁ ଆପଣଙ୍କ ଜଗଜ୍ଜ୍ୟୋତିର୍ମୟୀ ପତ୍ରିକାର ଏକ ଦେଶରେ ସ୍ଥାନ ଦାନ କଲେ ଅତି କୃତଜ୍ଞତା ପାଶରେ ଆବଦ୍ଧ ରହିବି ତଦ୍ୟଥା;—

ସ୍ତ୍ରୀଲବୋଢ଼ାଯୁତ୍ ଯୁବତ୍ୟାଃ ଜନକାନ୍ୟାଲୟସ୍ଥିତାୟାଃ, ଷଡ଼ଣ୍ୟବ୍ଦକାବଧି ପଞ୍ଚଦଶବର୍ଷାନ୍ୟଂ ପ୍ରୋଷିତଂ ଯଚ୍ଚ ବହ୍ୱାଯ୍ୟାକଦିଗ୍ଣାସ୍ଥାନଂ ଗତାୟାସ୍ତଦିନାବଧି ସାର୍ବ୍ବେକସମ୍ପ୍ରତଂ ସ୍ୱଦାକହୁର୍ଗତାୟାଃ ତସ୍ୟାସ୍ତିଷ୍ଠ ପ୍ରାୟାଃ ସ୍ୱାମୀ ପ୍ରାୟଶ୍ଚିତ୍ତୀ ଉତେକବେତ କସ୍ୟ ତତ୍ପ୍ରଶ୍ନଃ ।

| । ତ । ଦରପଣ<br>। ସା । ଖାସନ—<br>ପୁରୁଷୋତ୍ତମପୁର | ପ୍ରେରକ<br>ଶ୍ରୀ ନାରାୟଣ ମିଶ୍ର |
|---|---|

—※—

ମହାଶୟ !

। ଜ । କଟକ । ପ୍ର । ଗାଡ଼େ । ଗୌ । ସନ୍ଧରଦାରର ମୋହନ ନାୟକ ନାମକ ଜଣେ ଅନ୍ଧ ଅଛି ତାହାର ବ୍ୟବହାର ଓ କାର୍ଯ୍ୟ ଦେଖି କେଉଁ ଲୋକ ଆଶ୍ଚର୍ଯ୍ୟାନ୍ୱିତ ନ ହେବ ? ଏପରିକି କୃଷିକ୍ଷେତ୍ରରେ ପ୍ରବେଶ କରି କ ଅନ୍ଧ କୌଶଳରେ ଧାନ୍ୟ ଓ ଘାସଆଦି ବାଛି ଦେଉଅଛି ଯେ କେଉଁ ଲୋକ ତାହାର କଳାଧାନରୁ ଘାସ ଓ ବଳାଘାସରୁ ଧାନ ବାହାର କରିପାରିବ ? ଅଧିକନ୍ତୁ ମଧ୍ୟ ଯେ ଅନେକ ଲୋକଙ୍କ ଦଣ୍ଡିତସ୍ୱଜନ୍ ଧରି ପଦାର୍ଥ ସବୁ ଠିକରୂପେ ତୁଳନା କରି ଦେଉଅଛି ଧନ୍ୟ ପରମେଶ୍ୱର ! ତୁମ୍ଭ ମହିମା ମଧ୍ୟ ଧନ୍ୟ ତୁମ୍ଭେ ଏପରି କେତେ ଆଶ୍ଚର୍ଯ୍ୟ ପଦାର୍ଥ ସୃଜିଅଛ ।

| ୧୦।୮।୯୮ | ଜଣେ ଦର୍ଶକ |
|---|---|

— —

ମହାଶୟ !

ନିମ୍ନଲିଖିତ କେତେ ବିଷୟ ଗୁଡ଼ିକୁ ସ୍ଥାନ ଦାନ କରି ଉପକୃତ କରିବା ହେବେ ।

ଗତତ ମାସ ତା ୬ ରିଖ ଦିନ ଏହି ସୁରଙ୍ଗି ଦୁର୍ଗରେ (ସ୍ୱଜାସ୍ ଷ୍ଟେଟେସ ଲ୍ ଡିସ୍ପେନସରି) ନାମକ ଗୋଟିଏ ଔଷଧାଳୟ ସ୍ଥାପିତ ହେଲା ! ଉକ୍ତ ଅଲପ୍ଷ୍ଟ ପ୍ରାୟ ଟ ୬୦୦୦ ଙ୍କାରେ ନିର୍ମାଣ କରା ଯାଇଅଛି । ଗୃହଟି ଦେଖିବାକୁ ସୁନ୍ଦର ଓ ମନୋହର ହୋଇଅଛି । ପୁଣି ଗତ ଜୁନ ମାସ ତା ୪ ଦିନରେ ଏଠାରେ (ସ୍ୱଜାସ୍ ପ୍ରାଇମେରୀ ସ୍କୁଲ ନାମକ—ମହାରାଜାଙ୍କ ହାରା ସ୍ଥାପିତ ହୋଇଅଛି ଉକ୍ତ ସ୍କୁଲରେ ପ୍ରାୟ ୩୦ । ୪୦ ବାଳକ ବିଦ୍ୟାଭ୍ୟାସ କରୁଅଛନ୍ତି ।

ଉକ୍ତ ଡିସ୍ପେନସରି ସ୍ଥାପିତ ହେବା ଦିନ ଲୋକ ପ୍ରାୟ ୩୦ କିମ୍ବା ୪୦ ରୋଗୀ ଉପସ୍ଥିତ ହେଉଅଛନ୍ତି । ଡାକ୍ତର ଜର୍ଜ ବେଲ ନାମକ ଜଣେ ଇଂରାଜ ଉକ୍ତ ଡିସ୍ପେନସରିର କାର୍ଯ୍ୟ ଗ୍ରହଣ କରିଅଛନ୍ତି । ଏ ମହାଶୟଙ୍କ ସଦ୍ବ୍ୟବହାର ଦେଖି ଲୋକେ ଅତି ପ୍ରୀତି ହୋଇ ଔଷଧ ସେବନ କରୁଅଛନ୍ତି । ବଡ଼ ସୁଖର ବିଷୟ । ଏହିସବୁ ହିତକର କାର୍ଯ୍ୟ ନିମନ୍ତେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ଯେ ମହାରାଜା ଚିରଜୀବୀ ହୋଇ ଏବଂ ହିତୈଷୀର ସ୍ୱ ଦେଶର ଅନ୍ୟାନ୍ୟ ହିତ ସାଧନରେ ପ୍ରବୃତ୍ତ ହେଉନ୍ତୁ ।

| ସୁରଙ୍ଗି ଗଡ଼<br>୧୦ । ୮ । ୯୮ | ଆପଣଙ୍କର<br>ବଶମ୍ବଦ<br>ଜଣେ ସମ୍ପାଦକ |
|---|---|

———

ମହାଶୟ !

ଏହି ପଡ଼ିବାସ୍ତୁ ପଦ୍ୟଟି ଆପଣଙ୍କର ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ ଦାନ କରିବେ ।—

ସ୍ୱଦେଶ ବନ୍ଧୁ ବାବୁ ମଧୁସୂଦନ

ସ୍ମରଣେ ଦଶିଅଙ୍କ ଟବାଗମନ,

ତର ଜଦମ୍ବ ବେଲ ଉଦ୍ଧ ଲୋକରୁ
ସଜାଇ ଅଶୁବାର ଲୋକ ନେଇରୁ ।

୧

ତୁମ୍ଭସ୍ମୃ ଛାଡ଼ି ଗୁଣ ଗ୍ରାମ ସକଳ
ଯିବ କି ଏ ଜୀବନେ ମନୁ ଚଞ୍ଚଳ,
ମୁଁ କିମ୍ବା ସେ କରିଛି, ପ୍ରିୟ ଅଳାପ
ଧୀରତା ଧଇବ କି ଛତ୍ତି କଲାପ ।

୨

ଜୀବନ ସ୍ରୋତେ ଆଶା କଳ୍ପନା ଗୁଣ
ତୁହିଣ ଯିବ ବେଗେ, ସ୍ଥଳ କି ଜଳ,
ତାର ସନ୍ତାନ କରି ଅଣପୁ ଶୀନ
ସମସ୍ତ ସାଗରରେ ହେଲ ଲୀନ ।

୩

କାଳାନ୍ତ ଶାନ୍ତେ ଥିଲା ବନ୍ଧୁ କ୍ଷମତା
ହୃଦଭ ମାର୍ଗେ-କରିଥିଲ ମମତା;
ତଥାଲ କାର୍ଯ୍ୟେ ଦେଇ ଜଳଅର୍ପଣ
ମୂର୍ତ୍ତିର ସ୍ୱତା ଅନୁସରଣ କରି ।

୪

ମଙ୍ଗଳମୟ କରୁ ହୋଇ ଉଦୟ
ରଅରୁ ସ୍ୱର୍ଗଧାମେ ତୁମ୍ଭ ଆତ୍ମାସ୍ୱୀ
କର୍ତ୍ତୃତ୍ୱ ଯହିଁ ସଦା, ସୁଧା ଅମୃତ
ଲିପିତ୍ରେ ବାସ କରି ଲଭଣ ମୂଦ ।

*

| ୧୦।୮।୯୮<br>ବାଲେଶ୍ୱର | ଆପଣଙ୍କର<br>ଶ୍ରୀ କୃପାସିନ୍ଧୁ ଭୂୟାଁ |
|---|---|

## ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ବାବୁ ପଦ୍ମଚରଣ ଦାସ | ସୋରଠ | ୫ ୩ ୧ |
| " ବସନ୍ତଚରଣ ଦାସ ଡେପୁଟିକଲେକ୍ଟର କଟକ | | ୫ ୩ ୧ |
| " କୃଷ୍ଣଚନ୍ଦ୍ର ମହାନ୍ତି | " | ୫ ୧ ୧ |
| " ଦାମୋଦର ବାହିନୀପତି | ଯାଜପୁର | ୫ ୨ ୧ |

## ସିନ୍ଧେଶ୍ୱର ଦୂର ହୃଦୟଙ୍କ ପ୍ରଦର୍ଶିତ ସଭା ପୁସ୍ତକାଗାର ଦାନ ପ୍ରାପ୍ତି ।

| | | |
|---|---|---|
| ବାବୁ ହରେନ୍ଦ୍ର ନାରାୟଣ ରାୟ ମହାଶୟ | ଲକ୍ଷ୍ମଣନାଥ | ଟ ୧୦ ୯ |
| ବାବୁ ଗୌରୀଶଙ୍କର ରାୟ | କଟକ | ଟ ୬୦ ୯ |
| ଶ୍ରୀ ମହାରାଜା | ଆଠମଲ୍ଲିକ | ଟ ୫ ୯ |
| ଶ୍ରୀ ସଚ୍ଚିଦାନନ୍ଦ ଦେବ | ବାମଣ୍ଡା | ଟ ୧୦ ୯ |
| | ମୋଟ | ଟ ୪୫ |

| ୧୮ । ୮ । ୯୮ | ଶ୍ରୀ ଗୌରୀଶଙ୍କର ରାୟ<br>କୋଷାଧ୍ୟକ୍ଷ |
|---|---|

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଶ୍ରୀ ବ୍ରଜମୋହନ ଶାରଳାଦାସଙ୍କର ଅଷ୍ଟାଦଶପର୍ବ

ସଚିତ୍ର

## ମହାଭାରତ ।

ଏହା ଓଡ଼ିଆବାସିଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଳଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେମନ୍ତ ଅଧିକ ଗ୍ରନ୍ଥ ପ୍ରାପ୍ତିର ଅଭାବ ତତୋଧିକ ଅତଏବ ପୁରାଣପ୍ରକାଶକ କମ୍ପାନୀ ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼ସଙ୍କଳ୍ପ ହୋଇଅଛନ୍ତି ଅତଏବ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତିଶୟ ବୃହତ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁନ୍ଦର ସୁନ୍ଦର ଛବି ମଧ୍ୟ ଦିଆ ଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ଥାନବିଶେଷରେ ଦିଆ ଯିବ । ସାଧାରଣଙ୍କ ସୁବିଧା ନିମିତ୍ତ ଏକ ଏକ ପର୍ବ ବିକ୍ରୟ ହେବ । କ୍ରମେ କ୍ରମେ କ୍ରୟ କଲେ ମୂଲ୍ୟ ବିଷୟ ଜଣାଯିବ ବାଧିବ ନାହିଁ । ବର୍ତ୍ତମାନ ସଚିତ୍ର କର୍ଣ୍ଣ, ଶଲ୍ୟ, ଗଦା, ଐଷିକା, ଶାନ୍ତି ଓ ନାରୀପର୍ବ, ଆଶ୍ରମିକ ଓ ଅଶ୍ୱମେଧ ପର୍ବ ଓ ମୂଷଳୀପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

| | | | |
|---|---|---|---|
| କର୍ଣ୍ଣପର୍ବ | ଟ ୦।୵ | ଡାକମାସୁଲ | ଟ ୦୧୬ |
| ଶଲ୍ୟପର୍ବ | ଟ ୦।୷ | „ | ଟ ୦୧୬ |
| ଗଦାପର୍ବ | ଟ ୦। | ଡାକମାସୁଲ | ଟ ୦୧୬ |
| ଐଷିକାପର୍ବ | ଟ ୦।/ | „ | ଟ ୦୧୬ |
| ନାରୀ ଓ ଶାନ୍ତିପର୍ବ | ଟ ୦।୷ | „ | ଟ ୦୧୬ |
| ଆଶ୍ରମିକ ପର୍ବ ଓ ଅଶ୍ୱମେଧ ପର୍ବ | ଟ ୦୳ | „ | ଟ ୦୧୬ |
| ମୂଷଳୀ ପର୍ବ | ଟ ୦।୵ | „ | ଟ ୦୧୬ |

## ଧ୍ରୁବଲୀଳା ।

ଅଦ୍ୟପର୍ଯ୍ୟନ୍ତ ଯେତେ ପୁସ୍ତକ ବାହାରି ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ ଏହା ସର୍ବୋତ୍କୃଷ୍ଟ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ୧୦୨ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ପୁସ୍ତକ ସ୍ଥଳେ ଭାଗବତ ଗୀତରେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏଥିର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ ।

କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ଟ ୦।୵ ମୋଫସଲ ଗ୍ରାହକଙ୍କୁ ମୂଲ୍ୟଛଡ଼ା ୵୦୧୬ ଡାକମାସୁଲ ପଡ଼ିବ ।

ବାମନଦ୍ୱିବେଦୀ ।

## ବିଜ୍ଞାପନ ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ହତାରେ କଟକଟାଇପ ଫାଉଣ୍ଡ୍ରୀ କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି । ଇଂଲିଶ ଓ ସ୍ମଲପାଇକା ସାଇଜର ଓଡ଼ିଆଅକ୍ଷର ଓ ଇଂରାଜୀ ସ୍ମଲପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଇଟଲନକ୍ସା କୌଣସି ଛାପାଖାନା ପାଇଁ କାହାର ପ୍ରୟୋଜନ ହେଲେ ସେ ଆମ୍ଭଙ୍କୁ ବରାତ ଦେଲେ ଆମ୍ଭେ ଯୋଗାଇ ପାରିବୁଁ । ଆବେଦନ କଲେ ଅକ୍ଷରାଦିର ନମୁନା ଦେଖି ଦର ଜାଣି ପାରିବେ ।

ଦରଘାବଜାର କଟକ } ଶ୍ରୀ ଗୌରୀଶଙ୍କର ରାୟ ମାନେଜର

ଦ୍ୱିତୀୟ ସଂସ୍କରଣ ।

## ସରଳ-ଶରୀର ରକ୍ଷା ।

ପରିବର୍ଦ୍ଧିତ ଓ ନୂତନ ଚିତ୍ରଯୁକ୍ତ ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭ କୃତ ଉପରୋକ୍ତ ପୁସ୍ତକ, ବେଙ୍ଗଲ ଗବର୍ଣ୍ଣମେଣ୍ଟ ଶିକ୍ଷାବିଭାଗୀୟ ଡାଇରେକ୍ଟର ସାହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ କର୍ତ୍ତୃକ ସମସ୍ତ ଉତ୍କଳର ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ କଟକ-ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ଖ ୧୫୦୦୦ ଖଣ୍ଡ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ଶରୀରରକ୍ଷାର ପ୍ରଶ୍ନୋତ୍ତର ପ୍ରତିଖଣ୍ଡକୁ ପାଞ୍ଚପଇସା

ଓଡ଼ିଆ ହସ୍ପିଟାଲ ମେଡିକେଲ ହଲ ବାଲୁବଜାର କଟକ } ଡାକ୍ତର ଶ୍ରୀ ରାମକୃଷ୍ଣ ସାହୁ

ଆମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କ ଭୋଜନସାମଗ୍ରୀ ଏବଂ ରାସ୍ତାଖର୍ଚ୍ଚ ବିବେଚନା ମତେ ଦିଆଯାଏ । ବର୍ତ୍ତମାନ କେତେକଦିନ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଅସ୍ତୁ ନ ଥିବାରୁ ଆମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ୱାରା ତୀର୍ଥବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଁ ଅଛୁ କି ସେମାନେ ତୀର୍ଥକୁ ଯିବା ସମୟରେ ଆମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଆମ୍ଭେ ସାଧ୍ୟ ଅନୁସାରେ ସେମାନଙ୍କର ଚର୍ଚ୍ଚା କରି ଆପଣାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୬।୯୮

ଶ୍ରୀ ମହାଜନ ବାଳ ସାହୁ
। ସା। ଜଳସର ବ୍ରହ୍ମପୁର । ପୋ। ବରୁ ଆ
ଯାଜପୁର ସବ ଡିଭିଜନ
ଜିଲ୍ଲା କଟକ

## ଦୀର୍ଘକାଳର ପରୀକ୍ଷିତ ।

## ଯାଦୁର ଅବ୍ୟର୍ଥ ମହୌଷଧ ।

ସର୍ବପ୍ରକାର ଦଦ୍ରୁ ରୋଗର ଏହାପରି ଶୀଘ୍ର ଫଳପ୍ରଦ ଔଷଧ ଆଉ ଦ୍ୱିତୀୟ ଦେଖା ଯାଇ ନାହିଁ ।

ମୂଲ୍ୟ ପ୍ରତିଡବା ଟ ୦।୵ ଛ ଅଣା । ମାଶୁଲ ଓ ଭିଃ ପିଃ ଖର୍ଚ୍ଚ ସ୍ୱତନ୍ତ୍ର । ଏକତ୍ରରେ ଅଧିକ ନେଲେ ବିଶେଷ ସୁବିଧା ଅଛି ।

ଏହି ଔଷଧର ବିଶେଷ ଗୁଣ ଏହିକି ବିନା ଜ୍ୱାଳା ଯନ୍ତ୍ରଣାରେ କେବଳ ଦୁଇ ତିନି ଦିନ ମଧ୍ୟରେ ଯେତେ କଠିନ ଅସାଧ୍ୟ ଦଦ୍ରୁରୋଗ ହେଉ ନା କାହିଁକି; ଫଳ ନ ଦେଖାଇ [illegible] ନାହିଁ । ଏହେତୁ [illegible] ପ୍ରତ୍ୟେକ ବ୍ୟକ୍ତିଙ୍କୁ [illegible] ଯାଉଅଛି; ଅନ୍ତତଃ ଥରେ ହେଲେ ଏହାକୁ ପରୀକ୍ଷା କରି ଦେଖିବାକୁ କଦାପି ଉପେକ୍ଷା ନ କରନ୍ତୁ କ୍ଷତି କିଛିମାତ୍ର ନାହିଁ ବରଂ ଅଶେଷ ଉପକାରର ସମ୍ଭାବନା ଅଛି । ଶତ ଶତ ବ୍ୟକ୍ତି ଏଥିରେ ରୋଗ ମୁକ୍ତ ହୋଇ [illegible] ଏହାର ଉପକାରିତା ସ୍ୱୀକାର କରି ପ୍ରଶଂସାପତ୍ର-ମାନ ଦେଇଅଛନ୍ତି ।

କଟକର ଗ୍ରାହକମାନଙ୍କ ସୁବିଧାର୍ଥ କଟକ ପ୍ରିଣ୍ଟିଂକମ୍ପାନୀ ପ୍ରେସରେ ଏହି ଔଷଧ ପ୍ରଚୁରପରିମାଣ ବିକ୍ରୟ ସକାଶେ ରହିଅଛି । ଯାହାର ଆବଶ୍ୟକ ହେବ ସେ ଏ ସ୍ଥାନରୁ କ୍ରୟ କରିବେ ।

## ବିଶେଷ ଦ୍ରଷ୍ଟବ୍ୟ ।

ଯେ କେହି ଔଷଧ ପାଇଁ ପ୍ରାର୍ଥୀ ହେବେ ସେ ଯେମନ୍ତ ଆପଣାର ନାମ, ଧାମ ଡାକଘର ଜିଲ୍ଲା ଏବଂ ଔଷଧ କେତେ ଡବା ନେବେ ଏମାନ ସ୍ପଷ୍ଟରୂପେ ଲେଖିବାକୁ କଦାପି ଭୁଲିବେ ନାହିଁ ।

ପ୍ରାପ୍ତିସ୍ଥାନ
ଶ୍ରୀ ରାମତାରକ ସେନ
ଦେବ ଉତ୍କଳପ୍ରେସ, ବାଲେଶ୍ୱର ।

Digitized by srujanika@gmail.com

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଏ ଅନୁଗୁଳ ଜିଲ୍ଲାରେ ଟିକା ଦେବା ନିମନ୍ତେ ଜଣେ ଲାଇସେନ୍ସ ଭ୍ୟାକ୍ସିନେଟର ଆବଶ୍ୟକ। ଯେଉଁମାନେ ଲାଇସେନ୍ସ ନେଇ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି ସେମାନେ ଚଳିତ ମାସ ତା ୨୫ ରିଖ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଆବେଦନ କରିବେ।

Dated The 2nd August 1898 } SATIS CHANDER MUKERJI. Asst Surgen & Supdt. of Vacc. Angul.

## ନାମାଙ୍କିତ ରବର ମୋହର।

କନ୍ଦୁକା ଜ.ଜା ଢ୍ରେଇର ଥିଲେହେଁ କେବଳ ଗୋଟିଏ ଏଠାରେ ତିଆରି।




ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ଅକ୍ଷରରେ ଗ୍ରାହକଙ୍କ ଆଦେଶ ମତେ ସୁଲଭ ମୂଲ୍ୟରେ ପ୍ରସ୍ତୁତ ହୋଇ ଭେଲ୍ୟୁପେବଲ ଡାକ ଯୋଗେ ପଠାଇ ଦିଆଯିବ। ଯେ ଯେଉଁ ଭାଷାରେ ନେବାକୁ ଇଚ୍ଛା କରିବେ ସ୍ପଷ୍ଟ ଲେଖି ପଠାଇବେ। ଅର୍ଡର ସଙ୍ଗେ ୨ ଗୋଟିଏ ଟଙ୍କା ଅଗ୍ରୀମ ପଠାଇବାକୁ ହେବ। ବାକି ଯାହା ରହେ ଗ୍ରାହକ ଅଙ୍ଗୀକାର କରିବ ସେତେବେଳେ ମୋହର ପ୍ରାପ୍ତି ସମୟରେ ଡାକ ଘର ଭିତରେ ଦେଇ ପାର୍ଶଲ ଗ୍ରହଣ କରିବେ — ଆଠଅଣାଠାରୁ ଏକଟଙ୍କା ପର୍ଯ୍ୟନ୍ତ ଅକ୍ଷରର ମୋହରର ମୂଲ୍ୟ ଟ ୧ ଙ୍କା ତହିଁରୁ ଯେତେ ବଡ଼ ହେବ ମୂଲ୍ୟ କ୍ରମେ ବେଶୀ ହେବ। କାଲି ଓ ଗଦିର ମୂଲ୍ୟ ଟ ୦ ୧ ଭେଲ୍ୟୁପେବଲ ଖର୍ଚ୍ଚ ସ୍ୱତନ୍ତ୍ର।

ରିପ୍ଲାଇ କାର୍ଡ଼ ବା ଡୁଇପଇସାର ଷ୍ଟାମ୍ପ ନ ପଠାଇଲେ କୌଣସି ଉତ୍ତର ଦିଆ ଯିବ ନାହିଁ

କଟକ ପ୍ରିଣ୍ଟିଂକମ୍ପାନୀ ଅଫିସ ଦରଘାବଜାର ଠିକଣାକୁ ପତ୍ର ଲେଖିଲେ ପାଇ ପାରିବେ।

ଶ୍ରୀ ଭଗୀରଥୀ ସାଥିଆ

### ବନାରସ ମାଲ।

ବନାରସରେ ଆମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି। ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଆମ୍ଭର କାର୍ଯ୍ୟ ଆମ୍ଭେ ଗ୍ରାହକର ନାନାସ୍ଥାନବାସୀ ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ। ଆମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ଉଣ୍ଡମାତ୍ର ଆଶଙ୍କା ନାହିଁ। ବାମଣ୍ଡା, କେନ୍ଦୁଝର, ପାଟନା, ଅଠମଲ୍ଲିକ, ସୁବର୍ଣ୍ଣଗଡ଼, ସରେଇକଲା ପ୍ରଭୃତି ସ୍ଥାନର ମହାରାଜ ବାହାଦୁରମାନଙ୍କ ନିକଟରେ ବହୁ ଦିନରୁ ଆମ୍ଭର କଥା ପରିଚିତ ଥିବାର ଜଣା ପଡ଼ିବ। ଯାହାଙ୍କର ଯେ ଜିନିଷ ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅବିଳମ୍ବେ ଭେଲ୍ୟୁପେବଲ ପାର୍ଶଲରେ ପଠାଇ ଦିଆ ଯିବ। ମାଲ ମନୋମତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆ ଯିବ ବା ଟଙ୍କା ଫେରି ଦିଆଯିବ। ଲିଖିତ ମାଲର ନମୁନା ଗ୍ରାହକଙ୍କୁ ଦେବାକୁ ପଡ଼ିବ।

ଆମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ପଦାର୍ଥମାନ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥାଏ। ଯଥା ବନାରସୀ କିମଖାବ ଶାଢ଼ୀ, ଯୋଡ଼ ଉତ୍ତରୀ, ଟୋପି, କୋଟ, ଫେଟା, ଡଂଗାଶ ବାସ୍ତା, ଜରି ବୋପଟ୍ଟା ମଖମଲ, ଚିକଣ ବାନ୍ଧିବା ପେଟୀ, ରୁମାଲ, ଶାଲ ଏବଂ ନାନା ପ୍ରକାର ଲଘୁଦ ଖଚିତ ଅଙ୍ଗୁରୀ ପ୍ରଭୃତି।

ଏହା ଛଡ଼ା ସୁନା ରୂପାର ବାସନ, ଛୁରୀ, ରୂପାର ଗିଲଟି କରା ହାତର କାରୁକା ପ୍ରଭୃତି ପଦାର୍ଥ ବରାତ ଅନୁସାରେ ତିଆର କରାଯାଏ। ବରାତ ଦେବାବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ। କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ।

ଗ୍ରାହକେ ପତ୍ର ପଠାଇ ପଦାର୍ଥ ମଗାଇଲେ ଆଉ କେଉଁ ଠିକଣାରେ ଓ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ। ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାପା (ବହିରାବରଣ) ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଆମ୍ଭର ହସ୍ତଗତ ହେବ।

ଶ୍ରୀ ପାଲ୍ଲମାଲ ଭୋଲାନାଥ
ଭୃଷ୍ଣଗଳ ଫାଟକ ବନାରସ ସିଟି



ହିଲବରକେଶ ମୂଲ୍ୟ ଟ ୧୬ ୯

ଗ୍ରାହକେ କଲିକତା ଯାଉଁରେ ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଓଆଚ ଆମ୍ଭ ଦୋକାନରେ ବିକ୍ରିପାଇଁ ପ୍ରସ୍ତୁତ ଅଛି। ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଆମ୍ଭ ଦୋକାନରେ ତତ୍ତ୍ୱ କଲେ ସମସ୍ତ ବିଷୟ ବୁଝି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ ଭେଲ୍ୟୁଗ ପାଇ ପାରିବେ।

ଚୌଧୁରୀବଜାର } ସେଖ ଅବଦୁଲଅଜିଜ
କଟକ } ଓଆଚ ମେକର ଓ ଜୁଏଲର

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, [illegible]

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | [illegible] |
| ଅର୍ଦ୍ଧସ୍ତମ୍ଭ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ [illegible] |

ସାତ ଗୋଟିଏ [illegible] ଠାରୁ ନ୍ୟୁନ ହେଲେ [illegible] ଦେବ [illegible]।

ବିଜ୍ଞାପନ ଓ [illegible] ସକାଶେ ଖର୍ଚ୍ଚ [illegible] ଓ [illegible] ହେବ।

ଅଗ୍ରିମ [illegible] ବିଜ୍ଞାପନ [illegible] ଛାପାଇବାକୁ ହୋଇଯିବ

[illegible] ଠିକଣାକୁ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସମ୍ବାଦ ପତ୍ର ଉତ୍କଳ ବାଲେଶ୍ୱର [illegible] କଟକ ଯନ୍ତ୍ରାଳୟରେ ମୁଦ୍ରିତ ଓ [illegible] ପ୍ରକାଶିତ